ବର୍ଷ-୨୬, ସଂଖ୍ୟା-୧୮୪
ଭୁବନେଶ୍ୱର
୧୦, ଜୁଲାଇ ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 184
Bhubaneswar
10 July, 2026, Friday
Page-08, Rs.: 2.00


# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com


Mahabharat



ଇଣ୍ଡିଆନ ଆଇଡଲ୍ ଫାଇନାଲରେ ଜ୍ୟୋର୍ତିମୟୀ

# ରାଜ୍ୟରେ ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନର ଶୁଭାରମ୍ଭ

**ଭୁବନେଶ୍ୱର,୯।୭(ପିଆଇବି):** ଭାରତର ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର ଓ ପ୍ରଗତିଶୀଳ 'ନୀଳ ଅର୍ଥବ୍ୟବସ୍ଥା' ଇତିହାସରେ ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଜାତୀୟସ୍ତରର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମୁକ୍ତ ସାଗରରେ ଦୀର୍ଘସ୍ଥାୟୀ ମତ୍ସ୍ୟ ଉତ୍ପାଦନ ଲାଗି ଉଦ୍ଦିଷ୍ଟ 'ଗଭୀର ସମୁଦ୍ରରେ ଦୀର୍ଘସ୍ଥାୟୀ ମାଛ ଉତ୍ପାଦନ ଲାଗି ଅନୁମୋଦନ ପତ୍ର'ର ଜାତୀୟ ଶୁଭାରମ୍ଭ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ଓଡ଼ିଆ ଭାଷାରେ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ସେ ଓଡ଼ିଶାର ସାଂସ୍କୃତିକ ଓ ନୌବାଣିଜ୍ୟର ସ୍ୱର୍ଣ୍ଣିମ ଇତିହାସର ସ୍ମୃତି ଚାରଣ କରି କହିଥିଲେ। ଓଡ଼ିଶାର ଐତିହାସିକ ବାଲିଯାତ୍ରା ଏବଂ ବୋଇତ ବନ୍ଦାଣ ଉତ୍ସବ ଏହି ମାଟିର ବୀର ସାଧବ ପୁଅମାନଙ୍କ ସମୁଦ୍ର ଯାତ୍ରା ଓ ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ଜ୍ୱଳନ୍ତ ପ୍ରତୀକ। ଆଜିର ଏହି ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ସେହି ପୁରାତନ ଗୌରବକୁ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପୁନର୍ଜୀବିତ କରିବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି ଉପରାଷ୍ଟ୍ରପତି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଦେଶର ସାମୁଦ୍ରିକ କ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଛି, ତାହା ଅଭୁତପୂର୍ବ। ଆମର ମତ୍ସ୍ୟଜୀବୀ ସମୁଦାୟ ନିଜର କଠିନ ପରିଶ୍ରମ ବଳରେ ଦେଶର ଅର୍ଥନୀତିକୁ ସୁଦୃଢ଼ ଓ ଶକ୍ତିଶାଳୀ କରୁଛନ୍ତି। ସାମୁଦ୍ରିକ ଖାଦ୍ୟ ସମଗ୍ର ଦେଶ ଓ ବିଶ୍ୱକୁ ପ୍ରୋଟିନ୍ ଯୋଗାଇବାରେ ସବୁଠାରୁ ପ୍ରମୁଖ ଉତ୍ସ ସାଜିଛି। ଏହି ପରିପ୍ରେକ୍ଷୀରେ ଆଜିର ବୈଷୟିକ ଓ ବୈଜ୍ଞାନିକ ଅବଦାନ ମତ୍ସ୍ୟଜୀବୀଙ୍କ ପାଇଁ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ଲାଭଦାୟକ ସାବ୍ୟସ୍ତ ହେବ।




ରାଧାକୃଷ୍ଣନ୍ କହିଛନ୍ତି ଯେ, 'ଭାରତୀୟ-ପତାକାଧାରୀ ମାଛଧରା ଜାହାଜ ଦ୍ୱାରା ଦୀର୍ଘସ୍ଥାୟୀ ଗଭୀର-ସମୁଦ୍ର ମାଛଧରା ପାଇଁ ମାର୍ଗଦର୍ଶିକା ୨୦୨୫' ଅଧୀନରେ ଅନୁମୋଦନ ପତ୍ର ହାସଲ କରିବା ଏକ ବାଧ୍ୟତାମୂଳକ ଆବଶ୍ୟକତା। ଏହି ଏଲଓଏ କେବଳ ନିର୍ଦ୍ଦିଷ୍ଟ ଜାହାଜକୁ ମିଳିବ ଏବଂ ଏହା ଅଣ-ହସ୍ତାନ୍ତରଯୋଗ୍ୟ ଅଟେ। ଯାହା ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଢାଞ୍ଚା ପ୍ରଦାନ କରିବ। ଏହା 'ରିଅଲକ୍ରାଫ୍ଟ ମାଛଧରା ଜାହାଜ ପଞ୍ଜିକରଣ ପୋର୍ଟାଲ୍' ସହିତ ସମନ୍ୱିତ ହୋଇଥିବାରୁ ବ୍ୟବସ୍ଥିତ, ତଥ୍ୟ- ପରିଚାଳିତ ଏବଂ ପ୍ରତ୍ୟକ୍ଷ ନିରୀକ୍ଷଣଯୋଗ୍ୟ କାର୍ଯ୍ୟ ସୁନିଶ୍ଚିତ ହୋଇଥାଏ। ଏହି ପ୍ରକ୍ରିୟା ଅନଲାଇନ୍ ଏବଂ ବାସ୍ତବ ସମୟରେ ଟ୍ରାକିଂ ହୋଇପାରୁଥିବାରୁ ଏହା ମତ୍ସ୍ୟଜୀବୀ ଓ ଜାହାଜ ପରିଚାଳକମାନଙ୍କ ପାଇଁ ନିୟମର ଅନୁପାଳନକୁ ସରଳ କରିବ। ଏହି ଜାହାଜଗୁଡ଼ିକ ଭାରତୀୟ ସାମୁଦ୍ରିକ ଖାଦ୍ୟ ରପ୍ତାନିକୁ ଏକ ନୂଆ ଉଚ୍ଚତାକୁ ନେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଏହି ଜାତୀୟ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଦେଶର ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟରୁ ଆସିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଖଳିଇ ପ୍ରଦାନ କରିଥିଲେ। ଏହି ଅନୁମୋଦନ ପତ୍ର ପାଇଥିବା ସଂସ୍ଥା ଓ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଓଡ଼ିଶାର ପାରାଦୀପ ସମେତ ମହାରାଷ୍ଟ୍ର, କେରଳ, ତାମିଲନାଡୁ, ଗୋଆ, ଆନ୍ଧ୍ରପ୍ରଦେଶ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଦେଶର ଅନ୍ୟାନ୍ୟ ପ୍ରମୁଖ ଉପକୂଳ ଅଞ୍ଚଳରୁ ଆସିଥିବା ସାମୁଦ୍ରିକ ସମବାୟ ସମିତିର ପ୍ରତିନିଧିମାନେ ସାମିଲ ଥିଲେ। ଏହି ବଣ୍ଟନ ଭାରତର ସମଗ୍ର ସାମୁଦ୍ରିକ ସୀମାକୁ ସୁଦୃଢ଼ କରିବା ସହ ଅନ୍ତର୍ଜାତୀୟ ଜଳସୀମାରେ ଦେଶର ଜାହାଜଗୁଡ଼ିକର ସାର୍ବଭୌମତ୍ୱ ଏବଂ ନିୟନ୍ତ୍ରିତ ମାଛଧରାକୁ ସୁନିଶ୍ଚିତ କରିବ।

ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି ଯେ, ଭାରତର ଦୀର୍ଘ ଉପକୂଳ ଏବଂ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ଦେଶର ପ୍ରାୟ ୫୦ ନିୟୁତ ମତ୍ସ୍ୟଜୀବୀଙ୍କୁ ଜୀବିକା ପ୍ରଦାନ କରୁଛି।

ଏହି ଏଲଓଏ କାର୍ଯ୍ୟକ୍ରମ ଦ୍ୱାରା ଦେଶର ମତ୍ସ୍ୟଜୀବୀ ପରିବାର ଗୁଡିକ ସ୍ୱଚ୍ଛଳ ଓ ସମୃଦ୍ଧ ହୋଇପାରିବେ। ଓଡିଶା ଭଳି ରାଜ୍ୟ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହେବେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ମୁକ୍ତ ସାଗରରେ ଭାରତୀୟ ପତାକାଧାରୀ ଜାହାଜଗୁଡ଼ିକ ଦ୍ୱାରା ମତ୍ସ୍ୟ ସମ୍ପଦର ଦୀର୍ଘସ୍ଥାୟୀ ଉପଯୋଗ ପାଇଁ ଏହି 'ଲେଟର ଅଫ୍ ଅଥରାଇଜେସନ୍ (ଏଲଓଏ)' ପ୍ରଦାନର ଜାତୀୟ ଶୁଭାରମ୍ଭ ଓଡ଼ିଶା ମାଟିରେ ହେବା ଆମ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ଆମ ସମୁଦ୍ର କେବଳ ଭୌଗୋଳିକ ସୀମା ନୁହେଁ, ବରଂ ରାଜ୍ୟର ୬ ଲକ୍ଷ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଜୀବନରେଖା ଓ ପରିଚୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଭାରତ ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ଏକ ଐତିହାସିକ ନୂତନ ଅଧ୍ୟାୟରେ ପ୍ରବେଶ କରୁଛି।

ସୂଚନାଯୋଗ୍ୟ ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ପ୍ରାୟ ୭୩, ୮୯୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରି ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିପାରିଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ମାଛଧରା କାର୍ଯ୍ୟ ଉପକୂଳର ୪୦-୫୦ ନଟିକାଲ ମାଇଲ ମଧ୍ୟରେ ସୀମିତ ଥିବାବେଳେ ଗଭୀର ସମୁଦ୍ରର ଅନ୍ତର୍ଜାତୀୟ ଜଳସୀମାରେ ଟୁନା ଭଳି ଉଚ୍ଚ-ମୂଲ୍ୟର ମାଛ ଧରିବା ପାଇଁ ଏହି ନୂତନ ନୀତି ବଡ ସୁଯୋଗ ଆଣିଦେବ। ଖାଦ୍ୟ ସୁରକ୍ଷା ଓ ପୋଷଣ କ୍ଷେତ୍ରକୁ ସୁଦୃଢ଼ କରିବ। ଏହି ଅବସରରେ ଉପରାଷ୍ଟ୍ରପତି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ସଫଳତା 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଡକୁମେଣ୍ଟ (୨୦୨୬-୨୦୩୬)'କୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। କେନ୍ଦ୍ର ସରକାରଙ୍କ ମତ୍ସ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଜାତୀୟ ସମବାୟ ରପ୍ତାନି ଲିମିଟେଡ୍ ସମେତ ବିଭିନ୍ନ ପ୍ରମୁଖ ମତ୍ସ୍ୟ ସମବାୟ ସମିତି ଏବଂ ମାଛଧରା ଜାହାଜର ମାଲିକମାନଙ୍କୁ ସ୍ୱତନ୍ତ୍ର ଅନୁମୋଦନ ପତ୍ର ବଣ୍ଟନ କରାଯାଇଛି।

# ସମଗ୍ର ଦେଶକୁ ଛୁଇଁଲା ମୌସୁମୀ, ସ୍ୱାଭାବିକଠୁ କମ୍ ବର୍ଷା

ନୂଆଦିଲ୍ଲୀ,୯।୭(ମହାଭାରତ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକଠାରୁ ଗୋଟିଏ ଦିନ ବିଳମ୍ବରେ ଜୁଲାଇ ୯ ଗୁରୁବାର ସୁଦ୍ଧା ସମଗ୍ର ଭାରତକୁ ସ୍ପର୍ଶ କରିଛି। ଏ ପର୍ଯ୍ୟନ୍ତ ଦେଶରେ ମୋଟ ୧୯୫.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି, ଏହି ପରିମାଣର ବର୍ଷା ସ୍ୱାଭାବିକଠାରୁ କମ୍। ବର୍ତ୍ତମାନ ସୁଦ୍ଧା ୨୩୦.୪ ମିମି ବର୍ଷା ହେବା କଥା। କିନ୍ତୁ ସମ୍ପ୍ରତି ମେସୁମୀଜନିତ ବର୍ଷା ବୃଦ୍ଧି ପାଇଥିବାରୁ ଏହା ଚଳିତ ଖରିଫ ଋତୁରେ ଚାଷୀମାନଙ୍କ ପାଇଁ ଲାଭକାରୀ ହେବ ବୋଲି କୁହାଯାଉଛି।



ପାଣିପାଗ ବିଭାଗର ସୂଚନା ଅନୁସାରେ, ଜୁନ୍ ମାସରେ ମୌସୁମୀ ବର୍ଷା ୪୦ ପ୍ରତିଶତ କମ୍ ରହିଥିଲା। ମାତ୍ର ୯୯.୫ ମିମି ବର୍ଷା ହୋଇଥିଲା। କିନ୍ତୁ ଜୁଲାଇରେ ଅଳ୍ପଦିନ ଭିତରେ ତାହା ବୃଦ୍ଧି ପାଇ ୧୯୫.୫ ମିମିରେ ପହଞ୍ଚିଛି, ଯାହା ଦୁଇଗୁଣରୁ ଅଧିକ। ଉତ୍ତର, ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଭାରତର ଅଧିକାଂଶ ଅଞ୍ଚଳରେ ଭଲ ବର୍ଷା ହୋଇଛି। କେତେକ ରାଜ୍ୟରେ ଅତିପ୍ରବଳ ବର୍ଷା ହୋଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ସାଧାରଣରୁ ଅଧିକ ବର୍ଷା ରେକର୍ଡ କରାଯାଇଛି।

ଆଇଏମ୍‌ଡି କହିଛି, ଚଳିତ ବର୍ଷ ମୌସୁମୀର ପ୍ରଗତି କୃଷି କ୍ଷେତ୍ର ପାଇଁ ଅନୁକୂଳ ରହିଛି। ଭଲ ବର୍ଷା ଯୋଗୁଁ ଧାନ, ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଖରିଫ ଫସଲର ବୁଣାକାମ ଦ୍ରୁତ ଗତିରେ ଚାଲିଛି। ଜଳଭଣ୍ଡାରଗୁଡ଼ିକରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଛି, ଯାହା ଆଗାମୀ ଦିନରେ ଜଳସେଚନ ଓ ପାନୀୟ ଜଳ ଯୋଗାଣ ପାଇଁ ଲାଭଦାୟକ ହେବ।

ତେବେ ପାଣିପାଗ ବିଭାଗ ସତର୍କ କରିଛି ଯେ, ଆଗାମୀ କିଛି ଦିନ ମଧ୍ୟରେ ଉତ୍ତର-ପଶ୍ଚିମ, ମଧ୍ୟ ଓ ପୂର୍ବ ଭାରତର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏହା ଫଳରେ ସହରାଞ୍ଚଳରେ ଜଳବନ୍ଦୀ, ନଦୀର ଜଳସ୍ତର ବୃଦ୍ଧି ଓ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନର ଆଶଙ୍କା ରହିଛି। ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ପୂର୍ବ ପ୍ରସ୍ତୁତି ରଖିବା ପାଇଁ ପରାମର୍ଶ ଦିଆଯାଇଛି।

ବିଶେଷଜ୍ଞଙ୍କ ମତରେ, ଚଳିତ ବର୍ଷ ମୌସୁମୀର ସନ୍ତୋଷଜନକ ଅଗ୍ରଗତି କୃଷି ଉତ୍ପାଦନ ବୃଦ୍ଧି ସହ ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିପାରେ। ଯଦି ଆଗାମୀ ସପ୍ତାହଗୁଡ଼ିକରେ ବର୍ଷାର ବଣ୍ଟନ ସନ୍ତୁଳିତ ରହେ, ତେବେ ଖରିଫ ଫସଲର ଉତ୍ପାଦନ ଭଲ ହେବାର ସମ୍ଭାବନା ରହିଛି। ସେହିପରି ଜଳଭଣ୍ଡାର ପୂର୍ଣ୍ଣ ହେଲେ ବିଦ୍ୟୁତ୍ ଉତ୍ପାଦନ, ପାନୀୟ ଜଳ ଓ ସେଚନ ବ୍ୟବସ୍ଥାରେ ମଧ୍ୟ ସକାରାତ୍ମକ ପ୍ରଭାବ ପଡ଼ିବ। ତେବେ ପ୍ରବଳ ବର୍ଷାପ୍ରବଣ ଅଞ୍ଚଳରେ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ଲୋକଙ୍କୁ ପରାମର୍ଶ ଦେଇଛି।

# ଗଜପତି ମହାରାଜଙ୍କ ଅନୁରୋଧକୁ ଇସ୍କନର ନା'

ପୁରୀ,୯।୭(ମହାଭାରତ): ଇଣ୍ଟରନ୍ୟାସନାଲ୍ ସୋସାଇଟି ଫର୍ ଶ୍ରୀକୃଷ୍ଣ କନ୍‌ସିଅସ୍‌ନେସ୍ (ଇସ୍କନ)ର ଅ-ତିଥି ରଥଯାତ୍ରା ଓ ପ୍ରଭୁଜଗନ୍ନାଥଙ୍କ ଯାନିଯାତ୍ରା ପାଳନକୁ ନେଇ ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଗଜପତି ମହାରାଜ ଓ ଓଡିଶା ସରକାର ମଧ୍ୟ ଅସନ୍ତୋଷ ପ୍ରକଟ କରିଛନ୍ତି। ନିର୍ଦ୍ଧାରିତ ତିଥିରେ ସ୍ନାନଯାତ୍ରା, ଗୁଣ୍ଡିଚା, ବାହୁଡା ଆଦି ପାଳନ କରିବାକୁ ଇସ୍କନକୁ ବାରମ୍ବାର ଅନୁରୋଧ କରାଯାଇଛି। ଶେଷରେ ପୁରୀ ଗଜପତି ଏହି ମର୍ମରେ ଲେଖିଥିବା ଚିଠିର ପ୍ରତ୍ୟୁତ୍ତର ଇସ୍କନ୍ ଦେଇଛି। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରୀତିନୀତି ଅନୁସାରେ ବିଦେଶରେ ଯାନିଯାତ୍ରା ଆଦି ପାଳିତ ହୋଇପାରିବ ନାହିଁ ବୋଲି ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେଇଛି।



ଗଜପତି ମହାରାଜ ଦିବ୍ୟସିଂହ ଦେବ ଚିଠିଦ୍ୱାରା କରିଥିବା ଅନୁରୋଧକୁ ପଶ୍ଚିମବଙ୍ଗ କୋଲକାତାସ୍ଥିତ ମାୟାପୁରର ଇସ୍କନ ଗଭର୍ଣ୍ଣିଂ ବଡି କମିସନ୍ (ଜିବିସି) ଚେୟାରମ୍ୟାନ୍ ପ୍ରତ୍ୟାଖ୍ୟାନ କରିଛନ୍ତି। ଗଜପତି ମହାରାଜଙ୍କୁ ଚିଠିରେ ଉଲ୍ଲେଖ କରିଛନ୍ତି, ଏଣିକି ଏ ବିଷୟରେ କିଛି ବି କହିବୁ ନାହିଁ। ଏହି ଚର୍ଚ୍ଚାରୁ ସବୁଦିନ ପାଇଁ ସମ୍ମାନ ପୂର୍ବକ ଦୂରେଇ ରହିବେ ବୋଲି ଚେତାବନୀ ଶୁଣାଇଛନ୍ତି।ପ୍ରଥମତଃ ମୂଳପୀଠର ବିଧି, ପରମ୍ପରା, ଶାସ୍ତ୍ର ନିର୍ଦ୍ଦେଶକୁ ଜଳାଞ୍ଜଳି ଦେଇ ଇସ୍କନ୍ ବିଦେଶରେ ମନଇଚ୍ଛା ନିଜ ସୁବିଧାରେ ରଥଯାତ୍ରା ଆୟୋଜନ କଲା। ବିଦେଶରେ ରହୁଥିବା ଓଡିଆ ଓ ଭାରତୀୟ ଜଗନ୍ନାଥପ୍ରେମୀ, ସମଗ୍ର ବିଶ୍ୱରେ ଥିବା କୋଟିକୋଟି ଭକ୍ତଙ୍କ ଭାବାବେଗ ସହ ଖେଳୁଥିବାରୁ ହିଁ ଏହି ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ସମଗ୍ର ବିଶ୍ୱରେ ଭକ୍ତମାନେ ସ୍ୱର ଉଠାଉଛନ୍ତି। ତଥାପି ନିଜର ଜିଦ୍‌ରେ ଅଟଳ ରହି ଅଶାସ୍ତ୍ରୀୟ ପରମ୍ପରାକୁ ବାରମ୍ବାର ଦୋହରାଇ ଚାଲିଛି। ପୁଣି ଏହି ଆଲୋଚନାକୁ ଏଇଠି ବନ୍ଦ କରିବାକୁ ଚିଠିରେ ଦର୍ଶାଇ, ପରୋକ୍ଷରେ ମନଇଚ୍ଛା, ନିଜ ହିସାବରେ ଅ-ତିଥିରେ ରଥଯାତ୍ରା ଆୟୋଜନ କରିବ ବୋଲି ଇଙ୍ଗିତ ଦେଇସାରିଛି। ପ୍ରଥମତଃ ମୂଳପୀଠର ବିଧି, ପରମ୍ପରା, ଶାସ୍ତ୍ର ନିର୍ଦ୍ଦେଶକୁ ଜଳାଞ୍ଜଳି ଦେଇ ଇସ୍କନ୍ ବିଦେଶରେ ମନଇଚ୍ଛା ନିଜ ସୁବିଧାରେ ରଥଯାତ୍ରା ଆୟୋଜନ କଲା। ବିଦେଶରେ ରହୁଥିବା ଓଡିଆ ଓ ଭାରତୀୟ ଜଗନ୍ନାଥପ୍ରେମୀ, ସମଗ୍ର ବିଶ୍ୱରେ ଥିବା କୋଟିକୋଟି ଭକ୍ତଙ୍କ ଭାବାବେଗ ସହ ଖେଳୁଥିବାରୁ ହିଁ ଏହି ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ସମଗ୍ର ବିଶ୍ୱରେ ଭକ୍ତମାନେ ସ୍ୱର ଉଠାଉଛନ୍ତି। ତଥାପି ନିଜର ଜିଦ୍‌ରେ ଅଟଳ ରହି ଅଶାସ୍ତ୍ରୀୟ ପରମ୍ପରାକୁ ବାରମ୍ବାର ଦୋହରାଇ ଚାଲିଛି। ପୁଣି ଏହି ଆଲୋଚନାକୁ ଏଇଠି ବନ୍ଦ କରିବାକୁ ଚିଠିରେ ଦର୍ଶାଇ, ପରୋକ୍ଷରେ ମନଇଚ୍ଛା, ନିଜ ହିସାବରେ ଅ-ତିଥିରେ ରଥଯାତ୍ରା ଆୟୋଜନ କରିବ ବୋଲି ଇଙ୍ଗିତ ଦେଇସାରିଛି।

## ଚୀନ୍‌ରେ ଜୋତା ଫ୍ୟାକ୍ଟ୍ରିରେ ନିଆଁ ଲାଗି ୨୮ ଜଣଙ୍କ ମୃତ୍ୟୁ

ବେଜିଂ,୯।୭(ମହାଭାରତ): ଚୀନ୍‌ର ପୂର୍ବ ଫୁଜିଆନ ପ୍ରଦେଶରେ ଆଜି ଏକ ଜୋତା ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଛି ଏବଂ ଏହି ଘଟଣାରେ ୨୮ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଜିନଜିଆଙ୍ଗ ସହରରେ ଜିଆଙ୍ଗତୋଉ ଗ୍ରାମରେ ଥିବା ଏକ ଜୋତା ଫ୍ୟାକ୍ଟ୍ରିରେ ଆଜି ଅପରାହ୍ନ ୧୨.୦୪ ସମୟରେ ନିଆଁ ଲାଗି ଯାଇଥିଲା। ସଙ୍ଗେସଙ୍ଗେ ନିଆଁ ଚାରିଆଡକୁ ବ୍ୟାପିଯିବାରୁ ଅନେକ ଲୋକ ଜୀବନ୍ତ ଦଗ୍ଧ ହୋଇଗଲେ। ତୁରନ୍ତ ଘଟଣା ସ୍ଥଳରେ ଅଗ୍ନି ନିର୍ବାପକ ଏବଂ ଇମର୍ଜେନ୍ସି ଟିମ୍ ମୁତୟନ ହୋଇଥିଲେ। କିନ୍ତୁ ଫ୍ୟାକ୍ଟ୍ରି ଭିତରେ ଅତି ଭୟଙ୍କର ସ୍ଥିତି ପାଇଁ ଉଦ୍ଧାରକାରୀ ଦଳ କୋଠା ଭିତରକୁ ପଶି ପାରିନଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ କୋଠାର ଗ୍ରାଉଣ୍ଡ ଫ୍ଲୋର୍ ଯେଉଁଠାରେ ଜୋତା ତିଆରି ସାମଗ୍ରୀ ରଖାଯାଇଥିଲା ସେଠାରୁ ହିଁ ନିଆଁ ଲାଗିଥିଲା।

# ଅଷ୍ଟ୍ରେଲିଆରୁ ୟୁରାନିୟମ ଆଣିବ ଭାରତ, ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ୯।୭(ମହାଭାରତ): : ଇଣ୍ଡୋନେସିଆ ଗସ୍ତ ସାରି ଅଷ୍ଟ୍ରେଲିଆରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରବଳ ସ୍ୱାଗତ କରାଯାଇଥିଲା। ତାଙ୍କ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଦେଶ ମଧ୍ୟରେ ୟୁରାନିୟମ୍ ଯୋଗାଣ ସମ୍ପର୍କରେ ଅଷ୍ଟ୍ରେଲିଆ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତିକୁ ଭାରତ ପାଇଁ ଏକ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି।ଏହାକୁ ଭାରତର ଶକ୍ତି ମହତ୍ତ୍ୱାକାଂକ୍ଷା ଦିଗରେ ଏକ ବଡ଼ ପଦକ୍ଷେପ ଭାବରେ ଦେଖାଯାଉଛି। ଭାରତର ଜନସଂଖ୍ୟା ହେତୁ ବିଦ୍ୟୁତ୍ ପାଇଁ ବହୁତ ଚାହିଦା ରହିଛି। ଏହି ସମୟରେ, ଅଷ୍ଟ୍ରେଲିଆ ୟୁରାନିୟମ୍ ଭଣ୍ଡାର ଜାଣିଛି ଯାହାକୁ ସେ ବ୍ୟବହାର କରେ ନାହିଁ। ତଥାପି, ଅନେକ ଆଇନଗତ ପ୍ରତିବନ୍ଧକ ଏବଂ ରାଜନୈତିକ ସମ୍ବେଦନଶୀଳତା ବାଣିଜ୍ୟକୁ ଆଗକୁ ବଢ଼ିବାରୁ ବାଧା ଦେଇଛି।

ଉଭୟ ଦେଶ ଏକ ମିଳିତ ବିବୃତ୍ତି ମଧ୍ୟ ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ଏହି ବ୍ୟବସ୍ଥା ଅଧୀନରେ, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ମଧ୍ୟରେ କେବଳ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ଦୀର୍ଘକାଳୀନ ବ୍ୟବହାର ପାଇଁ ୟୁରାନିୟମ୍ ରପ୍ତାନି କରାଯାଇ ପାରିବ।ଅଷ୍ଟ୍ରେଲିଆ ବିଶ୍ୱର ୟୁରାନିୟମ୍ ଭଣ୍ଡାରର ୨୮% ରଖେ। ଏହା ନା ପରମାଣୁ ଶକ୍ତି ବ୍ୟବହାର କରେ ନା ଅସ୍ତ୍ର ଉତ୍ପାଦନ କରେ। ଏହା ଏହାର ସମସ୍ତ ୟୁରାନିୟମ୍ ରପ୍ତାନି କରେ। ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ ପରମାଣୁ ଶକ୍ତି କ୍ଷମତା ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ୬ କୋଟି ଭାରତୀୟ ଘରକୁ ବିଦ୍ୟୁତ୍ ଯୋଗାଇବ। ଭାରତ ଗତ ଦଶନ୍ଧି ଗୁଡ଼ିକରେ ଏହାର ପରମାଣୁ ଶକ୍ତି କ୍ଷମତା ଦ୍ୱିଗୁଣିତ କରିଛି, କିନ୍ତୁ ୟୁରାନିୟମ୍ ଅଭାବ ଯୋଗୁଁ ମୋଟ ବିଦ୍ୟୁତ୍ ଉତ୍ପାଦନରେ ଏହାର ଅଂଶ ମାତ୍ର ୩ ପ୍ରତିଶତ। ଭାରତ ୧୯୭୪ ମସିହାରେ ପ୍ରଥମ ପରମାଣୁ ପରୀକ୍ଷଣ କରିଥିଲା। ୧୯୯୮ ମସିହାର ପରମାଣୁ ପରୀକ୍ଷଣ ପରେ, ଭାରତ ଏକ ଅନ୍ତର୍ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିବନ୍ଧକ ଏବଂ ୟୁରାନିୟମ୍ ବାଣିଜ୍ୟ ଉପରେ ପ୍ରତିବନ୍ଧକର ଶିକାର ହୋଇଥିଲା। କିନ୍ତୁ, ୨୦୦୮ ମସିହାରେ ପରିସ୍ଥିତି ପରିବର୍ତ୍ତନ ହୋଇଥିଲା ଯେତେବେଳେ ପରମାଣୁ ଯୋଗାଣକାରୀ ଗୋଷ୍ଠୀ ଭାରତକୁ ଏହାର ସଦସ୍ୟ ମାନଙ୍କ ଠାରୁ ୟୁରାନିୟମ୍ କ୍ରୟ କରିବାକୁ ଛାଡ଼ ଦେଇଥିଲା। ଏହା ସହିତ, ଦୁଇ ଦେଶ ମିଳିତ ଭାବରେ ଭାରତ ମହାସାଗରରେ ଅଷ୍ଟ୍ରେଲିଆର କୋକୋସ୍ କିଲିଙ୍ଗ ଦ୍ୱୀପପୁଞ୍ଜରେ ଏକ ଅସ୍ଥାୟୀ ମହାକାଶ ଟ୍ରାକିଂ ଟର୍ମିନାଲ ନିର୍ମାଣ କରିବେ। ଏହା ଭାରତର ମହାକାଶ ଉଡ଼ାଣ ପ୍ରକଳ୍ପଗୁଡ଼ିକୁ ସମର୍ଥନ କରିବ। ପ୍ରଧାନମନ୍ତ୍ରୀ ଇରାନ ଏବଂ ଆମେରିକାକୁ ଏକ ବଡ ବାର୍ତ୍ତା ଦେଇଛନ୍ତି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀ ଉଭୟ ପକ୍ଷକୁ ସଂଯମତା ଅବଲମ୍ବନ କରିବାକୁ ଅନୁରୋଧ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଭଙ୍ଗ ହୋଇଥିବା ଅସ୍ତ୍ରବିରତି ଏବଂ ଚାଲିଥିବା ଆକ୍ରମଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସମସ୍ତ ପକ୍ଷଙ୍କୁ ଉତ୍ତେଜନା ହ୍ରାସ କରିବା, ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଶକ୍ତି ଯୋଗାଣ ତଥା ବାଣିଜ୍ୟ ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ମୋଦୀ ଏବଂ ଆଲବାନିଜ୍ ଆମେରିକା ଏବଂ ଇରାନ ମଧ୍ୟରେ ସମ୍ପ୍ରତି ବୃଦ୍ଧି ପାଇଥିବା ଉତ୍ତେଜନା ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ସେମାନେ ମିଳିତ ଭାବରେ କହିଛନ୍ତି, ଯେକୌଣସି ବିବାଦର ସମାଧାନ କେବଳ ଶାନ୍ତିପୂର୍ଣ୍ଣ ଭାବରେ ହୋଇପାରିବ। ଯୁଦ୍ଧର ସମାଧାନ ଆଲୋଚନା ଏବଂ କୂଟନୀତିରେ ଦ୍ୱାରା ସମ୍ଭବ।



## ହୀରାକୁଦର ୧୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ

ଭୁବନେଶ୍ୱର,୯।୭(ମହାଭାରତ): ହୀରାକୁଦ ଡ୍ୟାମର ଆଉ ୬ଟି ଗେଟ୍ ଖୋଲିଲା। ବର୍ତ୍ତମାନ ୧୦ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ପ୍ରଥମ ପର୍ଯ୍ୟାୟରେ ୪ଟି ଗେଟ୍ ଖୋଲା ଯାଇଥିଲା । ନିର୍ଦ୍ଦେଶ ଆସିବା ପରେ ଆଉ ୬ଟି ଗେଟ୍ ଖୋଲିଛି। ଗୁରୁବାର ହୀରାକୁଦ ଜଳଭଣ୍ଡାର ଗେଟ୍ ଖୋଲାଯାଇଥିଲା। ପ୍ରଥମେ ବାମ ପାର୍ଶ୍ୱର ୭ ନମ୍ବର ଗେଟ୍ ଖୋଲାଯାଇଥିଲା । ପର୍ଯ୍ୟାୟ କ୍ରମେ ପ୍ରଥମେ ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଗେଟ୍ ଖୋଲାଯାଇଥିଲା । ପରେ ଆଉ ୬ଟି ଗେଟ୍ ଖୋଲାଯାଇଥିଲା । ଏବେ ବାମ ପାର୍ଶ୍ୱର ୭ଟି ଗେଟ୍ ଓ ଡାହାଣ ପାର୍ଶର ୩ଟି ଗେଟ୍ ମୋଟ୍ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି । ଏହି ବନ୍ୟାଜଳ ମୁଣ୍ଡଳୀରେ ପହଞ୍ଚିବା ପାଇଁ ୪୦ ଘଣ୍ଟା ସମୟ ଲାଗିବ ବୋଲି ମୁଖ୍ୟଯନ୍ତ୍ରୀ କହିଛନ୍ତି ।

# ତାଳଚେର-ବିମଳାଗଡ ରେଳପଥ କେବେ ?

ଭୁବନେଶ୍ୱର୯।୭(ମହାଭାରତ): ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ ରେଳପଥ କାର୍ଯ୍ୟକ୍ଷମ ହେଲେ ଭୁବନେଶ୍ୱର ଓ ରାଉରକେଲା ମଧ୍ୟରେ ଦୂରତା ପ୍ରାୟ ୧୦୦ କିଲୋମିଟର କମିଯିବ । ଯାତ୍ରୀମାନେ ଏଥିରେ ବହୁ ଭାବରେ ଉପକୃତ ହେବେ ଏବଂ ମାଲ୍ ପରିବହନ ବାବଦ ଖର୍ଚ୍ଚ ବି କମିବ ।

ପ୍ରାୟ ୫୦ବର୍ଷ ଧରି ତାଳଚେର-ବିମଳାଗଡ ରେଳପଥ ନିର୍ମାଣ ପାଇଁ ଦାବି ହୋଇଆସୁଛି । ଏଥିଲାଗି ବାରମ୍ବାର ଆନ୍ଦୋଳନ ବି ହୋଇଛି । ଶେଷରେ ବାସ୍ତବତାକୁ ହୃଦୟଙ୍ଗମ କରି ପ୍ରାୟ ୧୫୦ କିଲୋମିଟର ଦୈର୍ଘ୍ୟର ଏହି ନୂଆ ରେଳ ପ୍ରକଳ୍ପ ପାଇଁ ୨୦୦୩-୦୪ ବର୍ଷରେ ମଞ୍ଜୁରୀ ମିଳିଥିଲା । ତେବେ ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ପାଣ୍ଠିର ଅଭାବ ଆଦି ବିଭିନ୍ନ କାରଣରୁ ଏହି ରେଳପଥ ନିର୍ମାଣ କାମ ବହୁ ବର୍ଷ ଧରି ଧିମା ପଡିଥିଲା।

୨୦୦୪-୦୫ ଓ ୦୫-୦୬ ବର୍ଷରେ ଏହି ପ୍ରକଳ୍ପ ଲାଗି ୫ କୋଟି ଟଙ୍କା କରି ଅର୍ଥ ମଞ୍ଜୁର ହୋଇଥିଲା । ମୋଟାମୋଟି ଭାବେ ୨୦୦୪-୦୫ରୁ ୨୦୧୭-୧୮ ମଧ୍ୟରେ ଏହି ପ୍ରକଳ୍ପ ଲାଗି ୫୩୯ କୋଟି ଟଙ୍କାମିଳିଥିଲା। ତେବେ୨୦୧୮-୦୯ରେ ଏଥିପାଇଁ କେନ୍ଦ୍ର ସରକାର ୩୦୦ କୋଟି ଟଙ୍କା ମଞ୍ଜୁର କରିଥିଲେ ଓ ତତ୍‌ପରବର୍ତ୍ତୀ ବର୍ଷଗୁଡିକରେ ତାଳଚେର-ବିମଳାଗଡ ରେଳ ପ୍ରକଳ୍ପ ପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ବ୍ୟବସ୍ଥା ହୋଇଆସୁଛି ।

ଅନୁଗୁଳ ଜିଲ୍ଲାରେ ୭୯ କିଲୋମିଟର, ଦେଓଗଡ ଜିଲ୍ଲାରେ ୩୨ କିଲୋମିଟର ଓ ସୁନ୍ଦରଗଡ ଜିଲ୍ଲାରେ ପ୍ରାୟ ୩୯ କିଲୋମିଟର ରେଳପଥ ଏହି ପ୍ରକଳ୍ପରେ ନିର୍ମିତ ହେବା କଥା । ଦୀର୍ଘବର୍ଷ ଧରି ଏହି ପ୍ରକଳ୍ପର କାମ ଧିମା ପଡିବା ପରେ ପୁଣି ଏବେ ଆଗେଇଛି । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଦିଲ୍ଲୀପ ରାୟ ଏହି ପ୍ରକଳ୍ପ କାମକୁ ଆଗେଇ ନେବା ଉପରେ ଗୁରୁତ୍ୱ ଦେଉଛନ୍ତି ।ତାଳଚେର ପଟୁ ସୁନା ଖଣି ରେଳ ଷ୍ଟେସନ୍ ପର୍ଯ୍ୟନ୍ତ ପ୍ରାୟ ୨୦ କିଲୋମିଟର କାମ ସଂପୂର୍ଣ୍ଣ ହୋଇଛି ଏବଂ ସୁନାଖଣିରୁ ପରବିଲ୍ ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାମ ଆଗଉଛି । ବରୁଆଁ ପାହାଡର ବୁକୁ ଚିରି ପ୍ରାୟ ୮୪୦ ମିଟର ଦୈର୍ଘ୍ୟର ଏକ ରେଳ ସୁଡଙ୍ଗ ବା ଟନେଲ୍ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଚଛି । ସୁନ୍ଦରଗଡ ଓ ଦେଓଗଡ ଜିଲ୍ଲାରେ ଭୂମି ଅଧିଗ୍ରହଣରେ ବିଳମ୍ବ ଓ କେତେକ ସ୍ଥଳରେ ଜଙ୍ଗଲ ଜମିରେ ନିର୍ମାଣ ପାଇଁ ପରିବେଶ ମଞ୍ଜୁରୀ ବାଧକ ହୋଇଥିବାରୁ ତାଳଚେର-ବିମଳାଗଡ ରେଳପଥ କାମ ବାଧାପ୍ରାପ୍ତ ହୋଇଥିଲା । ତେବେ ବରୁଆଁ ରେଳ ଟନେଲ୍ କାର୍ଯ୍ୟ ଚୂଡାନ୍ତ ହେବା ପରେ ତାଳଚେରରୁ ସମଲ ଷ୍ଟେସନ୍ ପର୍ଯ୍ୟନ୍ତ ରେଳ ଚଳାଚଳ କରିବାରେ ଅସୁବିଧା ରହିବ ନାହିଁ।



ପ୍ରକଳ୍ପ ମଞ୍ଜୁରୀର ଇତିମଧ୍ୟରେ ୨୩ବର୍ଷ ଅତିକ୍ରାନ୍ତ କରିଥିବାବେଳେ ମାତ୍ର ୧୫୦ କିଲୋମିଟର ଦୈର୍ଘ୍ୟର ଏହି ରେଳପଥ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ତାଳଚେର-ବିମଳାଗଡ ମଧ୍ୟରେ ରେଳପଥ ନିର୍ମାଣ ହେଲେ ରାଉରକେଲାରୁ ତାଳଚେର ମଧ୍ୟରେ ଦୂରତା ପ୍ରାୟ ୧୨୬ କିଲୋମିଟର କମିବ ବୋଲି କୁହାଯାଉଛି ।

ଏବେ ସୁନ୍ଦରଗଡ ଜିଲ୍ଲାରୁ ଉତ୍ତୋଳିତ ହେଉଥିବା ଖଣିଜ ସାମଗ୍ରୀ ଅନ୍ୟ ରାଜ୍ୟର ବନ୍ଦର ଦେଇ ବିଦେଶକୁ ରପ୍ତାନୀ ହେଉଛି । କିନ୍ତୁ ତାଳଚେର-ବିମଳାଗଡ ରେଳପଥରେ ଯାତ୍ରୀବାହୀ ଓ ମାଲବାହୀ ରେଳଗାଡି ଯାତାୟାତ କଲେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦରର ମାଲ ପରିବହନ ବୃଦ୍ଧି ପାଇବ । ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ୨୦୨୭ରୁ କାର୍ଯ୍ୟକ୍ଷମ ହେବାକୁ ଯାଉଥିବାବେଳେ ତାଳଚେର-ବିମଳାଗଡ ରେଳପଥରେ କେବେ ରେଳଗାଡି ଗଡିବ ସେ ସଂକ୍ରାନ୍ତରେ କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେହି କିଛି କହୁନାହାନ୍ତି ।

## ମମତାଙ୍କ ହାତ ଛଡ଼ିଲେ ୩ ପୂର୍ବତନ ସାଂସଦ

କୋଲକାତା,୯।୭(ମହାଭାରତ): ରାଜ୍ୟସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗର ତିନି ଜଣ ପୂର୍ବତନ ସାଂସଦ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇଛନ୍ତି। ଏମାନେ ହେଲ ସୁସ୍ମିତା ଦେବ, ସୁଖେନ୍ଦୁ ଶେଖ ରୟ ଏବଂ ପ୍ରକାଶ ବାରିକ। ଏହି ତିନି ଜଣ ଅତୀତରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ସାଂସଦ ହୋଇଥିଲେ। ପଶ୍ଚିମବଙ୍ଗର ତିନି ଜଣ ନେତା ବିଜେପିରେ ଯୋଗ ଦେବା ପରେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ପରିଚାଳିତ ତୃଣମୂଳ କଂଗ୍ରେସକୁ ଶକ୍ତ ଝଟକା ଲାଗିଛି। ବରିଷ୍ଠ ବିଜେପି ନେତା ଶମିକ ଭଟ୍ଟାଚାର୍ଯ୍ୟ ଏହି ତିନି ନେତାଙ୍କ ବିଜେପିରେ ଯୋଗଦାନର ଆନୁଷ୍ଠାନିକ ଘୋଷଣା କରିଛନ୍ତି। ବିଜେପି ଏହି ତିନି ଜଣଙ୍କୁ ସେମାନଙ୍କ ଅବଶିଷ୍ଟ କାର୍ଯ୍ୟକାଳ ପାଇଁ ରାଜ୍ୟସଭାକୁ ପଠାଇପାରେ। ନାମାଙ୍କନ ଦାଖଲର ଶେଷ ତାରିଖ ହେଉଛି ୨୦୨୬ ଜୁଲାଇ ୧୪। ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ) ସାଂସଦ ଏବଂ ପୂର୍ବତନ ଟିଏମ୍‌ସି ସାଂସଦ ୟୁସୁଫ୍ ପଠାନ ମଧ୍ୟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟିବା ପାଇଁ ନବାନ୍ନାକୁ ଯାଇଥିଲେ। ପଠାନଙ୍କ ଗସ୍ତ ପୂର୍ବରୁ ଅଭିନେତା ପ୍ରୋସେନଜିତ୍ ଚାଟାର୍ଜୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ପ୍ରଶାସନିକ ମୁଖ୍ୟ କାର୍ଯ୍ୟାଳୟ ଯାଇଥିଲେ। ତାଙ୍କ ପଶ୍ଚିମବଙ୍ଗ ଗସ୍ତ ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ପ୍ରୋସେନଜିତ୍‌ଙ୍କୁ ତାଙ୍କ ଘରେ ଭେଟିଥିଲେ।



## ବେସନ ହାଲୱା

ଆମେ ଘରେ ସାଧାରଣତଃ ଗାଜର ହାଲୱା, ସୁଜି ହାଲୱା ପରି ମିଠା ଖାଦ୍ୟ ମାନ ପ୍ରସ୍ତୁତ କରି ଖାଇଥାଉ । କିନ୍ତୁ ଏଥରର ହୋଲି ଅବସରରେ କିଛି ନୂଆ ମିଠା ପ୍ରସ୍ତୁତ କରି ଖାଆନ୍ତୁ । ବେସନ ପ୍ରସ୍ତୁତ ହାଲୱା ହେଉଛି ଏକ ପାରମ୍ପରିକ ତଥା ସମୃଦ୍ଧ ଖାଇବା । ଏହାକୁ ଆପଣ ଜଳଖିଆ ବା ମିଠା ଦ୍ରବ୍ୟ ହିସାବରେ ବି ଖାଇପାରିବେ । ଏହି ସ୍ୱାଦିଷ୍ଟ ବ୍ୟନ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ସମାଗ୍ରୀ ଜାଣି ରଖନ୍ତୁ ।

ବେସନ- ୧କପ, ଲହୁଣୀ -ଅଧା କପ, ଚିନି-ଏକ କପ, ଗୁଜୁରାତି ପାଉଡର- ୧ଚାମଚ, ପାଣି-୨କପ, କଟା ଯାଇଥିବା କିଛି ବାଦାମ।

**ପ୍ରସ୍ତୁତ ପ୍ରଣାଳୀ :**

ପ୍ରଥମେ ମଧ୍ୟମ ଆଞ୍ଚଳରେ ଏକ ପ୍ୟାନ ବସାନ୍ତୁ । ଏଥିରେ ଚିନି,ଗୁଜୁରାତି ପାଉଡର ସହ ପାଣି ଫୁଟାନ୍ତୁ । ଏବେ ଅନ୍ୟ ଏକ ଫ୍ରାଇଙ୍ଗ ପ୍ୟାନରେ ଲହୁଣୀ ଗରମ କରନ୍ତୁ । ଏବେ ଧୀରେ ଧୀରେ ବେସନ ଦିଅନ୍ତୁ । ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ବେସନକୁ ପ୍ୟାନରେ ଧୀରେ ଧୀରେ ଘାଟନ୍ତୁ । ଏଥିପାଇଁ ନିଶ୍ଚିତ ରୂପେ ୫ରୁ୭ ମିନିଟ ସମୟ ଲାଗିଯିବ। ବେସନ ରଙ୍ଗ ବଦଳି ଗଲେ ଏଥିରୁ ଏକ ନୂଆ ବାସ୍ନା ଆସିବ । ଏବେ ସେଥିରେ ସିରପ ଧୀରେ ଧୀରେ ଢାଳନ୍ତୁ । ଏବେ ଆଞ୍ଚ କମ କରିଦିଅନ୍ତୁ। ଆଉ ୨ରୁ ୩ ମିନିଟ ପାଇଁ ଚୁଲିରେ ବସାନ୍ତୁ। ଦେଖିବେ ଧୀରେ ଧୀରେ ବେସନ ସବୁ ପାଣି ଶୁଖାଇଦେବ। ଏବେ ହାଲୱା ଥଣ୍ଡା କରି କାଜୁ ଓ ବାଦାମ ନେଇ ଗାର୍ନିସିଙ୍ଗ କରନ୍ତୁ।



### ଖବର

## ସୂର୍ଯ୍ୟମୁଖୀ ଫୁଲରେ ରହିଛି ଜୈବିକ ଘଡ



କୁହାଯାଏ ଯେ, ଦୁନିଆରେ ଯାହା ଘଟେ ତାହା ପଛରେ ଏକ ବିଶେଷ କାରଣ ଲୁଚି ରହିଥାଏ। ଅନେକ ଖବର ଏମିତି ସାମ୍ନାକୁ ଆସେ ଯାହା ଶୁଣିଲେ ବା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ଏଭଳି ଏକ ରହସ୍ୟ ଖବର ସମ୍ପର୍କରେ ଆମେ ଆଜି ଆପଣଙ୍କୁ କହିବୁ। ଆପଣ ସମସ୍ତେ ସୂର୍ଯ୍ୟମୁଖୀ ଫୁଲ ଦେଖିଥିବେ। କିନ୍ତୁ କେବେ ଏହାକୁ ନଜର କରିଛନ୍ତି ଯେ ଏହି ଫୁଲ ସର୍ବଦା ସୂର୍ଯ୍ୟଙ୍କ ସାମ୍ନାକୁ ମୁହଁ କରି ଫୁଟିଥାଏ। ଏହାର କାରଣ କ'ଣ ଜାଣିଛନ୍ତି। ଏହା ପଛରେ ଲୁଚି ରହିଛି ଏକ ସୁନ୍ଦର ତଥ୍ୟ। ଆଜି ଆମେ ଆପଣଙ୍କୁ କହିବୁ ଏହା ପଛରେ ଥିବା କାରଣ। । ସୂର୍ଯ୍ୟମୁଖୀ ଫୁଲ ଥଣ୍ଡା ଦିନ ଅପେକ୍ଷା ଖରା ଦିନରେ ଅଧିକ ସକ୍ରିୟ ହୋଇଥାଏ। ଏହି ଫୁଲର ବିକାଶ ସେହି କ୍ଷେତ୍ରରେ ଅଧିକ ହୋଇଥାଏ ଯେଉଁଠାରେ ଖରା ୬ ଘଣ୍ଟାରୁ ଅଧିକ ବାହାରିଥାଏ। ଖରା ସ୍ଥାନରେ ଏହା ଭଲ ଭାବେ ଫୁଟିଥାଏ। ଫୁଟିବା ସମୟରେ ଫୁଲର ମୁହଁ ପୂର୍ବ ଦିଗକୁ ରହିଥାଏ। ସକାଳ ସମୟରୁ ଫୁଲ ପୂର୍ବ ଦିଗକୁ ରହିଥାଏ। ଧୀରେ ଧୀରେ ସୂର୍ଯ୍ୟଙ୍କ ଦିଗ ପରିବର୍ତ୍ତନ ସହ ଫୁଲର ଦିଗ ମଧ ପରିବର୍ତ୍ତନ ହୁଏ। କିନ୍ତୁ ଏହାର କାରଣ କ'ଣ। ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ହୋଲିଓ ଟ୍ରୋପୋଜିମ କାରଣରୁ ଏହା ହୋଇଥାଏ । ଏଥିପାଇଁ ଫୁଲ ସୂର୍ଯ୍ୟଙ୍କୁ ଦେଖି ଦିଗ ପରିବର୍ତ୍ତନ କରେ। ସୂର୍ଯ୍ୟାସ୍ତ ସମୟରେ ଏହା ପଶ୍ଚିମ ଦିଗକୁ ମୁହଁ କରିଥାଏ। ଏଭଳି ପ୍ରକ୍ରିୟା ନିୟମିତ ରୂପେ ଚାଲିଥାଏ। କିନ୍ତୁ ଏହି ହୋଲିଓ ଟ୍ରୋପୋଜିମ କ'ଣ ଜାଣିଛନ୍ତି। ଏହା ପ୍ରମୁଖ କାରଣ ଫୁଲ ଦିଗ ପରିବର୍ତ୍ତନ ହେବାର। ମନୁଷ୍ୟ ମାନଙ୍କ ଭିତରେ ଯେମିତି ଏକ ବାୟୋଲୋଜିକାଲ କ୍ଲର୍କ ରହିଥାଏ ସେପରି ସୂର୍ଯ୍ୟମୁଖୀ ଫୁଲରେ ମଧ ଏକ ବିଶେଷ ଘଡ଼ି ରହିଥାଏ। ଯାହାକୁ ହୋଲିଓ ଟ୍ରୋପୋଜିମ କୁହାଯାଏ । ଏହା ଜୈବିକ ଘଡ଼ି ସଦୃଶ୍ । ଏହା ସୂର୍ଯ୍ୟଙ୍କ କିରଣକୁ ଡିଟେକ୍ଟ କରିଥାଏ। ଯାହା ଫୁଲକୁ ସେହି ଦିଗକୁ ମାଡିଥାଏ ଯେଉଁ ଦିଗରେ ସୂର୍ଯ୍ୟଙ୍କ କିରଣ ରହିଛି। ଏହି ଫୁଲ ରାତିରେ ଶୋଇଥାଏ ଏବଂ ଦିନରେ ସୂର୍ଯ୍ୟଙ୍କ କିରଣ ପାଇ ସକ୍ରିୟ ହୋଇଯାଇଥାଏ। ସୂର୍ଯ୍ୟଙ୍କ ପ୍ରଖର ରଶ୍ମିରେ ଫୁଲ ମଧ ଖୁବ ସୁନ୍ଦର ଦେଖାଯାଏ।

## ଧନ କ୍ଷୟର ୪ଟି କାରଣ



ଆମ ସମସ୍ତଙ୍କ ଇଚ୍ଛା ଘରେ ସବୁ ସମୟରେ ସୁଖ ଓ ସମୃଦ୍ଧି ବଜାୟ ରହୁ। ଘରକୁ ଅଧିକ ଧନର ଆଗମନ ହେଉ। କିନ୍ତୁ ଆମେ ଅଜାଣତରେ କରି ଦେଉଥିବା କିଛି କାର୍ଯ୍ୟ ଧନକ୍ଷୟର କାରଣ ହୋଇଥାଏ। ଯେତେ ଉପାର୍ଜନ କଲେ ବି ଧନ ସଞ୍ଚୟ ହୋଇପାରେ ନାହିଁ। ଧନକ୍ଷୟରୁ ବର୍ତ୍ତିବା ପାଇଁ ବାସ୍ତୁ ଅନୁଯାୟୀ କିଛି ନିୟମ ପାଳନ କରିବାକୁ ହୋଇଥାଏ। ଚାଲନ୍ତୁ ଜାଣିବା ଏମିତି କଣ ସବୁ ରହିଛି ଯାହା ଧନ କ୍ଷୟର କାରଣ।

ଭ ଖାଇବା ସମୟରେ ମୁହଁ ପୂର୍ବ କିମ୍ୱା ଉତ୍ତର ଦିଗକୁ କରି ଖାଆନ୍ତୁ। ଜୋତା ପିନ୍ଧି କେବେ ହେଲେ ଖାଆନ୍ତୁ ନାହିଁ। ଏପରି କରିବା ଦ୍ୱାରା ଧନହାନି ହୋଇଥାଏ।

ଭ ରାତିରେ ଦହି ଖାଇବା ଅନୁଚିତ୍। ଧନକ୍ଷୟର ଅନ୍ୟ ଏକ କାରଣ ରାତିରେ ଦହି ଖାଇବା।

ଭ ଘରେ ଠାକୁରଙ୍କ ଠାରେ ଲାଗି ହୋଇଥିବା ଫୁଲକୁ ଅନେକ ଲୋକେ ଶୁଖିବା ପରେ ବି ସାଇତି ରଖିଥାନ୍ତି। ବାସ୍ତୁ ଅନୁସାରେ ଶୁଖିଲା ଫୁଲକୁ ଘରେ ରଖିବା ଅନୁଚିତ। ଏହା ମା ଲକ୍ଷ୍ମୀଙ୍କୁ ଅସନ୍ତୁଷ୍ଟ କରେ।

ଭ ଘିଅ କିମ୍ୱା କ୍ଷୀରକୁ ଅଇଁଠା ହାତରେ ଛୁଅନ୍ତୁ ନାହିଁ। ଘିଅ ବ୍ୟବହାର କରିବା ସମୟରେ ସୁଦ୍ଧତା ଉପରେ ଗୁରୁତ୍ୱ ଦେବା ଦରକାର। ଏପରି କରିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥା'ନ୍ତି। ଆପଣଙ୍କ ଘରେ ଧନର ଅଭାବ ହୁଏନି।

## ନାରଦ ପୁରାଣ: ଛାତ୍ରଛାତ୍ରୀମାନଙ୍କୁ ମହର୍ଷିଙ୍କ ଉପଦେଶ

ନାରଦ ଜଣେ ପରମ ଜ୍ଞାନୀ। ସେ ଭଗବାନ ବିଷ୍ଣୁଙ୍କର ଅନନ୍ୟ ଭକ୍ତ ମଧ । ମହର୍ଷି ନାରଦ ଏକ ପୁରାଣ ରଚନା କରିଥିଲେ। ଯାହା ଭାରତୀୟଙ୍କ ଲାଗି ଆଜି ବି ଅମୂଲ୍ୟ ସମ୍ପଦ ହୋଇ ରହିଛି। ପୁରାଣରେ ନାରଦ ଗଣିତ, ଜ୍ୟୋତିଷ ସମେତ ବ୍ୟବହାରିକ ବିଷୟରେ ଅନେକ ସୂତ୍ର ଦେଇଯାଇଛନ୍ତି ଯାହା ମଣିଷ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉପଯୋଗୀ ହେଉଛି। ଏଣୁ ନାରଦଙ୍କ ମନ୍ତ୍ର ଛାତ୍ରଛାତ୍ରୀଙ୍କ ଲାଗି ମଧ ଅନେକ ଉପଯୋଗୀ। ତେବେ ସେମାନେ ନିଜକୁ ପୁରାଣ ଅନୁସାରେ ପ୍ରସ୍ତୁତ କରିବାକୁ ପଡିବ। ତେବେ ଆସନ୍ତୁ ଜାଣିବା ପୁରାଣରେ ଛାତ୍ରଛାତ୍ରୀଙ୍କ ଲାଗି କ'ଣ ପରାମର୍ଶ ଦେଇଛନ୍ତି ମହର୍ଷି ନାରଦ।



ପିମ୍ପୁଡିକୁ ଅନୁକରଣ କରିବା ଲାଗି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଯାଇଛନ୍ତି ମହର୍ଷି ନାରଦ। ପିମ୍ପୁଡି ଯେପରି ପ୍ରତିଦିନ ଅଳ୍ପଅଳ୍ପ କରି ଖାଦ୍ୟ ସଞ୍ଚୟ କରେ ଠିକ୍ ସେହିପରି ବିଦ୍ୟାର୍ଥୀ ନିୟମିତ କରୁଥିବା ଅଧ୍ୟୟନର ଅଭ୍ୟାସ କରିବା ଉଚିତ। ଯେପରି ତାହା ସେମାନେ ମନେ ରଖି ପାରିବା ସହ ଜୀବନର ଯେ କୌଣସି ସ୍ଥାନରେ ଆବଶ୍ୟକ ପଡିଲେ ତାର ପ୍ରୟୋଗ କରିପାରିବେ। ସେହିପରି ହଂସ ଓ ଗରୁଡଙ୍କୁ ଭଳି ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ନାରଦ।

ହଂସ ଓ ଗରୁଡ ଖାଦ୍ୟ ସଂଗ୍ରହ ଲାଗି ଖୁବ ଦୂର ପର୍ଯ୍ୟନ୍ତ ଉଡିଯାଆନ୍ତି। ଠିକ୍ ସେହିପରି ବିଦ୍ୟାର୍ଜନ ନିମନ୍ତେ ଯେଉଁଠାକୁ ବି ଯିବାକୁ ପଡେ ସେଠାକୁ ଯିବା ଲାଗି ଛାତ୍ରଛାତ୍ରୀ ମନରେ ସାହାସ ରଖିବା ଦରକାର ବୋଲି ନାରଦ ପୁରାଣରେ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ନାରଦ ଜିହ୍ୱା ଉପରେ ସଞ୍ଜମତା ଆଚରଣ ଲାଗି ମଧ ପରାମର୍ଶ ଦେଇଛନ୍ତି। ନିଜର ବାଣୀ ଓ ଖାଦ୍ୟ ପେୟ ପ୍ରତି ସଞ୍ଜମତା ଏହାର ମୂଳ ଉଦ୍ଦେଶ୍ୟ। ଛାତ୍ରଛାତ୍ରୀଙ୍କ ଲାଗି ଖାଦ୍ୟ ଓ ପାନୀୟ ସେମାନଙ୍କର ଆବଶ୍ୟକତା ହେବା ଦରକାର ଏହାଠୁ ଅଧିକ ଆଶା କରିବା ଉଚିତ ନୁହେଁ ବୋଲି କହିଛନ୍ତି ନାରଦ।

ନିଦ ଉପରେ ବିଜୟ ପ୍ରାପ୍ତ କରିବାକୁ ନାରଦ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଯଦି ଛାତ୍ରଛାତ୍ରୀ ନିଦ୍ରାକୁ ପ୍ରାଥମିକତା ଦେବେ ତେବେ ଜ୍ଞାନ ଆହରଣ କରିପାରିବେ ନାହିଁ। ଏଣୁ ଜ୍ଞାନ ପ୍ରାପ୍ତି ଲାଗି ଛାତ୍ରଛାତ୍ରୀଙ୍କୁ ନିଦ୍ରା ପରିହାର କରିବାକୁ ପଡିବ। ସ୍ୱାସ୍ଥ୍ୟ ଲାଗି ଯେତିକି ଆବଶ୍ୟକ ସେତିକି ଶୟନ ହିଁ କରିବାକୁ ନାରଦ ପୁରାଣରେ ଉଲ୍ଲେଖ କରିଛନ୍ତି। ସେହିପରି ବିଦ୍ୟାଧାୟୀ ପ୍ରେମ ପ୍ରସଙ୍ଗରୁ ଦୂରରେ ରହିବା ଜରୁରୀ ବୋଲି ମଧ ମହର୍ଷି କହିଯାଇଛନ୍ତି। ପାଠପଢା ବେଳେ ଭାବି ଗ୍ରାହ୍ୟସ୍ଥାଶ୍ରମର ଚିନ୍ତା ନ କରି ପ୍ରଥମେ ଶିକ୍ଷାଦୀକ୍ଷା ଲକ୍ଷ ହାସଲ ହେବା ଦରକାର ବୋଲି କହିଛନ୍ତି ମହର୍ଷି।

## ବିଶାଳାକ୍ଷୀ ଶକ୍ତିପୀଠ, ବାରାଣସୀ

ସନାତନ ଧର୍ମରେ ସର୍ବଦା ଶକ୍ତିଙ୍କୁ ଉପାସନା କରାଯାଇଆସିଛି । ସେଥିପାଇଁ କୌଣସି ଦେବତାଙ୍କ ନାମ ଉଚ୍ଚାରଣ ପୂର୍ବରୁ ପ୍ରଥମେ ସେମାନଙ୍କ ଶକ୍ତିଙ୍କ ନାମ ନିଆଯାଇଥାଏ। 'କୃଷ୍ଣ ଚରିତ୍ର'ରେ ଥିବା ବର୍ଣ୍ଣନା ଅନୁଯାୟୀ, ଶ୍ରୀକୃଷ୍ଣଙ୍କ ଦିନଚର୍ଯ୍ୟାରେ ମା' ଦୁର୍ଗାଙ୍କ ଉପାସନା ସମ୍ମିଳିତ ଥିଲା। ଶ୍ରୀରାମ ମଧ ରାବଣ-ବଧ ପୂର୍ବରୁ ଶକ୍ତିପୂଜା କରିଥିଲେ । ବୈଦିକ ସାହିତ୍ୟ ବିଶେଷ କରି ଯଜୁର୍ବେଦ ଏବଂ ଅଥର୍ବବେଦରେ ଶକ୍ତିପୂଜାର ଉଲ୍ଲେଖ ରହିଛି । ଉପନିଷଦ୍‌ରେ ମଧ ଶକ୍ତିପୂଜାକୁ ଗୁରୁତ୍ୱ ଦିଆଯାଇଛି । ପୁରାଣରେ ତ' ସର୍ବତ୍ର ଶକ୍ତିଙ୍କ ମହତ୍ୱ ବର୍ଣ୍ଣନା କରାଯାଇଛି । ପୌରାଣିକ ଆଖ୍ୟାନ ଅନୁଯାୟୀ ଭଗବାନ ଶିବଙ୍କ ଅପମାନରେ କ୍ରୋଧିତ ହୋଇ ଦେବୀ ସତୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁଣ୍ଡରେ ନିଜକୁ ଆହୂତି ଦେଲେ । ଏହାପରେ ଭଗବାନ ଶିବ ଅତ୍ୟନ୍ତ କ୍ରୋଧିତ ହୋଇପଡ଼ିଥିଲେ । ସେ ଦେବୀ ସତୀଙ୍କ ଶରୀରକୁ ନେଇ ସମଗ୍ର ବ୍ରହ୍ମାଣ୍ଡରେ ଘୂରିବୁଲିବାକୁ ଲାଗିଲେ । ଏହି ସମୟରେ ଶ୍ରୀହରି ବିଷ୍ଣୁ ନିଜ ସୁଦର୍ଶନ ଚକ୍ର ପ୍ରେରଣ କରି ସତୀଙ୍କ ଶରୀରକୁ କାଟି ଖଣ୍ଡ ଖଣ୍ଡ କରିଦେଇଥିଲେ । ଦେବୀ ଶକ୍ତିଙ୍କ ଅଙ୍ଗ ଯେଉଁଠି ଖସିପଡ଼ିଥିଲା, ସେସବୁ ସ୍ଥାନ ଶକ୍ତିପୀଠ ନାମରେ ପ୍ରସିଦ୍ଧ ହୋଇଥିଲା। ଏଠାରେ କିଛି ଶକ୍ତିପୀଠ ସମ୍ପର୍କରେ ସୂଚନା ଦିଆଗଲା।



କାଶୀରେ ଭଗବାନ ଶିବଙ୍କ ଉପାସନା ସହିତ ଶକ୍ତିର ଅଧିଷ୍ଠାତ୍ରୀ (ମାତା)ଙ୍କର ମଧ ପୂଜା କରାଯାଇଥାଏ। ଅଷ୍ଟ ଭୈରବ, ଛପନ ବିନାୟକଙ୍କ ସହିତ ୯ ଦେବୀ ଏବଂ ୯ ଗୌରୀଙ୍କୁ ମଧ ପୂଜା କରାଯାଏ। ଏମାନଙ୍କ ମଧ୍ୟରୁ ଜଣେ ବିଶାଳାକ୍ଷୀ ଗୌରୀ ନାମରେ ପ୍ରସିଦ୍ଧ । ତାଙ୍କର ମନ୍ଦିର ଗଙ୍ଗା ନଦୀ ତଟ ତଥା ଶ୍ରୀକାଶୀ ବିଶ୍ୱନାଥଙ୍କ ମନ୍ଦିର ନିକଟସ୍ଥ ମୀରଘାଟରେ ରହିଛି । ଲୋକ ବିଶ୍ୱାସ ଅନୁଯାୟୀ, ଏଠାରେ ଦେବୀ ସତୀଙ୍କ ମୁଖମଣ୍ଡଳ ଖସିପଡ଼ିଥିଲା। ଶ୍ରଦ୍ଧାଳୁମାନେ ବିଶ୍ୱାସ କରିଥାନ୍ତି ଯେ ଆଜି ମଧ ଦେବାଦିଦେବ ମହାଦେବ ଏହି ଶକ୍ତିପୀଠକୁ ପ୍ରତିଦିନ ବିଶ୍ରାମ କରିବା ଲାଗି ଆସିଥାନ୍ତି । ସେଥିପାଇଁ ପୂଜାରୀ ମନ୍ଦିରରେ ପଲଙ୍କ ସଜାଇଥାନ୍ତି ।

ଏହି ଶକ୍ତିପୀଠର ଇତିହାସ, କାଶୀ ନଗରୀ ପ୍ରତିଷ୍ଠା ହେବା ପୂର୍ବର। ମନ୍ଦିରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କରିବା ମାତ୍ରେ ବିଶାଳାକ୍ଷୀ ଦେବୀଙ୍କ ଗର୍ଭଗୃହ ରହିଛି । ଏଠାରେ ଅଷ୍ଟଧାତୁରେ ନିର୍ମିତ ମହାଲକ୍ଷ୍ମୀ, ନବଗ୍ରହ ଏବଂ ବିଶାଳେଶ୍ୱର ମହାଦେବଙ୍କ ବିଗ୍ରହ ବିରାଜମାନ । ୧୯୦୮ ମସିହାରେ ନାଟ୍‌କୋଟି ଚେଟ୍ଟିଆର ଟ୍ରଷ୍ଟ ଏହି ମନ୍ଦିରକୁ ଦ୍ରାବିଡ଼ୀୟ ଶୈଳୀରେ ନବନିର୍ମାଣ କରିଥିଲା। ଛାତ ଉପରେ ନବଗ୍ରହଙ୍କ ଚିହ୍ନ ମଧ ଚିତ୍ରିତ କରାଯାଇଥିଲା।

ମହନ୍ତ ରାଜନାଥ ତିୱାରୀ ସୂଚନା ଦିଅନ୍ତି ଯେ ଭଗବତୀଙ୍କୁ ଧୂପ, ଦୀପ, ପୁଷ୍ପହାର, ମୋତି ଆଭୂଷଣ, ନବୀନ ବସ୍ତ୍ର ସହିତ କୁଙ୍କୁମ ମଧ ଅର୍ପଣ କରାଯାଇଥାଏ। ଭକ୍ତଜନଙ୍କୁ ପ୍ରସାଦ ସ୍ୱରୂପ କୁଙ୍କୁମ ଦିଆଯାଏ। ଭକ୍ତଗଣ ଏଠାରେ ଦାନ, ଜପ ଏବଂ ଯଜ୍ଞ ମଧ କରିଥାନ୍ତି ।

ମନ୍ଦିର ସକାଳୁ ୪ଟା ୩୦ମିନିଟ୍‌ରେ ଖୋଲିଥାଏ ଏବଂ ରାତି ସାଢ଼େ ୧୦ଟାରେ ପହଡ଼ ପଡ଼ିଥାଏ। ପ୍ରତିବର୍ଷ ଭାଦ୍ରବମାସ କୃଷ୍ଣ ପକ୍ଷର ତୃତୀୟା ତିଥିରେ ମାତାଙ୍କ ବାର୍ଷିକ ଶୃଙ୍ଗାର ଏବଂ ପ୍ରତ୍ୟେକ ୧୨ ବର୍ଷରେ ଥରେ କୁମ୍ଭାଭିଷେକ କରାଯାଇଥାଏ।

## ଓଜନ ହ୍ରାସ କରେ କଞ୍ଚା ଲଙ୍କା

ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। ଖାଇବା ସମୟରେ ଅନେକ ୨ ରୁ ୩ଟି କଞ୍ଚାଲଙ୍କା ଖାଇବାକୁ ପସନ୍ଦ କରିଥାଆନ୍ତି। ତେବେ ଜାଣିଛନ୍ତି କି ? କଞ୍ଚାଲଙ୍କା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଉପକାରୀ ହୋଇଥାଏ।



ଏହାକୁ କେଉଁ ଉପାୟରେ ସେବନ କଲେ ଲାଭ ମିଳେ ଜାଣନ୍ତୁ। କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ରହିଛି। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି୬, ଭିଟାମିନ ସି, ଆଇରନ, ପୋଟାସିୟମ, ପ୍ରୋଟିନ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। କଞ୍ଚା ଲଙ୍କା ସେବନ ଦ୍ୱାରା ମନ ଓ ମସ୍ତିଷ୍କ ସୁସ୍ଥ ରହିବା ସହ ମାନସିକ ଦୁଶ୍ଚିନ୍ତା ଦୂର ହୋଇଥାଏ। ସେହିଭଳି ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। କଞ୍ଚାଲଙ୍କା ସୀମିତ ମାତ୍ରାରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କାର ନିୟମିତ ଭାବେ ସେବନ କରିବା ଉଚିତ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ମୋଟାପଣ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା କର୍କଟ ରୋଗ ହେବାର ଆଶଙ୍କାକୁ କମ କରିଥାଏ। ନିୟମିତ ଅଳ୍ପ ପରିମାଣରେ ଏହାର ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ହୃଦୟକୁ ସୁସ୍ଥ ରଖିବା ପାଇଁ ମଧ କଞ୍ଚା ବେଶ ଉପକାରୀ। ଏହା ହୃଦୟ ଜନିତ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରଖିଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କା ତ୍ୱଚା ପାଇଁ ମଧ ବେଶ ଲାଭଦାୟକ। ଏହା ତ୍ୱଚାକୁ ସୁସ୍ଥ ରଖିଥାଏ। ତ୍ୱଚାରେ କୁଞ୍ଚନ ଆସିବାକୁ ଦେଇନଥାଏ। ତ୍ୱଚା ଯୁବା ଓ ସୁନ୍ଦର ଦେଖାଯାଏ। ପାଚନ କ୍ରିୟାକୁ ସୁଚାରୁ ରୂପେ କରିବା ପାଇଁ ମଧ କଞ୍ଚାଲଙ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଞ୍ଚାଲଙ୍କା ସେବନ ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ଥଣ୍ଡା ସମୟରେ କଞ୍ଚାଲଙ୍କା ସେବନ ଦ୍ୱାରା ଥଣ୍ଡା ଶୀଘ୍ର ଭଲ ହୋଇଥାଏ। ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ରକ୍ତଚାପକୁ କମ୍ କରିବା ସହ ଏହାକୁ ନିୟନ୍ତ୍ରଣରେ ରଖିଥାଏ।

# ନଗରନକ୍ସା
ମହାନଗରର ନିଜ ଭାଷା

ଶୁକ୍ରବାର, ୧୦ ଜୁଲାଇ, ୨୦୨୬



# ଓଡ଼ିଶା ସୂଚନା ସେବା ଅଧିକାରୀଙ୍କ ପ୍ରଶିକ୍ଷଣ ଶେଷ

**ଭୁବନେଶ୍ୱର, ୯।୭ (ମହାଭାରତ):** ଓଡ଼ିଶା ସୂଚନା ସେବା (ଓଆଇଏସ) ଅଧାଶୀମାନଙ୍କ ପାଇଁ "ଗଣମାଧମ ଓ ଯୋଗାଯୋଗ' ବିଷୟ ସଂପର୍କିତ ଆୟୋଜିତ ପାଂଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୩ ଜୁଲାଇ ୨୦୨୭ରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ (ଆଇଆଇଏମସି)ରେ ସଫଳତାର ସହ ସମାପ୍ତ ହୋଇଛି । ଓଡ଼ିଶାରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ ଲୋକ ସମ୍ପର୍କ ଅଧିକାରୀ, ରାଜସ୍ୱ ଆୟୁକ୍ତ (ଆରଟିସି) କାର୍ଯ୍ୟାଳୟରେ ଅବସ୍ଥାପିତ ଉପନିର୍ଦ୍ଦେଶକ(ଲୋକ ସଂପର୍କ), ଜିଲ୍ଲା ମୁଖ୍ୟାଳୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଏବଂ ଉପଖଣ୍ଡ କାର୍ଯ୍ୟାଳୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଏସଆଇପିଆରଓ) ଭାବେ କାର୍ଯ୍ୟରତ ବିଭିନ୍ନ ବ୍ୟାଚ୍‌ର ୧୯ ଜଣ ଓଡ଼ିଶା ସୂଚନା ସେବା ଅଧିକାରୀଙ୍କ ପାଇଁ ୨୯ ଜୁନରୁ ୩ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗଣମାଧ୍ୟମ ପରିଚାଳନା, ଜନସମ୍ପର୍କ, ଗଣନୈତିକ



ଯୋଗାଯୋଗ କୌଶଳ, ଡିଜିଟାଲ ଯୋଗାଯୋଗ, ଗଣମାଧମରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ପ୍ରୟୋଗ ଏବଂ ଜନସାଧାରଣଙ୍କ ନିକଟରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ପହଂଚି କ୍ଷେତ୍ରରେ ଅଧିକାରୀମାନଙ୍କ ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଏଥିରେ ଆଇଆଇଏମସି, ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି), ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ପ୍ରସାର ଭାରତୀ, ଜାତୀୟ ଟେଲିଭିଜନ ଗଣମାଧମ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂସ୍ଥାର ବିଶିଷ୍ଟ ଅଧ୍ୟାପକ ଓ ବିଷୟ ବିଶେଷଜ୍ଞମାନେ ବିଭିନ୍ନ ଅଧିବେଶନରେ ଯୋଗଦେଇ ସେମାନଙ୍କର ପ୍ରାୟୋଗିକ ଅନ୍ତର୍ଦୃଷ୍ଟି ଏବଂ କ୍ଷେତ୍ରଭିତ୍ତିକ ଅଭିଜ୍ଞତା ବାଣ୍ଟିଥିଲେ । ଉଦଯାପନୀ ସମାରୋହରେ ପତ୍ର ସୂଚନା କାର୍ଯ୍ୟାଳୟର ପୂର୍ବତନ ମହାନିର୍ଦ୍ଦେଶକ ଶ୍ରୀ ଜୟଦୀପ ଭଟ୍ଟନାଗର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ଜନସେବାର ଏକ ପ୍ରଭାବଶାଳୀ ମାଧମ ଭାବେ ଫଳପ୍ରଦ ଯୋଗାଯୋଗର ପ୍ରୟୋଗ କରିବା ସହ ରାଜ୍ୟ ଓ ଦେଶର ବିକାଶ ଲକ୍ଷ୍ୟ ପୂରଣରେ ଅବଦାନ ରଖିବାକୁ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଆଇଆଇଏମସି, ନୂଆଦିଲ୍ଲୀର କୁଳପତି ଡ. ପ୍ରଜ୍ଞା ପାଲିଖାଲ ଗୌର, କାର୍ଯ୍ୟନିର୍ବାହୀ ଶିକ୍ଷା କେନ୍ଦ୍ର(ସିଇଇ)ର ମୁଖ୍ୟ ପ୍ରଫେସର (ଟି.) ସୁଚେତ୍ତା ସେନ ଡାରାୟଣ ଏବଂ ରେଜିଷ୍ଟ୍ରାର ଶ୍ରୀ ଏଲ୍. ମଧୁ ନାଗ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମଗ୍ର ପ୍ରଶିକ୍ଷଣ ଅବଧିରେ ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା ଓ ମତବିନିମୟ କରିଥିଲେ । ଆଇଆଇଏମସି କାର୍ଯ୍ୟନିର୍ବାହୀ ଶିକ୍ଷା କେନ୍ଦ୍ରର ପ୍ରଶିକ୍ଷଣ ସହଯୋଗୀ ଶ୍ରୀମତୀ ମନସାହ କୋଜ୍ୟାକ ବିଭିନ୍ନ ଅଧିବେଶନର ସମନ୍ୱୟ ଓ ସଂଚାଳନ କରିଥିଲେ । ଅଂଶଗ୍ରହଣକାରୀ ଓଡ଼ିଶା ସୂଚନା ସେବା ଅଧିକାରୀମାନେ କହିଥିଲେ ଯେ, ଏହି ପ୍ରଶିକ୍ଷଣ ସେମାନଙ୍କର ଗଣମାଧ୍ୟମ ପରିଚାଳନା ଓ କୌଶଳଗତ ଯୋଗାଯୋଗ କ୍ଷମତାକୁ ଆହୁରି ସୁଦୃଢ଼ କରିବା ସହିତ "ବିକଶିତ ଓଡ଼ିଶା-୨୦୩୬' ଏବଂ ବିକଶିତ ଭାରତ-୨୦୪ ଗଠନ ଦିଗରେ ରାଜ୍ୟର ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବ । ଏହି ପ୍ରଶିକ୍ଷଣ ସୁଯୋଗ ପାଇଁ ସେମାନେ ଓଡ଼ିଶା ସରକାର କଥା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି । ଆଇଆଇଏମସିରେ ପ୍ରଦାନ କରାଯାଇଥିବା ପ୍ରାୟୋଗିକ ପ୍ରଶିକ୍ଷଣ ସେମାନଙ୍କୁ ଅଧିକ ଦକ୍ଷତା ଓ ବୃତ୍ତିଗତତାର ସହ ଜନସେବା ପ୍ରଦାନ କରିବାରେ ସହାୟତା କରିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ କରିଥିବା ଅଧିକାରୀମାନଙ୍କୁ ପ୍ରମାଣପତ୍ର ମୁଦ୍ରାକ କରାଯାଇଥିଲା ।

## ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା



**ଭୁବନେଶ୍ୱର, ୯।୭ (ମହାଭାରତ):** ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଦୈନିକ 'ସମାଜ' ଖବରକାଗଜ ପକ୍ଷରୁ ଏକ ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଜେବି ନଗର ସ୍ଥିତ ବକ୍ସି ଜଗବନ୍ଧୁ ଇଂଲିସ୍ ମିଡ଼ିୟମ୍ ସ୍କୁଲ୍ ପରିସରରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିରେ ଭୁବନେଶ୍ୱର ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଶାନ୍ତନୁ ନିଜ ରଙ୍ଗ ତୂଳୀ ମାଧମରେ ଗୋପବନ୍ଧୁଙ୍କ ସମୟର ଗ୍ରାମୀଣ ଜନଜୀବନକୁ ଅତି ନିଖୁଣ ଭାବେ ଚିତ୍ରପଟ୍ଟରେ ରୂପାୟନ କରି ଏହି ଗୌରବ ଅର୍ଜନ କରିଛନ୍ତି । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କୃତୀ ପ୍ରତିଯୋଗୀ ଶାନ୍ତନୁଙ୍କୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି । ସୂଚନାଯୋଗ୍ୟ ଯେ, ଶାନ୍ତନୁ ଗତ ୫ବର୍ଷ ହେବ ପରିବେଶ ସୁରକ୍ଷା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଚିତ୍ରାଙ୍କନ କରି ଆସୁଛନ୍ତି । ଏହାସହ ସେ ଓଡ଼ିଶାର କଳା ଓ ସଂସ୍କୃତିକୁ ବିଭିନ୍ନ ସମୟରେ ଚିତ୍ରକଳା ମାଧମରେ ସ୍ଥାନିତ କରି ସମାଜରେ ଜନସଚେତନତା ସୃଷ୍ଟି କରିଥାନ୍ତି । ତାଙ୍କର ଏହି କଳାକୃତି ସଦାସର୍ବଦା ସାଧାରଣ ଲୋକଙ୍କ ପାଇଁ ଏକ ମନଛୁଆଁ ବାର୍ତ୍ତା ବହନ କରିଥାଏ । ଏହି ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଥିଲେ ।

# ନବଜାତ ଶିଶୁକୁ ନୂଆ ଜୀବନ ଦେଲେ ଡାକ୍ତର

**ଭୁବନେଶ୍ୱର, ୯।୭ (ମହାଭାରତ):** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡାକ୍ତରମାନେ ମାତ୍ର ୨୪ ସପ୍ତାହରେ ଜନ୍ମ ହୋଇଥିବା ଗୋଟିଏ ଅସୁସ୍ଥ ଏବଂ ଅପରିପକ୍ୱ ଶିଶୁର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି । ଅନ୍ୟ ଏକ ହସ୍ପିଟାଲରେ ଜନ୍ମ ହୋଇଥିବା ଏହି ଶିଶୁଟିର ଓଜନ ସମ୍ ହସ୍ପିଟାଲରେ ଭର୍ତ୍ତି ସମୟରେ ମାତ୍ର ୬୩୦ ଗ୍ରାମ ଥିଲା । ଶିଶୁଟିକୁ ଗୁରୁତର ଅବସ୍ଥାରେ ସମ୍ ହସ୍ପିଟାଲର ନବଜାତ ଶିଶୁରୋଗ ଚିକିତ୍ସା ବିଭାଗ (ଏନ୍‌ଆଇସିୟୁ)ରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା ।

ଏଭଳି ଅତ୍ୟନ୍ତ ଅପରିପକ୍ୱ ଶିଶୁଙ୍କ କ୍ଷେତ୍ରରେ ବଂଚିବାର ସମ୍ଭାବନା ସାଧାରଣତଃ କମ୍ ଥିବାରୁ ଶିଶୁଟିକୁ ଇନଭେସିଭ୍ ମେକାନିକାଲ୍ ଭେଂଟିଲେସନ୍ ଓ ପରବର୍ତ୍ତୀ ସମୟରେ ନନ୍-ଇନଭେସିଭ୍ ଭେଂଟିଲେସନ୍ (ଏନ୍‌ଆଇଭି), ସିପିଏପି ଏବଂ ପାରେନଟ୍ରୋଲ୍ ନ୍ୟୁଟ୍ରିସନ୍ ଭଳି ଉନ୍ନତ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା ।

ଡାକ୍ତର ଓ ନର୍ସମାନଙ୍କର ନିରନ୍ତର ତତ୍ତ୍ୱାବଧାନ ଏବଂ ସଠିକ୍ ଚିକିତ୍ସା ଫଳରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ସୁଧାର ଆସିଥିଲା । ନବଜାତ ଶିଶୁରୋଗ ବିଭାଗର ସମସ୍ତ ଡାକ୍ତର ଓ ନର୍ସମାନଙ୍କର ସମନ୍ୱିତ ପ୍ରୟାସ ଏହି ସଫଳତାର ମୂଳ କାରଣ ବୋଲି ବିଭାଗର ମୁଖ୍ୟ ଡାକ୍ତର ଦେବାଶିଷ ନନ୍ଦ କହିବା ସହ ଏହି ସଫଳତା ପାଇଁ ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି ।

ଶିଶୁଟିକୁ ଚିକିତ୍ସା କରିଥିବା ଡାକ୍ତରୀ ଟିମରେ ଡାକ୍ତର ଭବଗ୍ରାହୀ ମଲ୍ଲିକ, ଡାକ୍ତର ରତନ କୁମାର ଦାସ, ଡାକ୍ତର ବିଜୟ କୁମାର, ଡାକ୍ତର ବିନୀତ ପାଣିଗ୍ରାହୀ, ଡାକ୍ତର ପାୟଲ ପ୍ରଧାନ, ଡାକ୍ତର କଳ୍ପିତା ସାହୁ, ଡାକ୍ତର ସୁରେଶ ତ୍ରିପାଠୀ, ଡାକ୍ତର ସୀତିକାନ୍ତ ନାୟକ, ଡାକ୍ତର ଶ୍ରୁତିପ୍ରଜ୍ଞା କର, ଡାକ୍ତର ଶରତ ଚନ୍ଦ୍ରିକା, ଡାକ୍ତର ଆଦ୍ୟାଶା କାନୁନଗୋ ଏବଂ ଡାକ୍ତର ଶୁଭଲକ୍ଷ୍ମୀ ସାହୁ ସାମିଲ ଥିଲେ ।

ଡାକ୍ତର ନନ୍ଦ ଶିଶୁଟିର ଅଭିଭାବକଙ୍କ ଧୈର୍ଯ୍ୟ, ସହଯୋଗ ଏବଂ ଚିକିତ୍ସା ପ୍ରକ୍ରିୟାରେ ସକ୍ରିୟ ଭୂମିକା ପାଇଁ ମଧ୍ୟ ପ୍ରଶଂସା କରିଥିଲେ । ଶିଶୁଟିର ଅଭିଭାବକ ସଂପୂର୍ଣ୍ଣ ନବଜାତ ଶିଶୁରୋଗ ଟିମ୍ ପ୍ରତି କୃତଜ୍ଞତା ଜଣାଇବା ସହ ସେମାନଙ୍କ ଶିଶୁକୁ ନୂଆ ଜୀବନ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ । ଏହି ଜଟିଳ ମାମଲାର ସଫଳ ପରିଚାଳନା ପାଇଁ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଙ୍ଘମିତ୍ରା ମିଶ୍ର ଏବଂ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମସ୍ତ ଆବଶ୍ୟକ ପ୍ରଶାସନିକ ଓ ଲଜିଷ୍ଟିକ୍ ସହଯୋଗ ପ୍ରଦାନ କରିଥିଲେ ।

# ୪୨ ଏମଏଲଡି ଜଳ ବିଶୋଧନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

**ଭୁବନେଶ୍ୱର, ୯।୭ (ମହାଭାରତ):** ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଏବଂ ଏଥିପାଇଁ ପୁରୀକୁ ଆସିବାକୁ ଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଏକ ବ୍ୟାପକ ସମୀକ୍ଷା କରିବା ସହ ସହରରେ ନିର୍ମାଣାଧୀନ ନୂତନ ୪୨ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି । ଉତ୍ସବ ସମୟରେ ନିରବଚ୍ଛିନ୍ନ ଭାବେ ସୁରକ୍ଷିତ ଓ ସ୍ୱଚ୍ଛ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ପ୍ରସ୍ତୁତିର ଆକଳନ କରିବା ପାଇଁ ମନ୍ତ୍ରୀ ଡଃ ମହାପାତ୍ର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ ।

ଏହି ବୈଠକରେ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି, ବିଭାଗୀୟ ବରିଷ୍ଠ ଅଧିକାରୀ, ଯନ୍ତ୍ରୀ ଓ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ରଥଯାତ୍ରା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ



ସ୍ୱତନ୍ତ୍ର ବ୍ୟବସ୍ଥା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । କ୍ଷେତ୍ର ପରିଦର୍ଶନ ସମୟରେ ଡଃ ମହାପାତ୍ର ୪୨ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟର ପ୍ରମୁଖ ଅଂଶ ଯେପରିକି କ୍ଲାରିଫାୟର୍, ଫିଲଟ୍ରେସନ୍ ୟୁନିଟ୍, ଯନ୍ତ୍ରପାତି ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମିର ଅଗ୍ରଗତି ପରିଦର୍ଶନ କରିଥିଲେ । ପୁରୀ ସହରର ବର୍ତ୍ତମାନ ଓ ଭବିଷ୍ୟତର ଜଳ ଆବଶ୍ୟକତା ପୂରଣ ଦିଗରେ ଏହି ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ଗୁଣବତ୍ତା ବଜାୟ ରଖିବା ସହ କାମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।'ରଥଯାତ୍ରା ସମୟରେ ପୁରୀର ଜନସଂଖ୍ୟା ବହୁଗୁଣିତ ହୋଇଯାଏ । ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନିରବଚ୍ଛିନ୍ନ ଭାବେ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ଆମର ସର୍ବୋଚ୍ଚ ପ୍ରାଥମିକତା । ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ସଂସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଆବଶ୍ୟକ,' ବୋଲି ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ।

ଶ୍ରୀ ଜଗନ୍ନାଥ ମନ୍ଦିର ଚାରିପାଖ, ସେବାୟତ , /ତୀର୍ଥଯାତ୍ରୀଙ୍କ ରହଣି ସ୍ଥଳ, ଅସ୍ଥାୟୀ ଶିବିର ଏବଂ ସହରର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ କରାଯାଇଥିବା ବ୍ୟବସ୍ଥାର ସମୀକ୍ଷା ମନ୍ତ୍ରୀ ଡଃ ମହାପାତ୍ର କରିଥିଲେ । ଜଳ ଯୋଗାଣ ନେଟୱାର୍କର କ୍ରମାଗତ ନିରୀକ୍ଷଣ କରିବା ସହ ପାୱାର ବ୍ୟାକଅପ୍ ବ୍ୟବସ୍ଥା ଏବଂ ଜରୁରୀକାଳୀନ ପଦକ୍ଷେପ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଜଳ ଯୋଗାଣରେ କୌଣସି ଅପ୍ରତ୍ୟାଶିତ ବାଧା ଦୂର କରିବା ପାଇଁ ୱାଟକୋ ପକ୍ଷରୁ ଭ୍ରାମ୍ୟମାଣ ପାଣି ଟାଙ୍କି, ଅସ୍ଥାୟୀ ଜଳ ବଣ୍ଟନ କେନ୍ଦ୍ର ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଦଳକୁ ପ୍ରସ୍ତୁତ ରଖାଯାଇଛି ।

# ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ବିଏମ୍‌ସିର ବନୀକରଣ

**ଭୁବନେଶ୍ୱର,୯।୭ (ମହାଭାରତ):** ବନ ମହୋତ୍ସବ ସପ୍ତାହ ୨୦୨୬ ଅବସରରେ ଆଜି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବରମୁଣ୍ଡା ପୁରୁଣା ବସଷ୍ଟାଣ୍ଡ ପଛପାର୍ଶ୍ୱ ଓୟୁଏଟି ଜମିରେ ମିୟାୱାକି ପଦ୍ଧତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, କମିଶନର ଶ୍ରୀ ଚଂଚଳ ରାଣା, ଓୟୁଏଟି ଭାଇସ୍ ଚାନସେଲର ପ୍ରଫେସର ଡକ୍ଟର ପ୍ରଭାତ କୁମାର ରାଉଳ, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀ ବିରଂଚି ନାରାୟଣ ମହାସୂପକାର, ଶିକ୍ଷା ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀ ରାମଚନ୍ଦ୍ର ରଣସିଂହ, ଅଭିଯୋଗ ଶୁଣାଣି ଷ୍ଟାଣ୍ଡିଂ କମିଟି ଅଧକ୍ଷା ଶ୍ରୀମତୀ ବିନୟିନୀ ଜେନା, କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀ ଦୀପକ କୁମାର ମିଶ୍ର, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ସଂଯୁକ୍ତା ସୁନ୍ଦରାୟ, କର୍ପୋରେଟର ଶ୍ରୀ ଅମରେଶ ଜେନା, ଅଜିତ କୁମାର ବେହେରା, ପଦ୍ମଜା ପ୍ରିୟଦର୍ଶିନୀ ଜେନାଙ୍କ ସହ ଓୟୁଏଟିର ବିଭାଗୀୟ ମୁଖ୍ୟ (ଐଡଉ) ଓ ଡିନ୍ ମଂଚାସୀନ ଥିଲେ । କରକମଳରେ ଚଳିତ ବର୍ଷା ଋତୁର ଏହି ଦ୍ୱିତୀୟ



ମିୟାୱାକି ପଦ୍ଧତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମିୟାୱାକି ପଦ୍ଧତିରେ ବୃକ୍ଷ ରୋପଣ କରାଯାଇଛି । ଗତ ଦୁଇ ବର୍ଷ ତଳେ ପାତ୍ରପଡା ରଜ ପଡିଆରେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ମିୟାୱାକି ପଦ୍ଧତିରେ ବୃକ୍ଷ ରୋପଣ ଆଜି ଏକ ଘଂଚ ଜଙ୍ଗଲରେ ପରିଣତ ହୋଇଛି । ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ବୃକ୍ଷ ସବୁ ୧୦ ଫୁଟରୁ ଉର୍ଦ୍ଧ୍ୱ ହୋଇ ଏକ ଘଂଚ ଜଙ୍ଗଲ ହୋଇପାରିଛି । ସେହିପରି ନଗର ବନ, ଘାଟିକିଆର ଆପିଜେ ବିଦ୍ୟାଳୟ ନିକଟସ୍ଥ ପଡିଆ, ନୟାପଲ୍ଲୀ ହଜ୍, କଳିଙ୍ଗ ନଗର କେ-୬, କଳିଙ୍ଗ ଷ୍ଟୁଡିଓ ନିକଟ ଆଦି ୧୬ଟି ସ୍ଥାନରେ ୮୦ ହଜାରରୁ ଅଧିକ ବୃକ୍ଷ ମିୟାୱାକି ପଦ୍ଧତିରେ ରୋପଣ ହେବା ସହ ସ୍ୱତନ୍ତ୍ର ଜଙ୍ଗଲ ସୃଷ୍ଟି କରାଯାଇଛି । ସହରର ବିଭିନ୍ନ ପ୍ରାନ୍ତରେ ଗୋଷ୍ଠୀ ସହଯୋଗରେ ବନୀକରଣ ଅଭିଯାନକୁ ଆଗେଇ ନେବା ପାଇଁ ଉପସ୍ଥିତ ନାଗରିକ, ଛାତ୍ରଛାତ୍ରୀ ଓ ମାଆମାନଙ୍କୁ ଅନୁରୋଧ କରିଛନ୍ତି । ବିଏମ୍‌ସି ଅଂଚଳର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଉଦ୍ୟମରେ ନିଜ ପଡିଆ ଜମି କିମ୍ବା ନିଜ ଆଖପାଖରେ ଥିବା ସରକାରୀ ପଡିଆ ଜମିରେ ଅତିକମରେ ଜୀବନ କାଳ ମଧ୍ୟରେ ୫ଟି ଗଛ ଲଗାନ୍ତୁ ଏବଂ ତାର ରକ୍ଷଣାବେକ୍ଷଣ କରନ୍ତୁ । ଏହାଦ୍ୱାରା ଆମ ପରିପିଢ଼ି ସ୍ୱଚ୍ଛ ବାୟୁ, ସବୁଜ ବଳୟ ଏବଂ ପ୍ରାକୃତିକ ପରିବେଶ ପାଇପାରିବେ । କାର୍ଯ୍ୟକ୍ରମରେ ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ୮ ହଜାର ଏବଂ ନଗରବନଠାରେ ୮ ହଜାର ବୃକ୍ଷ ରୋପଣ କରାଯାଉଛି । ଏଥିପାଇଁ ସିଟି ଫରେଷ୍ଟ ଡିଭିଜନ ଓ ଚନ୍ଦକା ବନଖଣ୍ଡ ଚାରା ଯୋଗାଇଦେଉଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି କମିଶନର । ପ୍ରକୃତି-ସଂସ୍କୃତି-ପ୍ରଗତି ଏମାନେ ପରସ୍ପର ପରିପୂରକ । ତେଣୁ ପ୍ରକୃତିର ସୁରକ୍ଷା କରିବା ସହ ଜନସଂଖ୍ୟା ତୁଳନାରେ ତାର ବୃଦ୍ଧି ପାଇଁ ପ୍ରତ୍ୟେକ ବ୍ୟକ୍ତି ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି ଓୟୁଏଟି ଭିସି ଶ୍ରୀ ରାଉଳ ।

## ବେଦାନ୍ତ ପିଗ୍ ଆଇରନ୍ ଉତ୍ପାଦନରେ ରେକର୍ଡ

**ଭୁବନେଶ୍ୱର, ୯।୭ (ମହାଭାରତ):** ସେସା ଆଇରନ୍ ଓର, ଇଏସ୍ଏଲ୍ ଷ୍ଟିଲ୍ ଏବଂ ୱେଷ୍ଟର୍ଣ୍ଣ କ୍ଲଷ୍ଟର ଲିମିଟେଡ୍ ମାଧମରେ ଲୁହାପଥର ଖଣି ଖନନ, ପ୍ରକ୍ରିୟାକରଣ ଓ ଇସ୍ପାତ ଉତ୍ପାଦନ ପରିଚାଳନା କରୁଥିବା ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସ୍ଏଲ) ୨୦୨୬ ଜୁନ ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ପାଇଁ ମୋଟ ୨୯୧ କେଟି ପିଗ୍ ଆଇରନ୍ ଉତ୍ପାଦନ ରିପୋର୍ଟ କରିଛି ଯାହା ଗୋଟିଏ ବର୍ଷ ପୂର୍ବର ୨୬୯ କେଟିରୁ ୮% ଅଧିକ ଏବଂ କ୍ରମାଗତ ଭାବରେ (ପୂର୍ବ ତ୍ରୈମାସିକ ତୁଳନାରେ) ୫% ଅଧିକ । ଏହା କମ୍ପାନିର ଏପର୍ଯ୍ୟନ୍ତର ସର୍ବୋଚ୍ଚ ତ୍ରୈମାସିକ ପିଗ୍ ଆଇରନ୍ ଉତ୍ପାଦନ ଥିଲା ଓ ଏକ ରେକର୍ଡ ଭାଙ୍ଗିବା ପ୍ରଦର୍ଶନ ଯାହା ସମଗ୍ର ବ୍ୟବସାୟରେ ଉନ୍ନତ କାର୍ଯ୍ୟକ୍ଷମ ପ୍ରଦର୍ଶନକୁ ପ୍ରଦର୍ଶନ କରୁଛି । କମ୍ପାନିର ଗୋଆ ଖଣିରୁ ଲୁହାପଥର ଉତ୍ପାଦନ ଚଳିତ ତ୍ରୈମାସିକରେ ବାର୍ଷିକ ଆଧାରରେ ୧୬୬% ବୃଦ୍ଧି ପାଇ ୦.୬ ନିୟୁତ ଡିଏମ୍‌ଟି ହୋଇଛି ଯାହା ଗତ ବର୍ଷ ସମାନ ଅବଧିରେ ୦.୨ ନିୟୁତ ଡିଏମ୍‌ଟି ଥିଲା ଏବଂ ଏହା ପୂର୍ବ ତ୍ରୈମାସିକର ୦.୯ ନିୟୁତ ଡିଏମ୍‌ଟି ତୁଳନାରେ କମ୍ ଥିଲା । ଗୋଆ ପ୍ଲାଂଟରୁ ହଟ୍ ମେଟାଲ୍ ଉତ୍ପାଦନ ବାର୍ଷିକ ଆଧାରରେ ୧୨% ଏବଂ କ୍ରମାଗତ ଭାବରେ ୧୧% ବୃଦ୍ଧି ପାଇ ୨୩୮ କେଟି ହୋଇଛି ଯାହା ଏହାର ଏପର୍ଯ୍ୟନ୍ତର ସର୍ବୋଚ୍ଚ ତ୍ରୈମାସିକ ଉତ୍ପାଦନ ଅଟେ । କମ୍ପାନି ଏହି ଅଭିବୃଦ୍ଧିର ଶ୍ରେୟ ଉଚ୍ଚ ଖଣି କାର୍ଯ୍ୟକଳାପ ଏବଂ ପ୍ରକ୍ରିୟାକରଣ କ୍ଷମତାର ସମ୍ପ୍ରସାରଣକୁ ଦେଇଛି ଯେଉଁଥିରେ ଗୋଆ କାର୍ଯ୍ୟକଳାପ ଉଭୟ ଖଣି ଖନନ ଏବଂ ପିଗ୍ ଆଇରନ୍‌ରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । କମ୍ପାନିର ଓଡ଼ିଶା କାର୍ଯ୍ୟକଳାପରୁ ବିକ୍ରୟ ଯୋଗ୍ୟ ଲୁହାପଥର ଉତ୍ପାଦନ ଉଚ୍ଚ କାର୍ଯ୍ୟକ୍ଷମ ଦକ୍ଷତା ଯୋଗୁଁ ବାର୍ଷିକ ଆଧାରରେ ୫୯% ଏବଂ କ୍ରମାଗତ ଭାବରେ ୭୮% ବୃଦ୍ଧି ପାଇ ୧.୨ ନିୟୁତ ଡିଏମ୍‌ଟି ହୋଇଛି ।

## କୋଟାକ ହୌସଲା ୨.୦ର ଶୁଭାରମ୍ଭ

**ଭୁବନେଶ୍ୱର, ୯।୭ (ମହାଭାରତ):** କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ପକ୍ଷରୁ ଏହାର ବ୍ରାଣ୍ଡ ମଂଚ୍‌ର ଦ୍ୱିତୀୟ ସଂସ୍କରଣ ହୌସଲା ୨.୦ର ଶୁଭାରମ୍ଭ କରାଯାଇଛି । ଗତବର୍ଷ ଆରମ୍ଭ ହୋଇଥିବା ହୌସଲା ହେ ତୋ ହୋ ଜାୟେଗା ଚିନ୍ତାଧାରାକୁ ଆଗକୁ ବଢ଼ାଇ ଏହି ନୂତନ ପଦକ୍ଷେପ ନିଆଯାଇଛି । ଯେତେବେଳେ କୋଟାକ୍ ୨୦୨୫ ମସିହାରେ ହୌସଲା ହେ ତୋ ହୋ ଜାୟେଗା ଆରମ୍ଭ କରିଥିଲା, ଏହା ଏକ ଏଭଳି ବିଶ୍ୱାସ ଉପରେ ଆଧାରିତ ଥିଲା ଯାହା ଆଧୁନିକ ଭାରତର ଆତ୍ମାକୁ ପ୍ରତିଫଳିତ କରେ - ଅର୍ଥାତ୍ ଆକାଂକ୍ଷା ବା ଉଚ୍ଚ ଆଶା ଆଜି ଦେଶର ସବୁଠାରୁ ଶକ୍ତିଶାଳୀ ପ୍ରେରଣା ପାଲଟିଛି । ବିଭିନ୍ନ ବୃତି ମଧ୍ୟରେ, ସହର ଏବଂ ପିଢ଼ିର ଭାରତୀୟମାନେ ଆଜି ବଡ଼ ସ୍ୱପ୍ନ ଦେଖୁଛନ୍ତି, ଉଚ୍ଚ ଲକ୍ଷ୍ୟ ରଖୁଛନ୍ତି ଏବଂ ଏଭଳି ସମ୍ଭାବନା ଗୁଡ଼ିକ ବିଷୟରେ ଚିନ୍ତା କରୁଛନ୍ତି, ଯାହା ବୋଧହୁଏ ପୂର୍ବ ପିଢ଼ିର ଲୋକମାନେ କେବେ ଭାବି ନଥିଲେ । ହୌସଲା ୨.୦ ମାଧ୍ୟମରେ କୋଟାକ୍, ଲୋକଙ୍କ ମନରେ ରହିଥିବା ସ୍ୱପ୍ନକୁ ପୂରଣ କରିବା ପାଇଁ ଆବଶ୍ୟକ ହେଉଥିବା ସାହସ ଏବଂ ଦୃଢ଼ ବିଶ୍ୱାସ ଉପରେ ଆଲୋଚନା କରିଛି । ଯଦିଓ ଉଚ୍ଚ ଆଶା ବା ସ୍ୱପ୍ନ ପ୍ରଚୁର ପରିମାଣରେ ରହିଛି, ତଥାପି ପ୍ରକୃତ ପ୍ରଗତି ସେତେବେଳେ ସମ୍ଭବ ହୁଏ ଯେତେବେଳେ ସେଗୁଡ଼ିକ ଉପରେ କାର୍ଯ୍ୟ କରିବାକୁ ସାହସ ଥାଏ । କୋଟାକ୍‌ର ବିଶ୍ୱାସ ଯେ, ଲୋକମାନଙ୍କୁ ଆଉ ବଡ଼ ସ୍ୱପ୍ନ ଦେଖିବାର ଆବଶ୍ୟକତା ନାହିଁ, ବରଂ ସେଥିପାଇଁ ସାହସ ଓ ଦୃଢ଼ ବିଶ୍ୱାସର ଆବଶ୍ୟକତା ରହିଛି । ସେହି ଦୃଷ୍ଟିରୁ ହୌସଲା ହେଉଛି ଆକାଂକ୍ଷା ଏବଂ କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଏକ ସେତୁ ସଦୃଶ୍ୟ ।

## ଜେଏସଡବ୍ଲ୍ୟୁ/ପୋସ୍କୋ ପ୍ରକଳ୍ପକୁ ନେଇ ସରକାରଙ୍କୁ ଘେରିଲା କଂଗ୍ରେସ

**ଭୁବନେଶ୍ୱର, ୯।୭ (ମହାଭାରତ):** କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକରେ ପ୍ରସ୍ତାବିତ ଜେଏସଡବ୍ଲ୍ୟୁ/ପୋସ୍କୋ ଇସ୍ପାତ ପ୍ରକଳ୍ପକୁ ନେଇ ପ୍ରଦେଶ ଯୁବ କଂଗ୍ରେସ ସୋମବାର ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି । ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଅଭିଯୋଗ କରିଛନ୍ତି ଯେ, ଶିଳ୍ପାୟନ ନାମରେ ରାଜ୍ୟ ସରକାର ଆଦିବାସୀ, ଦଳିତ, ଓବିସି ଓ ବନବାସୀ ସମ୍ପ୍ରଦାୟଙ୍କ ଜମି, ଜୀବିକା ଓ ସାମ୍ବିଧାନିକ ଅଧିକାରକୁ ପଦଦଳିତ କରୁଛନ୍ତି । ରଞ୍ଜିତ ପାତ୍ର କହିଛନ୍ତି ଯେ, ଆଦିବାସୀ ଅଧ୍ୟୁଷିତ ଅଂଚଳରେ ବିକାଶ ଓ ମୌଳିକ ସୁବିଧା ଉପରେ ଗୁରୁତ୍ୱ ନ ଦେଇ ସରକାର ଦ୍ରୁତ ଖଣି ଖନନ ଓ ଶିଳ୍ପାୟନକୁ ପ୍ରୋତ୍ସାହିତ



କରୁଛନ୍ତି । ଏହା ଫଳରେ ସ୍ଥାନୀୟ ଲୋକଙ୍କ ପୈତୃକ ସମ୍ପତ୍ତି, ବାସସ୍ଥାନ ଓ ଜୀବିକା ବିପଦରେ ପଡ଼ିଛି । ସେ ଅଭିଯୋଗ କରିଛନ୍ତି ଯେ, ପ୍ରତିବାଦ କରୁଥିବା ଗ୍ରାମବାସୀଙ୍କ ଉପରେ ପୁଲିସ ଲାଠିଚାର୍ଜ, ମିଥ୍ୟା ମାମଲା ଓ ଦମନମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଯୁବ କଂଗ୍ରେସ ଦାବି କରିଛି ଯେ, ପାଟଣା ବ୍ଲକର ଯମୁନାପସି ଓ ଚେମଣା ପଂଚାୟତର ପ୍ରାୟ ୧୪୬୫ ଏକର ୯୨ ଡିସିମିଲ ଜମିରେ ଜେଏସଡବ୍ଲ୍ୟୁ/ପୋସ୍କୋ ଇସ୍ପାତ କାରଖାନା ସ୍ଥାପନ ପାଇଁ ସରକାର ଯୋଜନା କରିଛନ୍ତି । ଏଥିରେ ପ୍ରାୟ ୧୫ ହଜାର ଲୋକ ପ୍ରଭାବିତ ହେବାର ଆଶଙ୍କା ରହିଛି । ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସ୍ଥାନୀୟ ଲୋକଙ୍କ ସହମତି ବିନା ଏବଂ ସ୍ୱଚ୍ଛ ପ୍ରକ୍ରିୟା ଅନୁସରଣ ନ କରି କମ୍ପାନୀ ପାଇଁ ଜମି ହସ୍ତାନ୍ତର କରାଯାଉଛି । ୯୯ ଏକର ଜମି କାଗଜପତ୍ରରେ କମ୍ପାନୀକୁ ଦିଆଯାଇଥିବା ଅଭିଯୋଗ ମଧ୍ୟ କରାଯାଇଛି । ପିସିସି ସାଧାରଣ ସମ୍ପାଦକ ଯାସିର ନୱାଜ କହିଛନ୍ତି ଯେ, ପ୍ରକଳ୍ପ ପାଇଁ ଆୟୋଜିତ ଗ୍ରାମସଭା ଗୁଡ଼ିକରେ ଅନିୟମିତତା ଘଟିଛି । ତାଙ୍କ ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ବାହାରୁ ଲୋକଙ୍କୁ ଆଣି ଗ୍ରାମସଭାକୁ ସଫଳ ହୋଇଥିବା ଦର୍ଶାଯାଇଛି । ସେ କହିଛନ୍ତି ଯେ, ଯମୁନାପସି ଓ ଚେମଣା ପଂଚାୟତ ଅନ୍ତର୍ଗତ ୧୨ଟି ଗ୍ରାମର ପ୍ରାୟ ୭୦ ପ୍ରତିଶତ ବାସିନ୍ଦା ଆଦିବାସୀ ସମ୍ପ୍ରଦାୟର । ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଗ୍ରାମ୍ୟ ଜଙ୍ଗଲ, ଜଳାଶୟ, ଚାଷଜମି, ଗୋଚର ଜମି, ମନ୍ଦିର, ଶ୍ମଶାନ ଓ ପାରମ୍ପରିକ ସାମାଜିକ ଢାଂଚା କ୍ଷତିଗ୍ରସ୍ତ ହେବା ସହ ସ୍ଥାନୀୟ ଜୀବନଶୈଳୀ ଉପରେ ଗଭୀର ପ୍ରଭାବ ପଡ଼ିବ । ଯୁବ କଂଗ୍ରେସ ନେତାମାନେ ଆଦିବାସୀ ଅଂଚଳରେ ପେସା ଆଇନର କଡ଼ାକଡ଼ି ପାଳନ ଏବଂ ଗ୍ରାମସଭାର ନିଷ୍ପତ୍ତିକୁ ସମ୍ମାନ ଦେବାକୁ ଦାବି କରିଛନ୍ତି ।

## 'କୋକା-କୋଲା ଫୁଟବଲ ବିଶ୍ୱକପ ଅଭିଯାନ

**ଭୁବନେଶ୍ୱର,୯।୭ (ମହାଭାରତ):** କୋକା-କୋଲାର "ଦି ଲଷ୍ଟ ଓଏସେସ୍" ହେଉଛି ଏକ ଦେଶବ୍ୟାପୀ ଅଭିଯାନ, ଯାହା ଭାରତର ଅସାଧାରଣ ଆବେଗପୂର୍ଣ୍ଣ ଫୁଟବଲ ପ୍ରଶଂସକମାନଙ୍କୁ ସମ୍ମାନିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଫିଫା ବିଶ୍ୱକପ ଋତୁକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା ଏହି ଅଭିଯାନ ଏକ ଶକ୍ତିଶାଳୀ ସାଂସ୍କୃତିକ ସତ୍ୟକୁ ପ୍ରଦର୍ଶିତ କରୁଛି । ଯଦିଓ ଭାରତ ୧୯୫୫ ମସିହା ପରଠାରୁ ଏହି ଟୁର୍ଣ୍ଣାମେଂଟରେ ଖେଳି ନାହିଁ, ତଥାପି କେରଳରୁ ଗୋଆ ଏବଂ ଆସାମରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ପ୍ରଶଂସକ ବିଶ୍ୱସ୍ତରୀୟ ଦଳଗୁଡ଼ିକୁ ସେହିଭଳି ଗଭୀର ଆବେଗ ସହିତ ସମର୍ଥନ କରନ୍ତି, ଯେମିତିକି ସେମାନଙ୍କ ନିଜ ଦେଶର ଦଳ ପଡ଼ିଆରେ ଅଛନ୍ତି । ଏହି ଅଭିଯାନ ମାଧ୍ୟମରେ କୋକା-କୋଲା ଏହି ସମର୍ପିତ ପ୍ରଶଂସକମାନଙ୍କୁ ସମ୍ମାନିତ କରିବ ଏବଂ ସମଗ୍ର ଫିଫା ବିଶ୍ୱକପ ସମୟରେ ବ୍ରାଣ୍ଡର ସୋସିଆଲ ମିଡ଼ିଆ କ୍ଷେତ୍ରରେ ସେମାନଙ୍କର ପ୍ରକୃତ ବସିଯାଇଥିବା ସ୍ୱରକୁ ସ୍ଥାନ ଦେବ । ବ୍ରାଣ୍ଡର ଗ୍ଲୋବଲ "ଫିଲ ଇଟ ଅଲ" ମଂଚ ଅଧୀନରେ ଶୁଭାରମ୍ଭ ହୋଇଥିବା କୋକା-କୋଲାର 'ଦି ଲଷ୍ଟ ଓଏସେସ୍' ବ୍ରାଣ୍ଡର କାହାଣୀ କହିବା ଶୈଳୀରେ ପ୍ରକୃତ ଆବେଗକୁ ସ୍ଥାନ ଦେଇ ପ୍ରଶଂସକମାନଙ୍କ ଉତ୍ସାହକୁ ଜୀବନ୍ତ କରିଦେଉଛି ।







# ଓଡ଼ିଶାରେ ପୁଞ୍ଜିନିବେଶ

ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ରହିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି କ୍ଷମତାସୀନ ରହିଛି। କେନ୍ଦ୍ରରେ ଓଡ଼ିଶାର ତିନିଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଅଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶା ଦଖଲ କରିଥିବା ବିଜେପି ଓଡ଼ିଶାରେ କିଛି ନୂଆ କରି ଦେଖାଇବାର ପ୍ରୟାସ ଜାରି ରଖିଛି। ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଯେଉଁସବୁ ପ୍ରସ୍ତାବ ଆସିଛି ସେଥିରୁ ଅଧା କାର୍ଯ୍ୟକାରୀ ହେଲେ ମଧ୍ୟ ବହୁତ ବଡ଼ ସଫଳତା ହେବ। ଗତ ବର୍ଷ ଓଡ଼ିଶାରେ ଉତ୍କର୍ଷ ଓଡ଼ିଶା କନକ୍ଲେଭ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କନକ୍ଲେଭରେ ଅନେକ ପ୍ରସ୍ତାବ ଆସିଥିଲା ଏବଂ ରାଜ୍ୟ ସରକାର ଅନେକ ଶିଳ୍ପ ସଂସ୍ଥା ସହ ଏମଓୟୁ ସ୍ୱାକ୍ଷର କରିଛନ୍ତି। ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିବେଶକମାନଙ୍କୁ ସହାୟତା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ସେ ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି ବୋଲି କହିଛନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ଚାଲିଛି। ତେଣୁ ଉଭୟ ସରକାର ସହଯୋଗର ହାତ ବଢ଼ାଇବେ। ଏହାର ପ୍ରଭାବ ନିଶ୍ଚିତ ଭାବେ ପଡ଼ିବ ଏବଂ ଓଡ଼ିଶାକୁ ପୁଞ୍ଜିର ସୁଅ ଛୁଟିବ ବୋଲି ଆଶା କରାଯାଇପାରେ। ଏହା ଦ୍ୱାରା ଓଡ଼ିଶାରେ ଲକ୍ଷାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ସରକାରଙ୍କ ରାଜସ୍ୱ ଦ୍ୱିଗୁଣିତ ହେବ। ଯେଉଁସବୁ କମ୍ପାନୀ ଓଡ଼ିଶାରେ ନିବେଶ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ବେଦାନ୍ତ, ଜିନ୍ଦଲ , ଆଦାନୀ, ଆଇଓସିଏଲ ଇତ୍ୟାଦି। ବେଦାନ୍ତ କମ୍ପାନୀ ମୁଖ୍ୟ ଅନିଲ ଅଗ୍ରୱାଲ ରାୟଗଡ଼ାରେ ଏକ ଆଲୁମିନିୟମ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଏ ବାବଦରେ ସେ ୨୦ ହଜାର କୋଟି ଟଙ୍କା ବିନିଯୋଗ କରିବେ ବୋଲି କହିଛନ୍ତି। ରାଷ୍ଟ୍ରାୟତ ଇଣ୍ଡିଆନ ଅଏଲ କର୍ପୋରେସନ ବା ଆଇଓସିଏଲ ଓଡ଼ିଶାରେ ୭୦ ହଜାର କୋଟି ଟଙ୍କା ନିବେଶ ଯୋଜନା କରିଛି। ପାରାଦୀପ ଏବଂ ଭଦ୍ରକରେ ଏହି ନିବେଶ ହେବ। ଜିନ୍ଦଲ ଷ୍ଟାଲ ଆଣ୍ଡ ପାୱାର ପାରାଦ୍ୱୀପରେ ମେଗା ଷ୍ଟିଲ ପ୍ଲାଣ୍ଟ ନିମାଣ କରୁଛି। ଏହା ବ୍ୟତିତ କେନ୍ଦୁଝରରେ ୩୦ରୁ ୪୦ ହଗାର କୋଟି ଟଙ୍କା ବିନିଯୋଗରେ ଆଉ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଥିବା ସେ କହିଛନ୍ତି। ଏଥିରେ ପୋସ୍କୋର ସହାୟତା ନିଆଯିବ ଏବଂ ପୋସ୍କୋ ସହ ମିଳିତ ଭାବେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ଜିନ୍ଦଲ ପକ୍ଷରୁ କୁହାଯାଇଛି। ଏହା ବ୍ୟତିତ ଅନ୍ୟାନ୍ୟ ବହୁ ବଡ଼ ବଡ଼ କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଓଡ଼ିଶାରେ ନିବେଶ ଲାଗି ଯେତେ ପ୍ରସ୍ତାବ ରହିଛି ସେଥିରୁ ଅଧିକାଠଶ ବଡ଼ ପ୍ରସ୍ତାବ ହେଉଛି କଣି ଭିତ୍ତିକ ଶିଳ୍ପ ପ୍ରକଳ୍ପ। ଏହା ସ୍ୱାଭାବିକ। କାରଣ ଓଡ଼ିଶା ଏକ ଖଣି ସମୃଦ୍ଧ ରାଜ୍ୟ। କୋଇଲା, ଲୁହାପଥର,ମାଙ୍ଗାନିଜ, ବକ୍ସାଇଟ, ଡୋଲୋମାଇଟ ଆଦି ମୂଲ୍ୟବାନ କଣିଜ ସାମଗ୍ରୀ ଏଠାରେ ପ୍ରଚୁର ପରିମାଣରେ ଗଚ୍ଛିତ ରହିଛି। ତେଣୁ ସ୍ୱାଭାବିକ ଭାବେ ଏଠାରେ ଖଣି ଭିତ୍ତିକଶିଳ୍ପ ପ୍ରତିଷ୍ଠା ଲାଗି ଅଧିକ ପ୍ରସ୍ତାବ ଆସିବ। କିନ୍ତୁ ବାସ୍ତବରେ ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ଖଣି ଲିଜ ସମ୍ଭବ ନହେଲେ ସବୁ ଉଦ୍ୟମ ମୂଲ୍ୟହୀନ ହୋଇଯିବ। କେବଳ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ବଳରେ ଏହା ସମ୍ଭବ ହୋଇଓପାରିବ। ସବୁ ରାଜ୍ୟରେ ଏଭଳି କନକ୍ଲେଭ ହେଉଛି। ସମସ୍ତ ନିବେଶକ ସେଠାକୁ ଯାଉଛନ୍ତି। ସବୁଠି ନିବେଶକମାନେ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶର ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ସବୁ କାର୍ଯ୍ୟକାରୀ ହେଉନି। ଓଡ଼ିଶାରେ ଏଥର ଇତିହାସର ପୁନରାବୃତ୍ତି ନହେଉ, ଏହା ହିଁ ଆଶା। ଯଦି ଏବେ ନୁହେଁ, ତେବେ କେବେ ଏହା ସମ୍ଭବ ହେବ ନାହିଁ। ଯଦି ଡବଲ ଇଞ୍ଜିନ ସରକାରରେ ଏହା କାର୍ଯ୍ୟକାରୀ ନହୋଇପାରିଲା, ତେବେ ଏହାକୁ ଓଡ଼ିଶାର ଦୁର୍ଭାଗ୍ୟ ବୋଲି କୁହାଯିବ। ଏବେ ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଯେଉଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି ତାହା ପୂର୍ବରୁ କେବେ ନଥିଲା। ଏବେ ବିକଶିତ ଓଡ଼ିଶା ଗଠନ ଲାଗି ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି।

# ପୁନଶ୍ଚ ଅଜନଲା -ପୁନଶ୍ଚ ଦେଶଦ୍ରୋହ

॥ ସୌମେନ୍ଦ୍ର ଜେନା ॥

*;ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି ।*

ଖବରକାଗଜ ପୃଷ୍ଠାରେ ହଠାତ୍ କିଛିଦିନ ପୂର୍ବେ ଖବର ଆସିଲା ଯେ ପଞ୍ଜାବର ଅମୃତସର ନିକଟବର୍ତ୍ତୀ ଅଜନଲାଠାରେ ଏକ ଥାନା ଉପରେ ଆକ୍ରମଣ କରି ଲୋକେ ପୁଲିସ ଉପସ୍ଥିତିରେ ଅଭିଯୁକ୍ତକୁ ଥାନାରୁ ଖସାଇ ନେଇଛନ୍ତି । ଖାଲିସ୍ତାନୀ ସମର୍ଥକ ଅମୃତପାଲ ସିଂହର ସହଯୋଗୀ ଲଭ୍‌ପ୍ରୀତ ତୁଫାନ ସିଂହ ଏକ ଅପହରଣ ଏବଂ ଆକ୍ରମଣ ଅଭିଯୋଗରେ ଥାନାରେ ଅଟକ ଥିଲାବେଳେ ଅମୃତପାଲର ନେତୃତ୍ୱରେ ହଜାର ହଜାର ସଂଖ୍ୟକ ଲୋକେ ପୁଲିସଥାନା ଉପରେ ସଂଗଠିତ ଭାବେ ଆକ୍ରମଣ କରିଥିଲେ । ସେମାନେ ହାତରେ ଖଣ୍ଡା ଏବଂ ବନ୍ଧୁକ ଧରିଥିବା କଥା କୁହାଯାଉଛି ।

ଅନେକ ଘଣ୍ଟା ଧରି ଅଭିଯୁକ୍ତର ସହଯୋଗୀମାନେ ଥାନାକୁ ନିଜ କବ୍‌ଜାରେ ରଖିଥିଲେ । ଅଭିଯୁକ୍ତମାନେ କାଳେ ଗୁରୁ ଗ୍ରନ୍ଥ ସାହିବକୁ ଧରି ଥାନାରେ ପଶିଥିବାରୁ ପୁଲିସ କିଛି କରିପାରି ନଥିବା କଥା କୁହାଯାଉଛି । ପୂର୍ବରୁ ଅମୃତପାଲର ଲୋକେ ଧାରଣା ଦେବାକୁ କହି ପରେ ଥାନା ଉପରେ ଚଢାଉ କରିଥିବା କୁହାଯାଉଛି । କଥାହେଲା ଘଟଣା ବେଳେ ଶହଶହ ପୁଲିସ ଉପସ୍ଥିତ ଥିଲେ ମଧ୍ୟ ମୁକଦର୍ଶକ ସାଜିଥିଲେ । ଅତୀତରେ ଖାଲିସ୍ତାନୀ ନେତା ଭିନ୍ଦ୍ରନୱାଲେ ଅମୃତସରର ସ୍ୱର୍ଣ୍ଣମନ୍ଦିର ପରିସର ମଧ୍ୟରେ ଏମିତି ସୁରକ୍ଷିତ ରହି ଦୀର୍ଘଦିନ ଧରି ରାଜ୍ୟରେ ରକ୍ତପାତ ସୃଷ୍ଟି କରିଥିଲା । ସେତେବେଳେ ମଧ୍ୟ ଗୁରୁଦ୍ୱାରର ପବିତ୍ରତା ଆଳ ଦେଖାଇ ଶିଖଗୁରୁମାନେ ତାକୁ ସୁରକ୍ଷା ଦେଇଥିଲେ । ଶେଷରେ ବାଧ୍ୟ ହୋଇ ଅପରେସନ୍ ବ୍ଲୁଷ୍ଟାର ହେବା ଯୋଗୁ ଭିନ୍ଦ୍ରନୱାଲେ ଏବଂ ତାର ସାଥୀ ସନ୍ତ୍ରାସୀମାନଙ୍କର ମୃତ୍ୟୁ ହୋଇଥିଲା ।

ଘଟଣା ୨୪ ଫେବୃଆରୀ ୨୦୨୩ରେ ଘଟିଥିବା ବେଳେ ୪ ମାର୍ଚ୍ଚ ପର୍ଯ୍ୟନ୍ତ କୌଣସି ପ୍ରାଥମିକ ଅଭିଯୋଗ ପୁଲିସ ପକ୍ଷରୁ ନହେବା ଆଶ୍ଚର୍ଯ୍ୟଜନକ ଘଟଣା । ଅଥଚ ସଫେଇ ଦେବାକୁ ଯାଇ ରାଜ୍ୟର ପୁଲିସ ବିଭାଗର ଲୋକେ ପଦକ୍ଷେପ ନେବାକୁ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି । ଏଥିରୁ ରାଜ୍ୟ ପୁଲିସର ଅପାରଗତା ଏବଂ ରାଜ୍ୟ ସରକାରଙ୍କ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ନିକଟରେ ଆତ୍ମସମର୍ପଣ ସହଜରେ ଦୃଷ୍ଟି ଗୋଚର ହେଉଛି । ରାଜ୍ୟର ସୁରକ୍ଷା ଏବଂ ଆଇନର ରକ୍ଷା ନେଇ ବିଗତ ପ୍ରଦେଶ ନିର୍ବାଚନ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଯେଉଁ ବାହାପିଆ କଥା କହିଥିଲେ ଏଥିରୁ ତାଙ୍କ ମୂଲ୍ୟହୀନ ନୀତିର ପ୍ରମାଣ ମିଳୁଛି ।

ରାଜ୍ୟ ସରକାର ଏଭଳି ମାମଲାରେ କଠୋର ପଦକ୍ଷେପ ଗ୍ରହଣ ନକରି ସେମାନଙ୍କ ସମର୍ଥନ ଲାଭ ପାଇଁ ଷଡଯନ୍ତ୍ର କଲାପରି ମନେ ହେଉଛି । ଏଥିରୁ ଅତୀତରେ କୁମାର ବିଶ୍ୱାସ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୁଦ୍ଧରେ କରିଥିବା ଅଭିଯୋଗର ପ୍ରାମାଣିକତାକୁ ବିଶ୍ୱାସ କରି ହେଉଛି । ଆନ୍ନା ହଜାରେଙ୍କ ଆନ୍ଦୋଳନ ସମୟରେ କୁମାର ବିଶ୍ୱାସ ଏବଂ ଅରବିନ୍ଦ କେଜ୍ରିୱାଲ ମିଳିତ ଭାବେ ଆନ୍ଦୋଳନରେ ସାମିଲ ଥିଲେ । ପରବର୍ତ୍ତୀ କାଳରେ ଅରବିନ୍ଦ ଏକଦା କହିଥିଲେ ଯେ ପଞ୍ଜାବ ଭଳି ଛୋଟିଆ ରାଜ୍ୟକୁ ସ୍ୱାଧୀନ ରାଷ୍ଟ୍ରକରି ତାର ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କର ଆଗ୍ରହ ରହିଛି । ସେହିଦିନଠାରୁ ଅରବିନ୍ଦ କେଜ୍ରିୱାଲଙ୍କ ଭୟଙ୍କର ସୈତାନୀ ଅଭିସନ୍ଧିକୁ କୁମାର ବୁଝିପାରିଥିଲେ। ସେହି ଲକ୍ଷ୍ୟରେ କେଜ୍ରିୱାଲ କୃଷକ ଆନ୍ଦୋଳନ ସମୟରେ ଦିଲ୍ଲୀ ସୀମାରେ ବସିଥିବା ଖାଲିସ୍ତାନୀ ସମର୍ଥକଙ୍କୁ ଢେର ସହାୟତା ଯୋଗାଇ ଦେଇଥିଲେ, ପଞ୍ଜାବରେ ନିର୍ବାଚନ ହେବାକୁ ଥିବାରୁ ସେମାନଙ୍କୁ ହାତ କରିବାକୁ ଚାହିଁଥିଲେ ।

ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି । ଖୁବ୍‌କମ୍ ଦିନ ଅନ୍ତରରେ ପ୍ରାୟ ୪ଜଣ ହିନ୍ଦୁନେତାଙ୍କୁ ଇତି ମଧ୍ୟରେ ହତ୍ୟା କରାଯାଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଏସବୁକୁ ସାଧାରଣ ଘଟଣା କହି ନିଜର ଅପାରଗତାକୁ ପ୍ରଦର୍ଶିତ କରିବାରେ ଲାଗିଛନ୍ତି । ନିକଟରେ ଜଣେ ପଞ୍ଜାବୀ ଅଭିନେତ୍ରୀ ଏହାକୁ ଠିକ୍ କାମ କହି ସମର୍ଥନ କରିଛନ୍ତି । କିନ୍ତୁ ହିନ୍ଦୁ ନେତାମାନଙ୍କ ହତ୍ୟାପଛରେ ଖାଲିସ୍ତାନକୁ ସମର୍ଥନ କରୁଥିବା ଗୋଷ୍ଠୀଙ୍କର ହାତ ରହିଥିବାର ଅନେକ ପ୍ରମାଣ ମିଳୁଛି । ଏଥିରୁ ଯାହା ଜଣାଯାଉଛି ଯେ ୧୯୯୫ରୁ ଯେଉଁ ଖାଲିସ୍ତାନୀ ନେତା ପାକିସ୍ତାନକୁ ଚାଲିଯାଇ କିମ୍ବା କାନାଡା, ବ୍ରିଟେନ, ଅଷ୍ଟ୍ରେଲିଆରେ ରହି ଖାଲିସ୍ତାନୀ ପତାକା ଉଡାଉଥିଲେ ଏବେ ସେମାନେ ଆର୍ଥିକ ସହାୟତା ଦେଇ ପୁନର୍ବାର ସନ୍ତ୍ରାସ ସୃଷ୍ଟି କରିବାକୁ ଚାହୁଁଛନ୍ତି ।

ଏବେ ଯେଉଁ ଗୋଷ୍ଠୀଟି ପଞ୍ଜାବରେ ମୁଣ୍ଡ ଟେକୁଛି ତାହା ଦୀପ ସିଦ୍ଧୁ ପ୍ରତିଷ୍ଠିତ 'ୱାରିସ ପଞ୍ଜାବ ଦେ' ଦଳ। ୨୬ ଜାନୁଆରୀ ୨୦୨୧ରେ କୃଷକ ଆନ୍ଦୋଳନ ବେଳେ ଯେଉଁ ହଙ୍ଗାମା ଦିଲ୍ଲୀରେ ହୋଇଥିଲା ସେହି ଗୋଳମାଳ ଭିତରେ ସିଦ୍ଧୁ ଲାଲକିଲ୍ଲା ଉପରେ ଖାଲିସ୍ତାନୀ ପତାକା ଉଡାଇ ଚର୍ଚ୍ଚାକୁ ଆସିଥିଲା । ଏହା କରିବା ଲାଗି ଶିଖ ଫର୍ ଜଷ୍ଟିସ ସଂଗଠନର ପନୁ ଖାଲିସ୍ତାନୀମାନଙ୍କୁ ଆହ୍ୱାନ ଦେଇ ପୁରସ୍କାର ମଧ୍ୟ ଘୋଷଣା କରିଥିଲା । ଏହାପରେ ସିଦ୍ଧୁକୁ ଅନେକ ଅର୍ଥ ଅନୁଦାନ ରୂପେ ମିଳିଥିଲା ଯେଉଁଥି ପାଇଁ ସେପ୍ଟେମ୍ବର ୨୦୨୧ରେ ପଞ୍ଜାବୀ ସଂସ୍କୃତିର ସୁରକ୍ଷା ଓ ସାମାଜିକ ଚେତନା ସୃଷ୍ଟି କରିବା ଲକ୍ଷ୍ୟରେ ସେ ନିଜ ସଂଗଠନ ଆରମ୍ଭ କଲା । ହେଲେ ୧୫ ଫେବୃଆରୀ ୨୦୨୨ରେ ସିଦ୍ଧୁର ମୃତ୍ୟୁ ସଡକ ଦୁର୍ଘଟଣାରେ ହେଲା । ସିଦ୍ଧୁର ମୃତ୍ୟୁପରେ ସଂଗଠନର ନେତୃତ୍ୱ ତାର ସହଯୋଗୀମାନେ ଅଲଗା ଅଲଗା ନେବାରୁ ସେଥିରେ ବିଭାଜନ ହେଲା ।

ଏବେ ଗୋଟିଏ ଗୋଷ୍ଠୀର ନେତୃତ୍ୱ ଅମୃତପାଲ ହାତରେ ପଡିଛି । ଅମୃତପାଲର ପରିବାର ଢେର ଆଗରୁ ଦୁବାଇକୁ ଚାଲିଯାଇଛନ୍ତି । ସେ ଦୁବାଇରେ ଟ୍ରକ୍ ଡ୍ରାଇଭର କାର୍ଯ୍ୟ କରୁଥିଲା । ୧୨ଶ ଶ୍ରେଣୀ ଯାଏଁ ପାଠ ପଢିଥିବା ଅମୃତପାଲ କୃଷକ ଆନ୍ଦୋଳନ ସମୟରେ ସୋସିଆଲ ମିଡିଆ ମାଧ୍ୟମରେ ସିଦ୍ଧୁ ସହ ସଂପର୍କରେ ଆସିଥିଲା । କୃଷକ ଆନ୍ଦୋଳନ ବେଳେ କେବେ କେମିତି ଟ୍ୱିଟ କରୁଥିବା ଅମୃତପାଲ ହଠାତ୍ ଖାଲିସ୍ତାନୀ ଟ୍ୱିଟ ଆରମ୍ଭ କରିବାକୁ ଲାଗିଲା । ସିଦ୍ଧୁର ମୃତ୍ୟୁ ପରେ ଖାଲିସ୍ତାନୀ ଗୋଷ୍ଠୀକୁ ସଂଗଠିତ କରିବା ପାଇଁ ସିଦ୍ଧୁର ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇ ଉଦ୍ୟମ କଲା । କିନ୍ତୁ ସଂପ୍ରତି ଯେପରି ଖାଲିସ୍ତାନୀ ସମର୍ଥନ ବା ହିଂସାଜନିତ ଉତ୍ତେଜନା ସୃଷ୍ଟି ପାଇଁ ଏହି ଗୋଷ୍ଠୀ ଉଦ୍ୟମ କରୁଛି ତାର ମୂଳ କାରଣ ଇସଲାମିକ ଗୋଷ୍ଠୀର ସମର୍ଥନ ଲାଭକରି ପଞ୍ଜାବରେ ଚାଲିଥିବା ୱାକଫ୍ ସଂପତ୍ତି ବିରୋଧୀ ଆନ୍ଦୋଳନକୁ ଚପାଇବା ଏବଂ କାଶ୍ମିରୀ ମୁସଲିମ ଗୋଷ୍ଠୀଙ୍କୁ ସମର୍ଥନ ଦେବା ।

ଆଇଏସ୍ଆଇ ସହ ସଂପର୍କରେ ଥିବା ବହୁ ବିଦେଶୀ ପଞ୍ଜାବୀ ଇତି ମଧ୍ୟରେ ଭାରତକୁ ଫେରିଆସି ସଂଗଠିତ ହେବାରେ ଲାଗିଛନ୍ତି,ଯେଉଁମାନେ ୧୯୯୫ ଅପରେସନ ବେଳେ ଭାରତଛାଡି ପାକ୍, କାନାଡା, ବ୍ରିଟେନ ଅଷ୍ଟ୍ରେଲିଆକୁ ଚାଲିଯାଇ ଥିଲେ । ବିଗତ ତିନିବର୍ଷ ହେଲା ବିଦେଶରେ ଖାଲିସ୍ତାନ ସପକ୍ଷରେ ଗଣଭୋଟ ଜାରି ରହିଛି ।

# ଖୁସି, ସୁଖ ଓ ଶାନ୍ତି

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ଫିନଲ୍ୟାଣ୍ଡ ସ୍ଥାନିତ ହୋଇଛି। ମାର୍ଚ୍ଚ ୨୦ରେ ବିଶ୍ୱ ଖୁସି ଦିବସ ଅବସରରେ ଖୁସିର ବିଭିନ୍ନ ମାନଦଣ୍ଡକୁ ଦେଖି ଏହି ଦେଶ ତାଲିକାର ଶୀର୍ଷରେ ରହିଥିବାବେଳେ ଭାରତର ସ୍ଥାନ ୧୨୫ରେ ରହିଛି। ଖୁସିର ମାନଦଣ୍ଡ ରହିଥିଲା ଲୋକମାନଙ୍କ ଭିତରେ ସକରାତ୍ମକ ଭାବନା। ଆଜିର ସମୟକୁ ଦେଖିଲେ ଜଣାଯାଏ ଅନେକ ସମୟରେ ଆମ୍ଭମାନଙ୍କ ଭିତରେ ଭାବନା ଗୁଡ଼ିକ ସକରାତ୍ମକ ହେବା ଅପେକ୍ଷା ଏହା ନକରାତ୍ମକ ସ୍ଥାନ ନେଇଯାଉଛି। ଜୀବନର ପ୍ରତିଟି କ୍ଷେତ୍ର ସମସ୍ତଙ୍କ ପାଇଁ ଆହ୍ୱାନଭରା। ଭଗବାନଙ୍କ ସୃଷ୍ଟିରେ ସୁଖ ଓ ଶାନ୍ତିକୁ କେହି କିଣି ପାରନ୍ତି ନାହିଁ। ଏହାର ମୂଲ୍ୟ ଅମୂଲ୍ୟ। ତେବେ ଆମ ଚାହିଁଲେ ସୁଖ ଓ ଶାନ୍ତି ପ୍ରାପ୍ତ ହୋଇପାରିବା। ତେବେ ଏଥିପାଇଁ ଆମ୍ଭମାନଙ୍କର ବ୍ୟକ୍ତିଚେତନା, ମାନସିକତା ଓ ସକରାତ୍ମକ ଦୃଷ୍ଟିଭଙ୍ଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି ।

ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖି ହୋଇପାରେ ।

ପ୍ରକୃତରେ ଆମେ କେବେ ବି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ସଂଗଠିତ ହୋଇପାରେ ନାହିଁ । କାରଣ ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଆମେ ଆମ ବ୍ୟକ୍ତିତ୍ୱର ସବୁ ପକ୍ଷକୁ ସଂଗଠିତ କରିବା ଉପରେ ଜୋର ଦିଏନି, ବରଂ ଭିନ୍ନ ଭିନ୍ନ ପକ୍ଷ ଉପରେ ଜୋର ଦିଏ । ଆମେ ନିଷ୍ଠାପର କର୍ମଚାରୀ ହୋଇପାରୁ, ମହତ୍ୱାକାଂକ୍ଷୀ ପିତା ହୋଇପାରୁ, ଯଜ୍ଞ ପାଇଁ ଚାନ୍ଦା ଦେଉଥିବା ଶ୍ରଦ୍ଧାଳୁ ହୋଇପାରୁ, ମାତ୍ର ଆଧ୍ୟାତ୍ମିକ ହୋଇପାରୁନି । ଆଧ୍ୟାତ୍ମିକ ମନିଷୀ ଓ ସମାଜର ଦିଗ୍‌ଦ୍ରଷ୍ଟା ମାନଙ୍କ ଦର୍ଶନରେ ଶାନ୍ତି ସଂପୂର୍ଣ୍ଣ ରୂପେ ମଣିଷର ଆୟାତାଧିନ ଥିଲେ ବି ସମସ୍ତେ କିନ୍ତୁ ବାସ୍ତବରେ ଶାନ୍ତି ପାଇଁ ଯତ୍ନବାନ ହେଉନାହାଁନ୍ତି । ସଂପ୍ରତି ସମାଜର ସବୁକ୍ଷେତ୍ରରେ ଅଶାନ୍ତି ଭରି ରହିଛି । ବାପ ପୁଅ, ସ୍ୱାମୀ-ସ୍ତ୍ରୀ, ମାଲିକ ନୌକର, ଗୁରୁ-ଶିଷ୍ୟ, ମା-ଝିଅ ସବୁଠି ସବୁକ୍ଷେତ୍ରରେ ଶାନ୍ତି ଆଜି ଦୂରେଇ ଯାଉଛି ।

ପ୍ରଶ୍ନ ଉଠୁଛି ଏସବୁର ନିରାକରଣ କ'ଣ ? ଆଧ୍ୟାତ୍ମିକ ମାର୍ଗଦର୍ଶକଙ୍କ ତତ୍ତ୍ୱ ଅନୁଯାୟୀ 'ଯେଉଁମାନେ କୌଣସି କାମନା ବାସନା ନରଖି ନିରାଡ଼ମ୍ବର ଓ ଶୋଭନୀୟ ଜୀବନ ବିତାଇ ସର୍ବନିମ୍ନ ଜୀବନ ନିର୍ବାହ କରୁଥିଲେ ବି ସେମାନଙ୍କ ପାଇଁ ଶାନ୍ତି ନିଶ୍ଚିନ୍ତ ।' ଶାନ୍ତିର ପ୍ରାପ୍ତି ପାଇଁ କୌଣସି ବଣ ଜଙ୍ଗଲକୁ ଯାଇ ସାଧକ ହେବା ଲୋଡ଼ା ନାହିଁ କିମ୍ବା ଜଳସ୍ପର୍ଶ ନକରି କଷ୍ଟକର ସାଧନା ବି ଲୋଡ଼ା ନାହିଁ । ଏହାପାଇଁ କେବଳ ନିସ୍ୱାର୍ଥପର ଭାବରେ ମଣିଷ ସମାଜ ପ୍ରତି ମାନବୀୟ ମୂଲ୍ୟବୋଧ ରଖି ଯିଏ ବି ନିଜର ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା ରଖିଥାଏ ଶାନ୍ତି ତା ପାଖରେ ଆପେ ଆପେ ପହଞ୍ଚିଥାଏ । କିନ୍ତୁ ବାସ୍ତବ କଥା ହେଉଛି ଶାନ୍ତି ପାଇଁ ସମସ୍ତେ ବ୍ୟସ୍ତ ଥିଲେ ବି ପ୍ରକୃତରେ ଶାନ୍ତି ପାଇଁ କ'ଣ ସମସ୍ତେ ବ୍ୟାକୁଳିତ ?

ସଂପ୍ରତି ସମାଜରେ ବିଭିନ୍ନ ଚେହେରାର ମୁଖାଧାରୀ ଚରିତ୍ରଙ୍କୁ ଆମ୍ଭେମାନେ ଆଖପାଖରେ ଦେଖିବାକୁ ପାଉ । ସେମାନଙ୍କ ଭିତରୁ ସମସ୍ତେ ଶାନ୍ତି ପାଇଁ ବିବ୍ରତ ହୋଇପଡୁଥିଲେ ବି ଅଶାନ୍ତି ରୂପକ କର୍ମବ୍ୟସ୍ତତା, ଧନପ୍ରତି ଲୋଭ, ଭିତରର ବିଦ୍ୱେଷ ଚରିତ୍ର ଓ ସମାଜରେ ଅଶୋଭନୀୟତା ପାଇଁ ବ୍ୟତିବ୍ୟସ୍ତତା ବାସ୍ତବରେ ସେମାନଙ୍କୁ ଶାନ୍ତି ଠାରୁ ଦୂରେଇ ରଖିଥାଏ ।

ଉପରୋକ୍ତ ଚେହେରା ଭିତରେ କୌଣସି ତାଳମେଳ ନଥାଏ । କିନ୍ତୁ ଯେତେବେଳେ ଗୋଟିଏ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ହୋଇଯାଏ ସେତେବେଳେ ତା ଆଖପାଖର ବିଶ୍ୱ ସମ୍ପୂର୍ଣ୍ଣ ହୋଇଯାଏ । ମାତ୍ର ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜର ଆଧ୍ୟାତ୍ମିକ ପକ୍ଷକୁ ମଧ୍ୟ ବିକଶିତ କରିବାକୁ ହୁଏ । କାରଣ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ହିଁ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ନିର୍ଭର କରେ । ଆମ ଆତ୍ମା ଆମ ବ୍ୟକ୍ତିତ୍ୱର ସବୁ ଅଂଶକୁ ଯୋଡ଼ିପାରେ । ହେଲେ ଆମେ ଆମ ଆତ୍ମା ପର୍ଯ୍ୟନ୍ତ ପହଞ୍ଚିବା କିପରି ? ଏଥିପାଇଁ ଆବଶ୍ୟକ ଧ୍ୟାନ । ଧ୍ୟାନ ଅଭ୍ୟାସ ଦ୍ୱାରା ଆମେ ନିଜକୁ ବାହ୍ୟ ଦୁନିଆରୁ ନିଜ ଭିତରକୁ ନେଇପାରିବା, ନିଜ ଆତ୍ମା ସହ ଜଡ଼ିତ ହୋଇପାରିବା ।

ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ୍ୟ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।


ସହ-ପ୍ରତିରତ୍ୱିକ, ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# କୁନି ଓଠରେ କଥା ନାହିଁ

॥ ଡାକ୍ତର କାନ୍ତୀ ନାୟକ ॥

ଶିଶୁଟି ୧୧ ମାସ ହେଲାବେଳକୁ ଗୋଟେ ଦି'ଟା ଶବ୍ଦ ଉଚ୍ଚାରଣ କରିପାରୁଛି । ୧୬ମାସ ବେଳକୁ ଅଳ୍ପ କେଇଟି ଶବ୍ଦ ଉଚ୍ଚାରଣ କରୁଛି ଯାହାର ପ୍ରକୃତ ଶବ୍ଦ ସହିତ କିଛି ସାମଞ୍ଜସ୍ୟ ରହୁଛି । ୨୪ ମାସ ବେଳକୁ ସିଏ ଆଉ କିଛି ଏଭଳି ଶବ୍ଦକୁ ତା' ପାଟିରେ କହିବାକୁ ଚେଷ୍ଟା କରୁଛି । କିନ୍ତୁ ଅଧିକାଂଶ ବାପା-ମା ଖିଆଲ କରିପାରୁନାହାନ୍ତି ଦୁଇବର୍ଷ ବେଳକୁ ସିଏ ଅନେକ କିଛି କହିବା କଥା ତା'ଦରୋଟି ଓଠରେ ।

ଶିଶୁରୋଗ ବିଶେଷଜ୍ଞମାନଙ୍କ ଏକ ରିପୋର୍ଟରୁ ଜଣାଯାଇଛି ଏଇ କିଛି ବର୍ଷ ହେଲା ସେମାନଙ୍କ ପାଖକୁ ଦୁଇବର୍ଷ ପାରିକରି ସାରିଥିବା ଶିଶୁମାନଙ୍କ ବାକ୍ ସମସ୍ୟା ନେଇ ଅନେକ ପିତା-ମାତା ଆସୁଛନ୍ତି । ସେମାନଙ୍କ ସମସ୍ୟା ହେଲା ତାଙ୍କ ପିଲା ଏଯାଏଁ କଥା କହୁନି କାହିଁକି । ସବୁ କରୁଛି କିନ୍ତୁ ପାଟିର କଥାରେ ନିଜ ଭାବ ବ୍ୟକ୍ତ କରିପାରୁନି । ଅଧିକାଂଶ ଇଛା ଠାରରେ ବ୍ୟକ୍ତ କରୁଛି । କିଛି କହିବାକୁ ଚାହିଁଲେ ବାପା-ମା'ଙ୍କୁ ଭିଡ଼ିନେଉଛି ସେଇଠିକୁ ଯେଉଁଟା ସିଏ ନିଜେ କହିପାରନ୍ତା ।

ଏମିତି ହେବାର କାରଣ କ'ଣ ? କାହିଁକି କଥା କହିପାରୁନାହାନ୍ତି, ଆଜିକାଲିକା କଅଁଳ ପିଲାମାନେ, ଯେଉଁ ବୟସରେ ସେମାନେ ଅନେକ କିଛି ବକର ବକର ହୋଇ ବାପା-ମା'ଙ୍କୁ ଜେଜେ - ଜେଜେମା'ଙ୍କୁ ବ୍ୟସ୍ତ କରିବା କଥା । ଆସନ୍ତୁ ଦେଖିବା ଡାକ୍ତର ଏବଂ ମନୋବିଜ୍ଞାନୀମାନେ କ'ଣ କହନ୍ତି - ଦିଲ୍ଲୀର ଜନୈକ 'ସ୍ପିଚ୍ ଥେରାପିଷ୍ଟ' ଡାକ୍ତର ରାଜକୁମାର ଶର୍ମା କହନ୍ତି - ସପ୍ତାହକୁ ପାଞ୍ଚରୁ ସାତଟି ପିଲାଙ୍କ ବାପା-ମା ତାଙ୍କ ପାଖକୁ ଯାଇଥାନ୍ତି ସେମାନଙ୍କ ପିଲାଙ୍କୁ ନେଇ, ଯେଉଁମାନଙ୍କ ଠାରେ ଏଭଳି ବାକ୍ ସମସ୍ୟା ରହିଛି । ଏମାନଙ୍କ ଭିତରୁ ଅଧିକାଂଶ ବାପା-ମା ଚାକିରିଆ ଏବଂ ନ୍ୟୁକ୍ଲିୟର (ଛୋଟ ପରିବାର)କୁ ଆପଣେଇ ନେଇଛନ୍ତି । ଏଇ କାରଣରୁ ସେମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରନ୍ତି ନାହିଁ । ଫଳରେ ପିଲାଙ୍କ ପାଖରେ ବାକ୍ ସମସ୍ୟା ଏବଂ ଭାଷାଗତ ସମସ୍ୟା ଦେଖାଦେଉଛି ।

ଡାକ୍ତର ଶର୍ମା କହନ୍ତି - ମନୀତ୍‌ଠାରେ କୌଣସି ଶାରୀରିକ ଅକ୍ଷମତା ନଥିବା ସତ୍ତ୍ୱେ ସେ ଚାରିବର୍ଷ ବୟସରେ ମଧ୍ୟ ଭଲରୂପେ କଥା କହିପାରୁ ନାହିଁ । ତା'ର ସମସ୍ୟା ସେ ବଢୁଥିବା ପରିବାରରୁ ହିଁ ଆରମ୍ଭ ହୋଇଛି । ବାପା-ମା' ଚାକିରିଆ ହୋଇଥିବାରୁ ତା' ପାଇଁ କେହି ସମୟ ଦେଇପାରନ୍ତିନି । ଏଥିସହିତ ସେମାନଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ଲାଗି ରହିଥାଏ । ପିଲାଙ୍କ ବାକ୍ ସମସ୍ୟା ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶ ଠାରୁ ନିଜ ପରିବାର ଦ୍ୱାରା ବେଶୀ ପ୍ରଭାବିତ ହୋଇଥାଏ । ମନୀତ୍‌ଙ୍କ ମା' କହନ୍ତି - ସେ ତାଙ୍କ ବଡ଼ ପୁଅର ପାଠପଢ଼ାରେ ନିଜ ସମୟତକ ବ୍ୟୟ କରୁଥିବାରୁ ଝିଅ ମୀନତ୍ ପାଇଁ ସମୟ ଦେଇପାରି ନାହାନ୍ତି ଠିକ୍‌ରୂପେ ।

ଏକ ବର୍ଷର ନିୟମିତ ଚିକିତ୍ସା ପରେ ଏବେ ମନୀତ୍ ଛୋଟ ଛୋଟ ବାକ୍ୟ କହିପାରୁଛି । ଏଯାଏଁ ସେ ଅନ୍ୟ ସହିତ ଭାବବିନିମୟ କରିପାରି ନାହିଁ । କେବଳ ନିଜର ଅତ୍ୟାବଶ୍ୟକ ଚାହିଦା ପାଇଁ ପାଟି ଖୋଲିପାରୁଛି । ଉଦାହରଣ ସ୍ୱରୂପ - ମୋତେ ଭୋକ ହେଲାଣି । ମୋର ପେନ୍‌ସିଲ ଅଛି । ଏଇଭଳି ଛୋଟ ଛୋଟ ବାକ୍ୟ ସେ କହିପାରୁଛି । କାହାସହ ପ୍ରାଣଖୋଲି ଗପିପାରୁନି ଅନ୍ୟ ପିଲାମାନେ ଯେମିତି ଗପନ୍ତି ।

ଆଜିକାଲି ଦେଖାଯାଉଛି ଅଧିକାଂଶ ବାପା-ମା ଅଫିସରୁ ଫେରି ସାମାନ୍ୟ ଚା'ଜଳଖିଆ ଖାଇ ସେମାନଙ୍କ ଲାପ୍‌ଟପ୍ / କମ୍ପ୍ୟୁଟରକୁ ନେଇ ବ୍ୟସ୍ତ ରହୁଛନ୍ତି । ସେତେବେଳେ ପିଲାଟି ଚୁପ୍‌ଚାପ୍ ତା' ଖେଳଣା ନେଇ ବ୍ୟସ୍ତ ରହୁଛି । କଥା କାହା ସାଙ୍ଗରେ କହିବ ସିଏ ? ଅନେକ ବାପା-ମା' ଭାବିଥାନ୍ତି ପିଲାମାନଙ୍କୁ ଟିଭି ପାଖରେ ବସେଇଦେଲେ ସେମାନେ ସେଇଥିରୁ ଭାଷା ଶିଖିଯିବେ, କଥା କହିବା ଶିଖିଯିବେ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ଟିଭିରେ ଦେଖାଯାଉଥିବା ଦୃଶ୍ୟ ପିଲାମାନଙ୍କ ବୁଝିବା ପାଇଁ ଯଥେଷ୍ଟ ହୁଏ । ସେମାନଙ୍କ ମସ୍ତିଷ୍କ ଦୃଶ୍ୟରୁ ବୁଝିଯାଏ ସବୁ । ଭାଷାକୁ ଗୁରୁତ୍ୱ ଦିଏନି । ପିଲାମାନେ ଚରିତ୍ରଟି କ'ଣ କହୁଛି ତା' ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । କେବଳ ଚରିତ୍ରର ବଡ଼ିଲାଙ୍ଗୁଏଜ୍‌କୁ ସିଏ ଦେଖିଥାଏ । ସେଇଥିରୁ ସିଏ ଯାହା ବୁଝେ । ଛୋଟିଆ ପିଲାଟିକୁ ଗୋଟେ ଇଂରାଜୀ ଧାରାବାହିକ ଯଦି ଦେଖାଇ ଦିଆଯାଏ ସେ ତାର ଭାଷା ନ ବୁଝିପାରି ଟିଭି ଦେଖାରୁ ଦୂରେଇ ଯିବନି । ଏକଥା କହନ୍ତି - ଦିଲ୍ଲୀର ବାକ୍ ବିଶେଷଜ୍ଞ, ଡାକ୍ତର କ୍ଷତୀଶ ମଲ୍ଲିକ । ପିଲାଙ୍କ ବାକ୍ ପ୍ରାଞ୍ଜଳତା ବାପା-ମା'ଙ୍କ ଉପରେ ନିର୍ଭର କରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି - ଉଦାହରଣ ସ୍ୱରୂପ ଯଦି ସାନ ପିଲାଟିଏ ତା' ମାକୁ କହୁଛି - 'ମୋତେ ଲୁଟି ଦିଅ ମୁଁ ଖାଇବି' । ତାକୁ ବାରମ୍ବାର ବୁଝେଇ ଦେବା ଉଚିତ ଯେ ସେଇଟା 'ଲୁଟି' ନୁହଁ ରୁଟି । ତା'ପରେ ବି ଯଦି ସେ ଭୁଲ୍ କରେ ତେବେ ସିଏ ଲୁଟି ମାଗିଲେ ତାକୁ ରୁଟି ଦିଅନ୍ତୁ ନାହିଁ । ତାକୁ କୁହନ୍ତୁ ସେ ନିର୍ଭୁଲ୍ ଭାବରେ କହିଲେ ତାକୁ ରୁଟି ଦିଆଯିବ ।

ଏଭଳି କଲେ ଦେଖିବେ ସେ ଆସ୍ତେ ଆସ୍ତେ ତା' ଭୁଲ୍ ବୁଝିପାରିବ ଏବଂ ଠିକ୍ ଉଚ୍ଚାରଣ କରିବ । ଆଜିକାଲି ଦେଖାଯାଉଥିବା ଇଣ୍ଟରକାଷ୍ଟ ମ୍ୟାରେଜ୍ ବା ଦୁଇଟି ଭିନ୍ନ ଭାଷାଭାଷୀ-ସ୍ତ୍ରୀ - ପୁରୁଷଙ୍କ ଭିତରେ ବିବାହ - ପିଲାଙ୍କ ବାକ୍ ସମସ୍ୟାକୁ ଅଧିକ ପ୍ରଭାବିତ କରୁଛି । ସିଏ କେଉଁ ଭାଷାକୁ ଶିଖିବ - ବାପାଙ୍କର ନା ମା'ଙ୍କର ଦ୍ୱନ୍ଦ୍ୱରେ ପଡୁଛି । ଏସବୁ ସମସ୍ୟାକୁ ବାପା-ମା' ଟିକେ ଗୁରୁତ୍ୱ ଦେଲେ ଏଭଳି ସମସ୍ୟା ଅନେକ ଦୂରେଇ ଯିବ ।


**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ,**
**ଦୂରଭାଷ : ୯୪୩୮୨୭୬୭୬୦**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## କୁରୁଣ୍ଟି ମୌଜାର ଭୂ-ଦାନ ଜଳାଶୟରେ ବେଆଇନ୍ ମାଟି ଖୋଳାକୁ ବନ୍ଦ କଲେ ବାରଙ୍ଗ ତହସିଲଦାର



ବାରଙ୍ଗ, (ମହାଭାରତ): ବାରଙ୍ଗ ତହସିଲ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା କୁରୁଣ୍ଟି ମୌଜାର ଏକ ଭୂ-ଦାନ ଜଳାଶୟରୁ ବେଆଇନ ଭାବେ ମାଟି ଜେଶିପି ମେସିନ ସାହାଯ୍ୟରେ ଖୋଳାଯାଇ ଟ୍ରାକ୍ଟର ଦ୍ୱାରା ଅନ୍ୟ ସ୍ଥାନକୁ ଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନିକ ଅନୁମତି ମିଳିବା ପୂର୍ବରୁ ମାଟି ଖୋଳି ପୋଖରୀ ବାହାରକୁ ଯାଉଥିବା ନେଇ ସ୍ଥାନୀୟ ବାସିନ୍ଦା ଓ ଜଳାଶୟର ମାର୍ଫତ୍ ?ଦାରମାନେ ଅଭିଯୋଗ କରିବା ପରେ ତହସିଲ ପ୍ରଶାସନ ପକ୍ଷରୁ କାର୍ଯ୍ୟକୁ ବନ୍ଦ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କୁରୁଣ୍ଟି ମୌଜାର ଭୂ-ଦାନ ଜଳାଶୟ ଜମିର ମାର୍ଫତ୍ ?ଦାର ଥିବା କିଛି ଉତ୍ତରାଧିକାରୀ ମାଟି ଖୋଳିବା ପାଇଁ ବାରଙ୍ଗ ତହସିଲଦାରଙ୍କ ନିକଟରେ ଲିଖିତ ଅନୁମତି ମାଗିଥିଲେ। ତେବେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଲିଖିତ ଦରଖାସ୍ତ ଉପରେ କୌଣସି ଅନୁମତି ମିଳି ନ ଥିବା ବେଳେ, କିଛି ବ୍ୟକ୍ତି ବେଆଇନ୍ ଭାବେ ଜଳାଶୟ ଭିତରୁ ମାଟି ଖୋଳି ପୋଖରୀ ବାହାରକୁ ଗ୍ରାମର କୌଣସି ଦୁଇ ସ୍ଥାନରେ ପକାଉଥିବାର ସୂଚନା ମିଳିଛି। ପ୍ରଶ୍ନ କୁରୁଣ୍ଟି ମୌଜାର ୧୮୦୦ ଜନ ସଂଖ୍ୟା ବିଶିଷ୍ଟ ଥିବା ଗ୍ରାମର ଗ୍ରାମବାସୀଙ୍କ ମଧ୍ୟରୁ ମାତ୍ର କିଛି ଲୋକଙ୍କୁ ମୌଖିକ ଭାବେ କହି ଏହି ବେଆଇନ୍ ମାଟି ଖୋଳା ଆରମ୍ଭ କରିଥିଲେ । ଏହାକୁ ନେଇ କୁରୁଣ୍ଟି ମୌଜାର ସ୍ଥାନୀୟ ବାସିନ୍ଦା ଏବଂ ଜଳାଶୟର ଅନ୍ୟ ମାର୍ଫତ୍ ?ଦାରମାନେ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ । ଅଭିଯୋଗକୁ ଗୁରୁତର ସହ ନେଇ ବାରଙ୍ଗ ତହସିଲଦାର ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ବ୍ରାହ୍ମଣଝରିଲୋ ରାଜସ୍ୱ ନିରୀକ୍ଷକ (ଜଓ) ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ବେଆଇନ ମାଟି ଖୋଳା ଚାଲିଥିବା ପ୍ରମାଣ ମିଳିବା ପରେ ରାଜସ୍ୱ ନିରୀକ୍ଷକ ଉକ୍ତ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିଛନ୍ତି। ଏହି ବେଆଇନ୍ ମାଟି ତଡ଼ା ଘଟଣାରେ ସ୍ଥାନୀୟ ବାସିନ୍ଦା ଏବଂ ଜଳାଶୟର ଅନ୍ୟ ମାର୍ଫତ୍ ?ଦାର କଟକ ସଦର ଥାନାରେ ଅଭିଯୋଗ କରିଛନ୍ତି।ପ୍ରଶାସନିକ ଅନୁମତି ବିନା ଏଭଳି ସାର୍ବଜନୀନ ଜଳାଶୟରୁ ମାଟି ଖୋଳିବା ଆଇନତଃ ଦଣ୍ଡନୀୟ ଅପରାଧ ହୋଇଥିବାରୁ, ଭବିଷ୍ୟତରେ ଯେପରି ଏଭଳି କାର୍ଯ୍ୟ ନହୁଏ, ସେଥିପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଚିନ୍ତାରେ ଅଣଅନୁଦାନପ୍ରାପ୍ତ କଲେଜ କର୍ମଚାରୀ : ସରକାରୀ ଘୋଷଣା ସାଜିଲା ବାଧକ

ରାଇଘର, (ମହାଭାରତ) : ଆଜିଠାରୁ ଯୁକ୍ତ ଦୁଇ ନାମଲେଖା ଆରମ୍ଭ ହୋଇଥିବାବେଳେ ଅଣଅନୁଦାନପ୍ରାପ୍ତ କଲେଜ କର୍ମଚାରୀମାନେ ଗଭୀର ଚିନ୍ତାରେ ଥିବା ଜଣାପଡିଛି। ସରକାର କେଜି ରୁ ପିଜି ମାଗଣା ନାମଲେଖା ଘୋଷଣା କରି ବିଜ୍ଞପ୍ତି ପ୍ରକାଶ କରିଥିବାରୁ ଛାତ୍ର ଛାତ୍ରୀ ମାନେ ଉପକୃତ ହେବା ବେଳେ ୪୮୮ ଏବଂ ୬୬୨ ବର୍ଗର କଲେଜ ଗୁଡିକରେ ରହୁଥିବା ପରିଚାଳନା କମିଟି ଅଧିନସ୍ଥ କର୍ମଚାରୀ, ଅତିଥି ଅଧ୍ୟାପକ ଇତ୍ୟାଦି କେଉଁଠୁ ଦରମା ପାଇବେ ତାହାନେଇ ସନ୍ଦେହ ସୃଷ୍ଟି ହୋଇଛି। ସରକାର ଏହିସବୁ କର୍ମଚାରୀଙ୍କୁ କୌଣସି ଆର୍ଥିକ ଅନୁଦାନ ଦେଉନଥିବାରୁ ଏମାନେ କଲେଜ ଉନ୍ନୟନ ପାଣ୍ଠି ନାମଲେଖା ସମୟରେ ନେଇ ବର୍ଷସାରା ବେତନ ନେବା ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ କଲେଜରେ କରାଯାଏ। ଏପରିକି ଏହି ସବୁ କର୍ମଚାରୀଙ୍କ ଭବିଷ୍ୟ ନିଧି ପାଣ୍ଠି ଏହି ଅର୍ଥରୁ ଦିଆଯାଇଥାଏ। ଦୈନନ୍ଦିନ ପରିଚାଳନା ପାଇଁ ଶିକ୍ଷଣ ସାମଗ୍ରୀ, ସ୍ୱଚ୍ଛତା ବ୍ୟବସ୍ଥା, ବିଦ୍ୟୁତ ଏବଂ ଇଣ୍ଟରନେଟ ବିଲ, ସଫେଇ ଓ ମରାମତି କାମ ଏହି ପାଣ୍ଠିରୁ ହୋଇଥାଏ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯଦି ଏହିସବୁ କଲେଜରେ ବିନା ଉନ୍ନୟନ ପାଣ୍ଠିରେ ନାମଲେଖା ହେବ ତାହେଲେ ସରକାର ଏହିସବୁ ଖର୍ଚ୍ଚ ବହନ କରିବେତ ? ଯଦି ନକରନ୍ତି ତେବେ ଶତକଡା ୬୦ ଭାଗ ଏହିସବୁ କଲେଜରେ ପାଠପଢୁଥିବା ଛାତ୍ର ଛାତ୍ରୀ ଓ ଅଣଅନୁଦାନପ୍ରାପ୍ତ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ। ସରକାର ତରବରିଆ ଭାବେ ପାଠ୍ୟ ପୁସ୍ତକ ଛପା ବିଭ୍ରାଟକୁ ଲୁଚାଇଦେବା ଆଳରେ ଯେଉଁ ଘୋଷଣା କଲେ ତାହାର ପାର୍ଶ୍ୱ ପ୍ରତିକ୍ରିୟା ଅନେକ କର୍ମଚାରୀ ଓ ଅନୁଷ୍ଠାନର କ୍ଷତି ଘଟାଇବାର ସମ୍ଭାବନା ଅଛିବୋଲି ଶିକ୍ଷାବିତମାନେ ଆଲୋଚନା କରୁଥିବା ଜଣାପଡିଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ମନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ନଦେଲେ ଶିକ୍ଷା ବ୍ୟବସ୍ଥାରେ ଅନେକ ଅସୁବିଧା ଦେଖାଦେବାର ସମ୍ଭାବନା ରହିଛି।

## ଓଲଟିଲା ପିକ୍ଅପ୍ ଭ୍ୟାନ: ଜଣେ ମୃତ, ୨ ଆହତ

ଲକ୍ଷ୍ମୀପୁର,(ମହାଭାରତ) ୦୯/୦୭: କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିକଟସ୍ଥ କୁଟିଙ୍ଗା ଘାଟିରେ ବୁଧବାର କୁଣ୍ଡା (ତଶୁ) ବୋଝେଇ ଯାଉଥିବା ଏକ ମ୍ୟାକ୍ସ ପିକ୍ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୩ ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର କୋରାପୁଟ ସହିଦ ଲକ୍ଷ୍ମଣ ନାୟକ (ଏସ୍ ?.ଏଲ୍ ?.ଏନ୍ ?) ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଆହତମାନଙ୍କୁ ପ୍ରଥମେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କୋରାପୁଟ ଏସ୍ ?.ଏଲ୍ ?.ଏନ୍ ? ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କୁଟିଙ୍ଗା ଗ୍ରାମର ଟିଙ୍ଗୁରୁ ସିରିକାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟ ଦୁଇ ଆହତ ମୁଗୁରି ମିଣ୍ୟାକା ଓ ଦିଲୀପ ମିଣ୍ୟାକାଙ୍କ ଚିକିତ୍ସା ଚାଲିଛି ସୂଚନା ମିଳିଛି । ସୂଚନା ଅନୁଯାୟୀ, ରାୟଗଡ଼ାର ଏକ ମ୍ୟାକ୍ସ ପିକ୍ ?ଅପ୍ ଭ୍ୟାନରେ ଲକ୍ଷ୍ମୀପୁର ଅଞ୍ଚଳର ୩ ଜଣ ଶ୍ରମିକଙ୍କୁ ନେଇ ବିଭିନ୍ନ ଗ୍ରାମର ଛୋଟ ଛୋଟ ଚାଉଳ ମିଲରୁ କୁଣ୍ଡା (ତଶୁ) ସଂଗ୍ରହ କରି ରାୟଗଡ଼ା ଅଭିମୁଖେ ଯାଉଥିଲା। କୁଟିଙ୍ଗା ଘାଟି ଓହ୍ଲାଇବା ବେଳେ ଗାଡ଼ିଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ପଛପଟେ ବସିଥିବା ୩ ଜଣ ଶ୍ରମିକ ଛିଟକି ପଡ଼ି ଗୁରୁତର ଆହତ ହୋଇଥିଲେ। ତେବେ ଚାଳକ ଓ ଆଗ ସିଟ୍ ?ରେ ବସିଥିବା ମାଲିକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ଖବର ପାଇ ସ୍ଥାନୀୟ ଜନପ୍ରତିନିଧି ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମଝି ଚିଲିକାରେ ଅଟକିଲା ଯାତ୍ରୀବାହି ଲଞ୍ଚ

କୃଷ୍ଣପ୍ରସାଦ, (ମହାଭାରତ ) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଠାରୁ ପୁରୀଜିଲ୍ଲା କୃଷ୍ଣପ୍ରସାଦ ଗଡ଼ ଯାଏଁ ଓଡିଶା ବନ୍ଦର ଅନ୍ତରଦେଶୀୟ ଜଳପଥ ପାରିବହନ ବିଭାଗ ତରଫରୁ ପ୍ରତିଦିନ ଯାତ୍ରୀବାହି ଲଞ୍ଚ ଯାତାୟତ କରିଥାଏ। ଆଜି ସକାଳ ୭ ଟା ସମୟରେ ବାଲୁଗାଁ ଠାରୁ ଯାତ୍ରୀ ନେଇ କୃଷ୍ଣପ୍ରସାଦ ଆସୁଥିବା ବେଳେ ମଝି ଚିଲିକାରେ ଅଟକି ଥିଲା। ତେବେ ୫୦ ରୁ ଉର୍ଦ୍ଧ୍ୱ ଯାତ୍ରୀ ନେଇ ଆସୁଥିବା ଲଞ୍ଚ ଟି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପ୍ରାୟ ଏକ ଘଣ୍ଟା ଅଟକି ଥିବା ବେଳେ ଅତ୍ୟଧିକ ପବନରେ ଦୋହଲି ଥିଲା। ଯାତ୍ରୀମାନେ ସୁରକ୍ଷିତ ମାନେ ନ କରି ହୋ ହଲ୍ଲା କରିଥିଲେ। ଚିଲିକାରେ ଥିବା ଡ଼ଙ୍ଗା ନାବିକ ମାନେ ୨ ଟି ଡ଼ଙ୍ଗା ନେଇ ସାହସ ର ସହିତ ଲଞ୍ଚ କୁ ଟାଣି ଆଣିଥିଲେ। ମଝି ଚିଲିକାରୁ ଯାତ୍ରୀମାନେ ଏକ ଘଣ୍ଟା ପରେ ଉଦ୍ଧାର ହୋଇଥିବା ଜଣାପଡ଼ିଛି।

# ବାଲ୍ୟବିବାହ ରୋକିବା ନିମନ୍ତେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଛାତ୍ରୀନିବାସର ମାଟ୍ରନ ମାନଙ୍କୁ ଏକ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଗଜପତି, (ମହାଭାରତ) : ଆଜି ଗଜପତି ଜିଲ୍ଲାରେ ବାଲ୍ୟବିବାହ ରୋକିବା ନିମନ୍ତେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଛାତ୍ରୀନିବାସ ର ମାଟ୍ରନ ମାନଙ୍କୁ ଏକ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷ-୪ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାୟଗଡ଼, ଗୋଷାଣୀ, ଗୁମ୍ମା ଓ କାଶୀନଗର ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ସମସ୍ତ ଛାତ୍ରୀନିବାସ ର ମାଟ୍ରନ ମାନେ ଉପସ୍ଥିତ ଥିଲେ । ଅତିଥି ରୂପେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଅଶୋକ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସଲମନ ରାଇକା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀଣୀ ଶ୍ରୀମତୀ ସାରଳା ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ ସମିତିର




ଅଧ୍ୟକ୍ଷ ଶ୍ରୀ ଅମୀୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ପ୍ରତି କେସ୍ କୁ ପୋଲିସ୍/ ଚାଇଲଡ ହେଲ୍ପ ଲାଇନ୍ ର ଟୋଲଫ୍ରି ନଂ/ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କୁ ଜଣାଇବା ପାଇଁ ଅନୁରୋଧ କରାଯାଇଥିଲା । ଯେହେତୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ମାଟ୍ରନ ହେଉଛନ୍ତି ବାଲ୍ୟବିବାହ ନିଷେଧ ଅଧିକାରୀ ତେଣୁ ସେମାନ ଯଦି ଠିକ ସମୟରେ ସୂଚନା ଦେବେ ନାହିଁ ତାହା ହେଲେ ସେମାନଙ୍କ ପାଇଁ ଆଇନରେ ଦଣ୍ଡ ବିଧାନ ଥିବା କଥା ଆଲୋଚନା କରାଯାଇଥିଲା । ପ୍ରତ୍ୟେକ ପଞ୍ଚାୟତରେ ବାଲ୍ୟବିବାହ ନିଷେଧ ଉପରେ ସଚେତନତା କାର୍ଯ୍ୟ କିପରି ଚାଲିଛି ତାହା ଉପରେ ଆଲୋଚନା ହେବା ସହ ରାୟଗଡ଼ ବ୍ଲକ ର କେରାଣ୍ଡି ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବାଲ୍ୟ ବିବାହ ନିଷେଧ ଉପରେ ଉଲ୍ଲେଖନିୟ କାର୍ଯ୍ୟ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । କେବଳ ସଚେତନତା ନୁହଁ, ଆଗାମୀ ଦିନରେ ଆଇନତଃ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆଲୋଚନା କରାଯାଇଥିଲା । ସମସ୍ତ ଅଧିକାରୀ ଭୟ ନକରି ସୁସ୍ଥ ସମାଜ ଗଠନ କରିବା ସହ ଆଗାମୀ ଦିନରେ ଗଜପତି ଜିଲ୍ଲାର ବାଲ୍ୟବିବାହକୁ ହ୍ରାସ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।

## ୧୦ ଜୁଲାଇ ରୁ ସାମୂହିକ ଛୁଟି ରେ ରହିବେ ଯୋଗାଣ ସହାୟକ

କରଞ୍ଜିଆ, (ମହାଭାରତ): ଠାକୁରମୁଣ୍ଡା ବ୍ଲକର ୧୮ଗୋଟି ପଞ୍ଚାୟତ ର ସମସ୍ତ କାର୍ଯ୍ୟରତ ଯୋଗାଣ ସହାୟକ ମାନେ ୧୦ ଜୁଲାଇ ୨୦୨୬ ରୁ ସାମୂହିକ ଛୁଟିରେ ରହିବେ । ୨୦୨୬ ଜୁଲାଇ ଏବଂ ଅଗଷ୍ଟ ମାସ ପାଇଁ ଖାଦ୍ୟଶସ୍ୟ ବଣ୍ଟନ ପାଇଁ କୌଣସି ଚାପ ପ୍ରୟୋଗ ନକରିବାକୁ ଠାକୁରମୁଣ୍ଡା ବିଡିଓ ଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି। ଯୋଗାଣ ସହାୟକ ମାନଙ୍କ ୧୬ ଜୁନ୍ ୨୦୨୬ରେ ଲିଖିତ ଦରଖାସ୍ତ ମୁତାବକ ରାଜ୍ୟ ସରକାର ଏବଂ ରାଜ୍ୟ ପ୍ରଶାସନକୁ ଏକ ଲିଖିତ ନୋଟିସ ପ୍ରଦାନ କରିଥିଲେ ଯେ, ଗତ ଚଉଦ ବର୍ଷ ଧରି ସେମାନେ ସେବା ନିଷ୍ଠାପର ଏବଂ ପରିଶ୍ରମର ସହିତ ପ୍ରଦାନ କରିବା ସତ୍ତ୍ୱେ, ତାଙ୍କର ନ୍ୟାଯ୍ୟ ଦାବିଗୁଡ଼ିକ ପୂରଣ ହୋଇନାହିଁ। ୧୦ ଜୁଲାଇ ୨୦୨୬ ସୁଦ୍ଧା ଯଦି ତାଙ୍କର ଦାବିଗୁଡ଼ିକର ସମାଧାନ ନହୁଏ ସାମୂହିକ ଛୁଟିରେ ରହିବା ଓ ସାମ୍ବିଧାନିକ ଏବଂ ଗଣତାନ୍ତ୍ରିକ ଅଧିକାର ପ୍ରୟୋଗ କରିବାକୁ ଚେତାବନୀ ଦେଇଛନ୍ତି । ଏହି ନୋଟିସ୍ ଜାରି ହେବା ପରେ ସାମ୍ବାଦିକ ମାଧ୍ୟମରେ ଉକ୍ତ ନିଷ୍ପତ୍ତି ମଧ୍ୟ ସାର୍ବଜନୀନ କରାଯାଇଥିଲା। ସେହି ତ ?ଥ୍ୟଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥିବା ସତ୍ତ୍ୱେ, ୨୦୨୬ ଜୁଲାଇ ଏବଂ ଅଗଷ୍ଟ ମାସ ପାଇଁ ଖାଦ୍ୟଶସ୍ୟ ବଣ୍ଟନ ପାଇଁ ଆବଣ୍ଟନ ଏବେ ଜାରି ରହିଛି। ଉପରୋକ୍ତ ମାସଗୁଡ଼ିକ ପାଇଁ ବଣ୍ଟନ କାର୍ଯ୍ୟ କରିବାକୁ ସଂଘର ସଦସ୍ୟମାନଙ୍କ ଉପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କୌଣସି ଚାପ ପ୍ରୟୋଗ ନକରିବାକୁ କହିଛନ୍ତି।

## ରଙ୍ଗ କାର୍ଯ୍ୟ ରେ ନିମଗ୍ନ କାରିଗର ରଥଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟ

ଗଣିଆ, (ମହାଭାରତ): ପବିତ୍ର ରଥଯାତ୍ରା ପାଇଁ ଏବେ ସାରା ରାଜ୍ୟ ଉତ୍ସବମୁଖର ଥିବାବେଳେ ଗଣିଆ ଅଞ୍ଚଳରେ ମଧ୍ୟ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ଗଣିଆ ରେ ନୂତନ ରଥ ନିର୍ମାଣ ହୋଇଥିବା ବେଳେ ନୂତନ ଭାବେ ବିଭିନ୍ନ ରଙ୍ଗରେ ସୁସଜିତ ହେଉଛି ମହାପ୍ରଭୁ ଙ୍କ ରଥ କ୍ଷ ଚାରି ଠାକୁର ସମ୍ପୂର୍ଣ୍ଣ ଏକ ନୂଆ ରଥରେ ବିରାଜମାନ କରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିବେ। ନୂତନ ରଥ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଏବେ ତାହାକୁ ଆକର୍ଷଣୀୟ ରୂପ ଦେବାରେ ସ୍ଥାନୀୟ କାରିଗରମାନେ ଦିନରାତି ଏକ କରି ଦେଇଛନ୍ତି। ରଥରେ ବିଭିନ୍ନ ରଙ୍ଗବେରଙ୍ଗର ପାରମ୍ପରିକ ଚିତ୍ର ଏବଂ ରଙ୍ଗ ଦେବା କାର୍ଯ୍ୟରେ କାରିଗରମାନେ ସମ୍ପୂର୍ଣ୍ଣ ନିମଗ୍ନ ଅଛନ୍ତି। ମହାପ୍ରଭୁଙ୍କ ସେବାରେ ନିଜକୁ ନିୟୋଜିତ କରି ସେମାନେ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟାଇ ଚଳିତ ବର୍ଷ ଏହି ଭବ୍ୟ ନୂତନ ରଥ ପ୍ରସ୍ତୁତ କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀସୁଦର୍ଶନ ଏହି ନୂଆ ରଥରେ ଆରୂଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏହି ବଡ଼ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ରଥଯାତ୍ରା କମିଟି ପକ୍ଷରୁ ବ୍ୟାପକ ଓ ସୁଦୃଢ଼ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଏବଂ ଭକ୍ତଙ୍କ ସୁବିଧା ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି।

## ଶ୍ରମିକଙ୍କ ମୃତ୍ୟୁକୁ ନେଇ ପାରାଦୀପ ଆଦାନୀ ୱିଲମାର କମ୍ପାନୀରେ ଉତ୍ତେଜନା : ହତ୍ୟା ଷଡଯନ୍ତ୍ର ଅଭିଯୋଗରେ ଥାନାରେ ମାମଲା

ପାରାଦୀପ, (ମହାଭାରତ) : ପାରାଦୀପସ୍ଥିତ ଆଦାନୀ ୱିଲମାର କମ୍ପାନୀ ପରିସରରେ ଜଣେ ଶ୍ରମିକର ମୃତ୍ୟୁ କୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ଶ୍ରମିକଙ୍କ ମୃତଦେହ ମିଳିବା ପରେ କମ୍ପାନୀ ତାର ଫାଟକ ଖୋଲିବାକୁ ବିଳମ୍ବ କରିବାରୁ କମ୍ପାନୀ ଫାଟକ ଭାଙ୍ଗି କମ୍ପାନୀ ଭିତରକୁ ଧସେଇ ପଶିଲେ ମୃତ ଶ୍ରମିକ ର ପରିବାର ଓ ଗ୍ରାମବାସୀ । ଯାହାକୁ ନେଇ କମ୍ପାନୀ ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ନିଜ ସ୍ୱାମୀ ନିରୁଦ୍ଦିଷ୍ଟ ଖବର ପାଇ ମୃତ ଶ୍ରମିକଙ୍କ ପତ୍ନୀ ରୋଜାଲିନ ବେଉରା, ପରିବାର ସଦସ୍ୟ ଓ ଗ୍ରାମବାସୀ କମ୍ପାନୀ ନିକଟରେ ପହଞ୍ଚିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ଶ୍ରମିକ ଜଣଙ୍କ ହେଲେ ପାରାଦ୍ୱୀପ ନୂଆଗଡ ପଞ୍ଚାୟତ ବାଲିଡିଆ ଗ୍ରାମର ପ୍ରସନ୍ନ ବେଉରା। କମ୍ପାନୀ ଭିତରେ ପ୍ରସନ୍ନ ଙ୍କ ମୃତଦେହ ଝୁଲୁଥିବା ସୂଚନା ମିଳିଛି। ତେବେ ପରିବାର ଲୋକଙ୍କ ଅଭିଯୋଗ ମୁତାବକ ବାଲିଡିଆ ଗ୍ରାମର ପ୍ରସନ୍ନ ବେଉରା ଆଦାନୀ ୱିଲମାର କମ୍ପାନୀରେ ନିୟମିତ କର୍ମଚାରୀ ଭାବେ କାମ କରୁଥିଲେ। ଗତ ତିନି ଦିନ ତଳେ କମ୍ପାନୀରେ ଡିୟୁଟି ସମୟରେ କିଛି ସିକ୍ୟୁରିଟି ଗାର୍ଡ ରାତିରେ ଶୋଇଥିବା ର ଫଟୋ ଉଠାଇ ପ୍ରସନ୍ନ ଉଚ୍ଚ ଅଧିକାରୀଙ୍କୁ ପଠାଇବା ସହିତ ଅଭିଯୋଗ କରିଥିଲେ। ଯାହାକୁ ନେଇ କମ୍ପାନୀର କିଛି କର୍ମଚାରୀ ଓ ସିକ୍ୟୁରିଟି ହେଡ୍ ତାଙ୍କୁ ମାନସିକ ଓ ଶାରିରୀକ ଯନ୍ତ୍ରଣା ଦେବା ସହିତ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଉଥିଲେ। ମାତ୍ର ଆଜି ପ୍ରସନ୍ନ ସକାଳେ ଡିୟୁଟି ଆସିଥିବା ବେଳେ ଘରକୁ ଫୋନ କରି ତାଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା ଏବଂ ଅଟକ ରଖାଯାଇଥିବା କଥା କହିଥିଲେ। ଏ ସଂକ୍ରାନ୍ତରେ ପରିବାର ଲୋକେ ପୋଲିସ କୁ ଖବର ଦେବା ପରେ ପୋଲିସ କମ୍ପାନୀ ପରିସରରେ ଯାଞ୍ଚ କରିବା ବେଳେ ପ୍ରସନ୍ନଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ପରିବାର ଓ ସମ୍ପର୍କୀୟ କମ୍ପାନୀ ଗେଟ୍ ସମ୍ମୁଖରେ ପହଞ୍ଚି ପାଟିତୁଣ୍ଡ କରିବା ସହିତ ଗେଟ୍ ସମ୍ମୁଖରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ଘଟଣାକୁ ନେଇ କମ୍ପାନୀ କର୍ମଚାରୀ ଙ୍କ ଦ୍ୱାରା ପ୍ରସନ୍ନ ଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଘଟଣାସ୍ଥଳରେ ପାରାଦ୍ୱୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ମାଣେ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଆଦର୍ଶ ଥାନା ଆଇଆଇସି ବବିତା ଦେହୁରୀ ଓ ଲକ୍ ଥାନା ଆଇଆଇସି ରଶ୍ମି ରଞ୍ଜନ ଦାସ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିବା ପରେ କମ୍ପାନୀ କର୍ତ୍ତୃପକ୍ଷ ଙ୍କ ସହିତ ଆଲୋଚନା କରିଥିଲେ। କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଓ ତାଙ୍କ ପତ୍ନୀ ଙ୍କୁ ଉକ୍ତ କମ୍ପାନୀ ରେ ଚାକିରି ଦେବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଆଜି ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ଏବଂ ପ୍ରସନ୍ନଙ୍କ ମୃତ୍ୟୁକୁ ନେଇ ତଦନ୍ତ ଜାରି ରହିବ। ଯେଉଁମାନେ ବି ଏହି ଘଟଣାରେ ସମ୍ପୃକ୍ତ ରହିଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଲାଞ୍ଜିଗଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ

ଲାଞ୍ଜିଗଡ, (ମହାଭାରତ ): ଲାଞ୍ଜିଗଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ଅନୁଷ୍ଠିତ ହୋଇଯାଇଛି ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ସୁନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ବସନ୍ତପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ମଲ୍ଲିକ , ସିଆରସିସି ଜଳନ୍ଧର ମାଝୀ, ଶିକ୍ଷକ ରାଧାମାଧବ ରଥ, ମନୋଜ କୁମାର ମହାକୁଡ଼, ହିରଣ୍ୟ କୁମ୍ଭାର, ଡମ୍ବରୁଧର ସାହୁ, ଦୁର୍ଗା ମାଧବ ମହାକୁଡ଼, ଦୁର୍ଯ୍ୟଧନ ନାଏକ, ପ୍ରଭାତୀ ମଲ୍ଲିକ, ସୋନାଲି ବେହେରା, ନଳିନୀ ମୁଣ୍ଡଛିନ୍ନଓ ପ୍ରମୁଖ ନୂତନ କମିଟି ଗଠନରେ ଉପସ୍ଥିତ ରହିଥିଲେ ଓ କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ପୁରୁଣା କମିଟି ଭଙ୍ଗ କରାଯାଇଥିଲା । ଅଭିଭାବକ ମାନଙ୍କ ମଧ୍ୟରୁ ପ୍ରଥମେ ୧୫ ଜଣଙ୍କୁ ପରିଚାଳନା କମିଟି ଭାବେ ଚୟନ କରାଯାଇଥିଲା ଓ ତାପରେ ସେହି ୧୫ ଜଣ ସଦସ୍ୟଙ୍କ ମଧ୍ୟରୁ ସଭାପତି ଓ ଉପସଭାପତି ଭାବେ ଚୟନ କରାଯାଇଥିଲା ଓ ଏହି



ପରିପେକ୍ଷୀରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାବେ ଚାରୁଚନ୍ଦ୍ର ନାଗ ଓ ଉପସଭାନେତ୍ରୀ ଭାବେ ଶାନ୍ତିଲତା ପ୍ରଧାନୀ ସର୍ବ ସମ୍ମତି କ୍ରମେ ୨ ବର୍ଷ ପାଇଁ ମନୋନୀତ ହୋଇଥିଲେ ଓ କମିଟି ସଦସ୍ୟ ଭାବେ ୫ ଜଣକୁ ଚୟନ କରାଯାଇଥିବା ବେଳେ କମିଟି ସଚିବ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ସୁନା, ବିଦ୍ୟାଳୟ ଶିକ୍ଷକ ପ୍ରତିନିଧି ମନୋଜ କୁମାର ମହାକୁଡ଼, ୱାର୍ଡ ମେମ୍ବର ଚନ୍ଦ୍ର ନାଏକ, ସଦସ୍ୟା ଭାବେ ଅଙ୍ଗନବାଡି କର୍ମୀ ନୃପତି ଭୋଇ, ଆଶାକର୍ମୀ ସରସ୍ୱତୀ ଦଳେଇ ପ୍ରମୁଖ ମନୋନୀତ ହୋଇଥିବା ବେଳେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା ଓ ଶେଷରେ ସମସ୍ତ ମନୋନୀତ ସଭାପତି, ସଭାନେତ୍ରୀ, ସଭ୍ୟ, ସଭ୍ୟା ଓ ସଦସ୍ୟ ସଦସ୍ୟା ମାନେ ଗଣେଶ ମୂର୍ତ୍ତି ପାଖରେ କମିଟି କିଭଳି ସୁଚାରୁ ରୂପେ ପରିଚାଳନା କରାଯିବ ସେନେଇ ଶପଥ ନେଇଥିଲେ ଓ ଏହି କାର୍ଯ୍ୟକ୍ରମରେ ୨ ଶହରୁ ଉର୍ଦ୍ଧ ଅଭିଭାବକ ଯୋଗ ଦେଇଥିଲେ ଓ ଶେଷରେ ଶିକ୍ଷକ ରାଧାମାଧବ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ଥାନା ସାମ୍ନାରୁ ମହିଳାଙ୍କ ମନିପର୍ସ ଝାମ୍ପିନେଲେ ଦୁର୍ବୃତ୍ତ

ଧାମନଗର, (ମହାଭାରତ ) : ଧାମନଗର ଥାନା ଅନ୍ତର୍ଗତ ଗୁମୁଗଡ଼ ଗ୍ରାମର ବର୍ଷାରାଣୀ ବେହେରା ବୁଧବାର ସକାଳ ପ୍ରାୟ ୧୦ଟା ସମୟରେ ତାଙ୍କ ୧୩ ବର୍ଷର ପୁଅ ସହ ଧାମନଗର ବଜାରକୁ ଝିଅର ଜନ୍ମଦିନ ପାଇଁ ଡ୍ରେସ ଓ କେକ୍ କିଣିବାକୁ ଆସିଥିଲେ। ଧାମନଗର ଥାନାଠାରୁ ମାତ୍ର ୩୦ ମିଟର ଦୂରରେ ଥିବା ଏକ ପରିବା ଦୋକାନରୁ କିଣାକିଣି କରି ସେ ୩ହଜାର ୫ ଶହ ଟଙ୍କା ଥିବା ମନିପର୍ସକୁ ପରିବା ବ୍ୟାଗ ଭିତରେ ରଖିଥିଲେ। ବ୍ୟାଗଟି ତାଙ୍କ ପୁଅ ଧରିଥିବାବେଳେ ଉଭୟ ଚାଲି ଚାଲି ଯାଉଥିଲେ। ଏହି ସମୟରେ ପଛ ପଟୁ ଆସିଥିବା ଜଣେ ଯୁବକ ସୁଯୋଗ ନେଇ ବ୍ୟାଗ ଭିତରୁ ମନିପର୍ସ କାଢ଼ି ଦୌଡ଼ି ପଳାଇଯାଇଥିଲା। ପଛରେ ଥ ?ିବା କିଛି ଲୋକ ଘଟଣା ଦେଖି ଚିତ୍କାର କରିବା ପରେ ବର୍ଷାରାଣୀଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ସେତେବେଳକୁ ମନିପର୍ସ ଗାୟବ ହୋଇଯାଇଥିବା ଜଣାପଡ଼ିଥିଲା। ଏ ନେଇ ବର୍ଷାରାଣୀ ଧାମନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭକରିଛି। ବଜାର ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବାବେଳେ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି।

## ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ନେମାଳରେ ବାଲିଯାତ୍ରା ମହୋତ୍ସବ-୨୦୨୬ ଉଦ୍ଯାପିତ

ପାରାଦୀପ/ନିଶ୍ଚିନ୍ତକୋଇଲି, (ମହାଭାରତ) : ପଞ୍ଚସଖା ଯୁଗର ଶ୍ରେଷ୍ଠ ସାଧକ ତଥା ଭବିଷ୍ୟତ ମାଳିକାର ପ୍ରଣେତା ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୁଣ୍ୟପୀଠ କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନେମାଳଠାରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଆୟୋଜିତ ପଞ୍ଚଦିବସୀୟ ବାଲିଯାତ୍ରା ମହୋତ୍ସବ-୨୦୨୬ ସଫଳତାର ସହ ଉଦ୍ଯାପିତ ହୋଇଯାଇଛି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନିର୍ବିକଳ୍ପ ଶୂନ୍ୟ ସମାଧି ଦିବସରୁ ଆରମ୍ଭ ହୋଇଥିବା ଏହି ପାଞ୍ଚଦିନିଆ ମହୋତ୍ସବକୁ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଉଦ୍ ?ଘାଟନ କରିଥିଲେ। ପାଞ୍ଚ ଦିନ ଧରି ଆୟୋଜିତ ଏହି ମହୋତ୍ସବରେ ହଜାର ହଜାର ଭକ୍ତ ଓ ଦର୍ଶକଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ମହୋତ୍ସବର ବିଭିନ୍ନ ଦିବସରେ ଓଡ଼ିଶାର ଶିଳ୍ପ ଓ ଦକ୍ଷତା ବିକାଶ , ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ମନ ମୋହନ ସାମଲ,ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କଟକ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ,ତହସିଲଦାର




ଅଭୟ କୁମାର ପ୍ରତିହାରୀ,ଇଫକୋ ଲୋକ ସମ୍ପର୍କ ଅଧିକାରୀ ଡ଼. ପ୍ରସନ୍ନ କୁମାର ବେଉରା, କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ପ୍ରମୁଖ ଯୋଗଦେଇ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଆଧ୍ୟାତ୍ମିକ ସାଧନା, ମହିମା ଓ ସାରସ୍ୱତ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀଶ୍ରୀ ଗୋପୀନାଥଜୀଉ ଓ ଅଚ୍ୟୁତାନନ୍ଦ ଟ୍ରଷ୍ଟର ଆନୁକୂଲ୍ୟରେ ଏବଂ ରାଜ୍ୟ ସଂସ୍କୃତି ବିଭାଗର ସହଯୋଗରେ ଆୟୋଜିତ ଏହି ମହୋତ୍ସବର ସୁପରିଚାଳନାରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ,ଏସ.ଡି.ପି.ଓ ବିରଞ୍ଚି ନାରାୟଣ ପତି,ଅତିରିକ୍ତ ତହସିଲଦାର ଶିବରାମ ସ୍ୱାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏସ୍.ଡି.ପି.ଓ. ଏବଂ ନେମାଳ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର ମହୋତ୍ସବ ଶାନ୍ତିଶୃଙ୍ଖଳାର ସହ ସଫଳତାର ସହ ସମ୍ପନ୍ନ ହୋଇଥିଲା। ମହୋତ୍ସବର ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସୀ ପାତ୍ର, ଗଗନ ଜେନା, ପ୍ରଜ୍ଞା ହୋତା ଏବଂ ସମ୍ବଲପୁରୀ ରକଷ୍ଟାର ରୁକସାନା ଗ୍ରୁପ୍ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଗଞ୍ଜାମର ବାଲୁଙ୍କେଶ୍ୱର ପଶୁମୁଖା ଗ୍ରୁପ୍, ବଲାଙ୍ଗୀରର ଢୋଲ ମହୁରୀ କଳା ପରିଷଦ, ପୁରୀର ନୃତ୍ୟମଣି ନୃତ୍ୟ କଳା ପୀଠ, ସୋନପୁରର ବାସନ୍ତୀ କଳା ପରିଷଦ, ଖୋର୍ଦ୍ଧାର ଜୟଦେବ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ, ମା' ମଙ୍ଗଳା ପାଇକ ଆଖଡ଼ା, କଟକର ନଟରାଜ ଡ୍ୟାନ୍ସ ଏକାଡେମୀ, ସାଲେପୁରର ନିତ୍ୟାଶ୍ରୀ କଳା ନିକେତନ, ସଙ୍ଗୀତ ନୃତ୍ୟ ଏକାଡେମୀ, ଉଦୀୟମାନ କଳା ନିକେତନ, ରୋଜ୍ ଟ୍ରି ଡ୍ୟାନ୍ସ ଷ୍ଟୁଡିଓ, ରାଧାମାଧବ କଳା ପ୍ରତିଷ୍ଠାନ, ନୟାଗଡ଼ ଏବଂ ମଧୁସୂଦନ କଳା ନିକେତନ ସମେତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ ଓ ଧନେଶ୍ୱର ସାହୁ ମଞ୍ଚ ସଂଚାଳନ କରିଥିଲେ। ମହୋତ୍ସବ ଅବସରରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ସମାଜସେବୀ ମଳୟ ଦେ,ଅଶୋକ କୁମାର ସାହୁ, ସୁଧାଂଶୁ ଶେଖର ମହାପାତ୍ର ,ଅଜୟ କୁମାର ପୃଷ୍ଟି, ହରେକୃଷ୍ଣ ପୂଝାରୀ, ରବୀନ୍ଦ୍ର ପୃଷ୍ଟି, ଶରତ ଚନ୍ଦ୍ର ମଳିକ, ବିଶ୍ୱ ରଞ୍ଜନ ସାହୁ, କ୍ଷମାନିଧି ପୂଝାରୀ,ସସ୍ମିତା ମହାନ୍ତି, ଶାନ୍ତନୁ ପୂଝାରୀ,ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବୁଦ୍ଧିଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତି କମିଟିର ସଦସ୍ୟମାନଙ୍କ ସହ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କ ସକ୍ରିୟ ସହଯୋଗରେ ସମଗ୍ର ମହୋତ୍ସବ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






# ଧାମନଗର - ଫଳପୁର ରାସ୍ତାରେ ଅଟକିଛି 'ବିକାଶର ଧାରା'

## ଟଙ୍କା ମଞ୍ଜୁର ପରେ ବି କାମ ଶୂନ, ଭୋଗୁଛନ୍ତି ୩୦ ହଜାର ଜନସାଧାରଣ

ଧାମନଗର, (ମହାଭାରତ) ବିକାଶ ଧାରା ଓଡ଼ିଶା ସାରା'-ରାଜ୍ୟ ସରକାରଙ୍କ ଏହି ଡିଣ୍ଡିମ ପିଟା ନାରା ଯେମିତି ଧାମନଗରର - ଫଳପୁର ରାସ୍ତାରେ ଆସି ସମ୍ପୂର୍ଣ୍ଣ ଅଟକି ଯାଇଛ। ଦୀର୍ଘ ୨୨ ବର୍ଷଧରି ଏହି ରାସ୍ତା ନିର୍ମାଣ ଅଧପାନ୍ତରିଆ ହୋଇପଡ଼ିଛି। ଜନସାଧାରଣ ଦାବି କରି ଆସୁଥିଲେ ମଧ ପ୍ରଶାସନିକ ଉଦାସୀନତା ଯୋଗୁଁ 'ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ଭଳି' ସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ୭ କିଲୋମିଟର ଦୈର୍ଘ୍ୟର ଏହି ସମ୍ପୂର୍ଣ୍ଣ ରାସ୍ତାର ଅବସ୍ଥା ଦିନକୁ ଦିନ ଅତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମରାମତି ଅଭାବରୁ ରାସ୍ତାରେ ୭୦ ରୁ ଅଧିକ ମରଣଯନ୍ତା ଭଳି ଗାତ ସୃଷ୍ଟି ହୋଇଛି। ଧାମନଗର ବଜାର ଠାରୁ ଫଳପୁର ପର୍ଯ୍ୟନ୍ତ। ବିଭିନ୍ନ ସ୍ଥାନ ରେ ରାସ୍ତା ଫାଟି ଖଣ୍ଡ ଖଣ୍ଡ କଂକ୍ରିଟ ବିଛାଡ଼ି ହୋଇ ପଡ଼ିଥିବା ବେଳେ ବର୍ଷା ପାଣି ଜମି ରହିବା ଯୋଗୁଁ ଅନେକ ସ୍ଥାନରେ ପିଚୁ ଉଠି ବେହାଲ ହୋଇପଡ଼ିଛି। ଚାରିଚକିଆ ଯାନ ଯିବା ତ ଦୂରର କଥା, ବାଇକରେ ଏହି ୭ କିମି ରାସ୍ତା ପାର ହେବାକୁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି।ଏହି



ସମସ୍ୟା ଦୀର୍ଘ ବର୍ଷର ପୁରୁଣା। ୨୦୦୪ ମସିହାରେ ଏହାକୁ ପକ୍କା ସଡ଼କ କରାଯାଇଥିଲେ ବି ବନ୍ୟା ଓ ଭାରି ଯାନ ଚଳାଚଳ ଯୋଗୁଁ ଏହା ପ୍ରତିବର୍ଷ ନଷ୍ଟ ହେଉଛି। କରଦା, ପଧାନି, ଦଳାଙ୍ଗ, ଅର୍ଜ୍ଜୁନପୁର, ଭଟ୍ଟସାହି ଓ ନଦୀଗାଁ ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିଟିଏ ଯିବା ସମ୍ଭବ ହେଉନାହିଁ। ପୂର୍ବରୁ ୨୦୨୦ ଫେବ୍ରୁଆରି ବଜେଟ୍ ଅଧିବେଶନରେ ଦିବଙ୍ଗତ ବିଧାୟକ ବିଷ୍ଣୁ ଚରଣ ସେଠୀ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ପରେ ମରାମତି ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା, ହେଲେ ଅତି ନିମ୍ନମାନର କାମ ଯୋଗୁଁ ତାହା ବର୍ଷକରେ ଉଭେଇ ଯାଇଥିଲା। ଗତବର୍ଷ ଅର୍ଥାତ ୨୦୨୫ ଜୁନ୍ ୧୫ରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଥିବା ସୁଚନା ମିଳିଥିଲା। ହେଲେ ଆଜିବି ଡିପିଆର ଓ ଟେଣ୍ଡର ନାଁରେ କାମ ଶୂନ୍ୟବିଷ୍ଣୁ ସେଠୀଙ୍କ ପରେ ତାଙ୍କ ପୁଅ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଇ ଟେଣ୍ଡର ପ୍ରକ୍ରିୟା ଆଗେଇଥିଲେ। ଗତ ୨୦୨୬ ଫେବ୍ରୁଆରି ୧୦ରେ ହସନାବାଦ କଲ୍ୟାଣ ମଣ୍ଡପ ଅଭିଯୋଗ ଶୁଣାଣି ସମୟରେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ପ୍ରଶାସନକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ୪ଟି ବକ୍ସେଲ କଲଭର୍ଟ ସହ ରାସ୍ତା ନିର୍ମାଣ ପାଇଁ ଗତ ମେ ୨୭ରେ ସମୀକ୍ଷା ମଧ କରିଥିଲେ। ତେବେ ପ୍ରଶ୍ନ ଉଠୁଛି, ପ୍ରଶାସନିକ ଶିଥିଳତାରେ ଜନସାଧାରଣଙ୍କୁ ଆଉ କେତେ ଦିନ ହନ୍ତସନ୍ତ ହେବାକୁ ପଡ଼ିବ? କାଗଜପତ୍ରରେ ବିକାଶର ଗଙ୍ଗା ବହୁଥିବା ବେଳେ ବାସ୍ତବରେ ଜନତା କାଦୁଅ-ଖାଲରେ ସନ୍ତୁଳି ହେଉଛନ୍ତି। ସରକାରଙ୍କ ଏଭଳି ପ୍ରତାରଣାପୂର୍ଣ୍ଣ ଆଭିମୁଖ୍ୟକୁ ଅଞ୍ଚଳବାସୀ ତୀବ୍ର ସମାଲୋଚନା କରିବା ସହ ତୁରନ୍ତ ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି। ତେବେ ଦୁଇ ଦିନ ତଳେ ଲଘୁଚାପ ବର୍ଷାରେ ରାସ୍ତା ଅବସ୍ଥା ବେହାଲ ହୋଇଥିବାବେଳେ କିଛି ଗାଡରେ କିଛି ଡଷ୍ଟ ପକାଯାଇଛି।ତେବେ ଆବଶ୍ୟକ କାଗଜ ପତ୍ର ପରେ ଖବୁଶିଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ ହେବବୋଲି ବିଭାଗୀୟ ଅଧିକାରୀଶ୍ରୀନିବାସ ମଲିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ବିଜେପି ହାବସପୁର ଠାରେ ମିଶ୍ରଣ ପର୍ବ ଓ ଆମ୍ବୁଲାନ୍ସ ସେବା ଲୋକାର୍ପିତ



ଜୁନାଗଡ଼(ମହାଭାରତ) କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ଅନ୍ତର୍ଗତ ହାବସପୁର ମଣ୍ଡଳ ଦ୍ୱାରା ହାବସପୁର ଠାରେ ବିଜେପି ର ଏକ ମିଶ୍ରଣ ପର୍ବ ଓ ଆମ୍ବୁଲାନ୍ସ ସେବା ଲୋକାର୍ପିତ ହୋଇ ଯାଇଛି । ମଣ୍ଡଳ ସଭାପତି ଷଷ୍ଠୀ ବେହେରା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ମିଶ୍ରଣ ପର୍ବ ରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେଓ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ବିଜେପି ନେତା ମନୋଜ ମେହେର, ଜିଲ୍ଲା ସଭାପତି ଜୁଗଳ କିଶୋର ପୋଡ଼,ବରିଷ୍ଠ ନେତା ଅଜୟ ପାଣିଗ୍ରାହୀ, ହିମାଂଶୁ ଶେଖର ବରାଡ଼, କାଳିନ୍ଦୀ ପାଣିଗ୍ରାହୀ, ସୁଧାଂଶୁ ବରାଡ଼, ଚନ୍ଦ୍ରହାସ୍ୟ ବିଶ୍ୱାଳ, ଅଂଶୁମାନ ଯୋଶୀ, ନଗର ସଭାପତି କ୍ରାନ୍ତ ପଟ୍ଟନାୟକ, ଶିବରାମ ରାଉତ, ସୁଶୀଳ ପଣ୍ଡା,ଦେବଦ□ ପଣ୍ଡା, ଅନୁସୂଚିତ ଜାତି ମୋର୍ଚ୍ଚ ସଭାପତି ବିଷ୍ଣୁ ନାଏକ, ଅନୁସୂଚିତ ଜାତି ମୋର୍ଚ୍ଚ ଜିଲ୍ଲା ସମ୍ପାଦକ ରଞ୍ଜନ ଜାଲ, ମହିଳା ମୋର୍ଚ୍ଚା ଜିଲ୍ଲା ସଭା ନେତ୍ରୀ କାଞ୍ଚନ ବେମାଲ, କୃଷକ ମୋର୍ଚ୍ଚ ଜିଲ୍ଲା ସମ୍ପାଦିକା ଶୁଚିସ୍ମିତା ବେହେରା, ଜିଲ୍ଲା ବରିଷ୍ଠ ନେତ୍ରୀ କୁନ୍ତଳା ରାଉତ, ହାବସପୁର ମଣ୍ଡଳ ସହ ପ୍ରଭାରୀ ସନାତନ ସୁନାନୀ,ବବ୍ରୁବାହାନ ମୁଣ୍ଡ, ତୋଫାନ ସୁନାନୀ, ବରିଷ୍ଠ ନେତା ନାରାୟଣ ସାହୁ, ଭାଗିରଥି ବେହେରା, ହର ପ୍ରସାଦ ସରାଫ, ଓ ଶିଶୁଦେବ ମୁଣ୍ଡ ମଂଚସୀନ ଥିଲେ । ସ୍ୱାଗତ ଭାଷଣ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସତ୍ୟ ରଞ୍ଜନ ବେହେରା ଦେଇଥିବା ବେଳେ ଦୁଷ୍ମନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଏହି ମିଶ୍ରଣ ପର୍ବ ରେ ଅଂଚଳ ର ୫୦୦ ରୁ ଉର୍ଧ୍ୱ ମହିଳା ପୁରୁଷ ଓ ଯୁବକ ବିଜେପି ର ନିତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ଦଳ ରେ ସାମିଲ ହୋଇଥିଲେ। ମୋଦୀ ସରକାର ର ୧୨ ବର୍ଷ ର ପୂର୍ତ୍ତି ଓ ବିକାଶ, ମୋହନ ମାଝୀ ଙ୍କ ଦୁଇ ବର୍ଷ ର ବିକାଶ ର ବିଭିନ୍ନ ଯୋଜନା ଉପରେ ଆଲୋକପକ୍ଷତ କରି ଥିଲେ। ପରି ଶେଷରେ ହାବସପୁର ଶକ୍ତି କେନ୍ଦ୍ର ପ୍ରମୁଖ ଶ୍ରୀଯୁକ୍ତ ଅକ୍ଷୟ ନାଏକ ଙ୍କ ନିଜ ଅନୁଦାନ ରେ ଗ୍ରାମ ପଂଚାୟତ ର ଜନସାଧାରଣ ଙ୍କ ପାଇଁ ଏକ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଲୋକକ୍ଷପୀର୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଶତାଧିକ ମହିଳା ପୁରୁଷ ଓ ବିଜେପି କର୍ମୀ ଯୋଗଦାନ କରି ସଭା କୁ ସାଫଲ୍ୟ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା



ନାରାୟଣପାଟଣା,:( ମହାଭାରତ ):ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନାରାୟଣପାଟଣା ଠାରେ ୪ର୍ଥ ଶ୍ରେଣୀ କର୍ମଚାରୀ ମଙ୍ଗଳଦାନ କୁଳଦୀପ୍ୟା ଦୀର୍ଘ ୩୧ ବର୍ଷରୁ ଊର୍ଦ୍ଧ୍ୱ ସମୟକାଳ ନିରନ୍ତର ସେବା ପ୍ରଦାନ କଲାପରେ ତା-୩୧.୦୫.୨୦୨୬ ରିଖ ରେ ଚାକିରି ରୁ ଅବସର ଗ୍ରହଣ କରିଛନ୍ତି। ଗ୍ରୀଷ୍ମ ଅବକାଶ ଥିବାରୁ ଅନୁଷ୍ଠାନ ତରଫରୁ ଆଜି ଶ୍ରୀ କୁଳଦୀପ୍ୟା ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ପରିଚାଳନା କମିଟିର ସଦସ୍ୟ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସମାଜ ସେବୀ ଶ୍ରୀ କେ. ନାଗେଶ୍ୱର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ କୃଷ୍ଣ ଚନ୍ଦ୍ର ପାଢୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ନାରାୟଣ ବୈଦ୍ୟ, ଶ୍ରମତୀ ଲକ୍ଷ୍ମୀପ୍ରିୟା ବୈଦ୍ୟ ଏବଂ ପ୍ରଧାନଶିକ୍ଷକ ଶ୍ରୀ ରାଜେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ସୁଧିର କୁମାର ଜେନାଙ୍କ ସମେତ ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଏବଂ ଛାତ୍ର ଛାତ୍ରୀବୃନ୍ଦ ଯୋଗ ଦେଇଥିଲେ।

## ରଥଯାତ୍ରାରେ ସ୍ୱେଚ୍ଛାସେବୀଙ୍କ ଅବଦାନ ଅତୁଳନୀୟ: ଜିଲ୍ଲାପାଳ

ପୁରୀ,:ପୁରୀରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କର ଆଗମନ ହୋଇଥାଏ।ସେମାନଙ୍କ ଶୃଙ୍ଖଳିତ ଦର୍ଶନ ସହ ଖାଦ୍ୟ,ପାନୀୟ, ଚିକିତ୍ସା ଓ ସହାୟତା ପାଇଁ ସ୍ୱେଚ୍ଛାସେବୀ ମାନଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା।ଆଜି ଅପରାହ୍ନରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଚଳିତ ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଓ ଆବଶ୍ୟକତା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ସ୍ୱେଚ୍ଛାସେବୀ ମାନେ ପ୍ରଶାସନର ଏକ ଅଙ୍ଗ ସଦୃଶ୍ୟ। ସେମାନଙ୍କ ସହଯୋଗ ଓ ସହଭାଗିତା ରଥଯାତ୍ରା ଭଳି ଏକ ବିଶାଳ ଜନଗହଳି ପୂର୍ଣ୍ଣ ଯାତ୍ରା ରେ ଅତ୍ୟନ୍ତ ଆବଶ୍ୟକ। ସେମାନେ ବର୍ଷ ପରେ ବର୍ଷ ନିସ୍ୱାର୍ଥପର ଭାବେ ବିଭିନ୍ନ ପ୍ରକାର ସେବା ଯୋଗାଇ ଆସୁଛନ୍ତି।ସେମାନଙ୍କ ନିଷ୍ଠାପର ସେବା ଓ ସହଯୋଗ ପାଇଁ ଶ୍ରଦ୍ଧାଳୁ ମାନେ ଅନେକ ଆନନ୍ଦ ଓ ଶାନ୍ତି ଲାଭ କରିଥାନ୍ତି।ଚଳିତ ବର୍ଷ ସ୍ନାନ ଯାତ୍ରା ରେ ଆଶା ଠାରୁ ଅଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ ମଧ ସାମାନ୍ୟ ତମ ବ୍ୟତିକ୍ରମ ହୋଇ ନ ଥିଲା।ଏହା ମହାପ୍ରଭୁଙ୍କ ଆଶୀର୍ବାଦୟ ଆମ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ସମସ୍ତ କାର୍ଯ୍ୟ କୁ ସହଜ କରି ପାରିବ।ତେଣୁ ଆମେ ସମସ୍ତେ ମିଶି ଶ୍ରଦ୍ଧାଳୁ ମାନଙ୍କୁ ଉପଯୁକ୍ତ ସେବା ଓ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳ ଶ୍ରୀ ପରିଡା ପରାମର୍ଶ ଦେଇଥିଲେ।ଏହି ସମୀକ୍ଷା ରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ରଥଯାତ୍ରା ର ସ୍ୱତନ୍ତ୍ର ଅଧିକାରୀ ଭବତାରଣ ସାହୁ,ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ଡେପୁଟି କଲେକ୍ଟର ବିବେକାନନ୍ଦ ସାହୁ,ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜ କାନ୍ତ ପ୍ରଧାନ, ଓ୍ୱାଟକୋ ଜିଏମ ବିକ୍ରମ ରାଉତ,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

## ଛତ୍ରପୁର ରେଳ ଷ୍ଟେସନରୁ ନାବାଳକ ଚାଲାଣ ବେଳେ ଧରିଲା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ



ଛତ୍ରପୁର,:ନାବାଳକ ଚାଲାଣ ବେଳେ ଧରିଲା ପ୍ରଶାସନ । ଗଞ୍ଜାମ ଜିଲ୍ଲା ଛତ୍ରପୁର ରେଳ ଷ୍ଟେସନରୁ ୪ ଜଣ ନାବାଳକଙ୍କୁ ସୁରଥ ଚାଲାଣ ବେଳେ ଚଢ଼ାଉ କରିଥିଲା ପ୍ରଶାସନ । ଗଞ୍ଜାମ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଛତ୍ରପୁର ଜିଲ୍ଲା ଶ୍ରମ ବିଭାଗ, ଆରପିଏଫ ପୋଲିସ ଓ ଛତ୍ରପୁର ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ୪ ଜଣ ନାବାଳକ ଙ୍କୁ ଧରିଛନ୍ତି । ଛତ୍ରପୁର ଓ ପୁରୁଷୋତ୍ତମପୁର ଅଞ୍ଚଳର ୪ ଜଣଙ୍କୁ ଧରି ଏକ କାର ଯୋଗେ ଛତ୍ରପୁର ରେଳ ଷ୍ଟେସନରେ ପହଞ୍ଚି ସୁରଥ କୁ କାମ କରିବାକୁ ନେଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ଶ୍ରମ ବିଭାଗ ଚଢ଼ାଉ କରାଯାଉଥିବା ଜଣା ପଡିଛି । ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୨ ଜଣଙ୍କୁ ଅଟକ ରଖି ପଚରା ଉଚରା ଜାରି ରଖାଯାଇଛି । ନାବାଳକ ମାନଙ୍କୁ ଶିଶୁ ମଙ୍ଗଳ ସମିତି କୁ ହସ୍ତାନ୍ତର କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ସୂଚନା ଦେଇଛନ୍ତି। ଏହି ଚଢ଼ାଉ ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଛତ୍ରପୁର ଶ୍ରମ କାର୍ଯ୍ୟାଳୟ ର ଏଡ଼ିଏଲଓ ସୋମନାଥ ପାତ୍ର ଏବଂ ଛତ୍ରପୁର ଥାନା ପୋଲିସ କର୍ମଚାରୀ ମନେ ଉପସ୍ଥିତ ଥିଲେ । ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି ।

## ଚୋରି ସାମଗ୍ରୀ ଜବତ: ୨ ଗିରଫ

ବ୍ରହ୍ମପୁର:ଏକ ଚୋରି ମାମଲାର ପର୍ଦ୍ଦାଫାଶ ହୋଇଛି। ବ୍ରହ୍ମପୁର ଜିଆଇପି ଥାନା ମାମଲା ନଂ- ୭୧, ତାରିଖ ୦୧.୦୭.୨୦୨୬, ଧାରା ୩୦୫(ସି)/ ୧୧୨ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ମାମଲା ରୁଜୁ ହୋଇଛି। ଏହି ମାମଲା କେଦାରନାଥ ସବରଙ୍କ ଅଭିଯୋଗ ଆଧାରରେ ରୁଜୁ ହୋଇଥିଲା। ସେ ଭୁବନେଶ୍ୱରରୁ ରାୟଗଡ଼ ଟ୍ରେନରେ ଯାତ୍ରା ସମୟରେ ସୁନା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଥିବା ଭ୍ୟାନିଟି ବ୍ୟାଗ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ତ୍ଦନ୍ତ ସମୟ ତଦନ୍ତକାରୀ ଅଧିକାରୀ ବି. ଏଚ୍. ମଲ୍ଲିକଙ୍କ ନେତୃତ୍ୱରେ ବ୍ରହ୍ମପୁର ଜିଆରପି ଟିମ୍ ଏବଂ ଇନ୍ସପେକ୍ଟର ସିଆଇବି/ଆରପିଏଫ୍, ଖୋର୍ଦ୍ଧା ଓ ଆରପିଏଫ ଇନ୍ସପେକ୍ଟର ବିବେକ କୁମାର ବରହମପୁର ର ସହଯୋଗରେ ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିଲା। ଏନେଇ ତୁରନ୍ତ ଉଭୟ ଟିମ ଖୋର୍ଦ୍ଧା ଯାଇ ସେଠାରେ ତଦନ୍ତ ଚଳାଇ ଜଟଣୀ ସ୍ଥିତ



ଲୋକୋ କଲୋନୀରେ ଚଢ଼ାଉ କରାଯାଇ ମୁଖ୍ୟ ଅଭିଯୁକ୍ତ ସୁରଜ କୁମାର ପ୍ରସାଦଙ୍କୁ ଗିରଫ କରାଯାଇଥିଲା। ଟ୍ରାକ ସୂଚନା ଆଧାରରେ ଅନ୍ୟ ଅଭିଯୁକ୍ତ ସଞ୍ଜୟ କୁମାର ନାୟକଙ୍କୁ ମଧ ଗିରଫ କରାଯାଇଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ପ୍ରାୟ ୬୩.୬୨ ଗ୍ରାମ ଚୋରି ହୋଇଥିବା ସୁନା ଅଳଙ୍କାର ଉଦ୍ଧାର କରାଯାଇ ଜବତ କରାଯାଉଛି। ଯାହାର ମୂଲ୍ୟ ବର୍ତମାନ ୭,୨୮,୨୧୬ ଟଙ୍କା। ତଦନ୍ତରୁ ଜଣାପଡ଼ିଛି ଯେ ସୁରଜ କୁମାର ପ୍ରସାଦ ଏହି ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ, ଯେତେବେଳେ ସଞ୍ଜୟ କୁମାର ନାୟକ ଚୋରି ସମ୍ପତି ଗ୍ରହଣ କରି ତାହାକୁ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ।

## କମଗାଁରେ ୭୭ତମ ବନ ମହୋତ୍ସବ ସପ୍ତାହ

ବରଗଡ,: ପରିବେଶ ସଂରକ୍ଷଣ ନିମନ୍ତେ ବୃକ୍ଷ ରୋପଣର ଆବଶ୍ୟକତାକୁ ଉପଲବଧି କରି ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ବରଗଡ ବନଖଣ୍ଡ ଅଧୀନସ୍ଥ ବରଗଡ଼ ବନାଞ୍ଚଳର କମଗାଁ ସେକ୍ସନ ପକ୍ଷରୁ କମଗାଁରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି।ଏହି ଉପଲକ୍ଷେ ଆୟୋଜିତ ଏକ ପେଡ ମାଁ କେ ନାମ୍ - ୩.୦ ଅଭିଯାନରେ ମୁଖ୍ୟ ଅତିଥି ଭାବରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ,ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବନ ସୁରକ୍ଷା ସମିତିର ସଭାପତି ଟଙ୍କଧର ପ୍ରଧାନ ଯୋଗ ଦେଇ ଚାରା ରୋପଣ କରିଥିବା ବେଳେ କମଗାଁ ସେକ୍ସନର ବନପାଳ କୈଳାଶ ମାଝୀ,ଲାମ୍ପିପାଲି ବନରକ୍ଷୀ ଅମରେଶ ମହାନ୍ତି,ଫରେଷ୍ଟ ସ୍କ୍ୱାର୍ଡ ସୁମନ୍ତ ମିଁଦ୍ଧା,ରାକେଶ ବେହେରା,ବନ୍ୟପ୍ରାଣୀ ବନପାଳ ଏଲ୍ଲ ସୁରେଶ କୁମାର,ଭୁଲିଆଡିହି ବିଟର ବନ୍ୟପ୍ରାଣୀ ବନରକ୍ଷୀ ସୀମାରେଖା ଦାଶ,କମଗାଁ ବିଟର ବନରକ୍ଷୀ ରଶ୍ମିତା ବେହେରା,ଆଣ୍ଟିପୋଚିଂ ସ୍କ୍ୱାର୍ଡ ଓମ୍ ପ୍ରକାଶ ସାହୁ,ବିମଳ ପ୍ରଧାନ,ପଞ୍ଚାନନ ସାହୁ,ପ୍ରୀତମ ଗଡତିଆ,ଅନୀଲ ସୁରିନ,ଦର୍ଶନ ବୁଢ଼ ପ୍ରକୃତି ପ୍ରେମୀ ଗଣେଶ ମହାକୁଡ଼ ସୁରେନ୍ଦ୍ର ପୋଡ଼ଙ୍କ ସମେତ ସ୍ଥାନୀୟ ବନ ସୁରକ୍ଷା ସମିତିର ସଦସ୍ୟ ଏଥିରେ ସକ୍ରିୟ ଅଂଶଗ୍ରହଣ କରି ଗାଁରୁ ନିକଟସ୍ଥ ବାରପାହାଡ ଜଙ୍ଗଲକୁ ଯାଇଥିବା ରାସ୍ତା କଡରେ ସୀମାରୁବା, ଜାମୁ, ଆମ୍ବ ,ରିଠା ଆଦି ଚାରାରୋପଣ କରିଥିଲେ।

## ବାଲ୍ୟ ବିବାହ ବନ୍ଦ କଲା ଜିଲ୍ଲା ପ୍ରଶାସନ



ଗଜପତି(ମହାଭାରତ): ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ଉପରେ ସଚେତନତା ସୃଷ୍ଟି କରାଯାଉଥିଲେ ମଧ ଏବେ ବି ଏହି ବାଲ୍ୟ ବିବାହ ଜାରି ରହିଛି, ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ପୌରପାଳିକା ଅନ୍ତର୍ଗତ ଏକ ୧୭ ବର୍ଷର ନାବାଳିକା ଦଶମ ଶ୍ରେଣୀରେ ପଢୁଅଛି।ତାହାର ବାହାଘର ଉଭୟ ବାପା ଏବଂ ମାଆ ସ୍ଥିର କରିଥିଲେ।ବାପା ଯେହେତୁ ଭିଉକ୍ଷମ ଅଟନ୍ତି ଏବଂ ମାଆ ଜଣେ ଦିନ ମଜୁରିଆ। ତେଣୁ ନିଜ ସମ୍ପର୍କୀୟ ମଧ୍ୟରେ ଝିଅଟିକୁ ବାହା ଦେବୁ ବୋଲି ସ୍ଥିରୀକୃତ କରିଥିଲେ ଏବଂ ବାହାଘର ପୂର୍ବରୁ ନିର୍ବନ୍ଧ କାର୍ଯ୍ୟଟି ମଧ ସମାପନ କରିଥିଲେ। ଇତି ମଧ୍ୟରେ ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ୍ ଟୋଲ୍ ଫ୍ରି ନମ୍ବରକୁ କଲ୍ ଆସିବା ପରେ ଚାଇଲ୍ଡ ହେଲ୍ପ ଲାଇନର ଜ଼ିଲ୍ଲା ସଂଯୋଜିକା, ଚାଇଲ୍ଡ ହେଲ୍ପ ଲାଇନର କେସ ଓ୍ୱାର୍କର, ଆଇ.ସି ଡି. ସ୍ ସୁପରଭାଇଜର, ମହିଳା କର୍ମୀ ଏବଂ ପାରଳାଖେମୁଣ୍ଡି ଥାନା ପୋଲିସଙ୍କ ମିଳିତ ଟିମ ଗଠନ କରି ବାଲ୍ୟ ବିବାହ ହେବାକୁ ଥିବା ଶିଶୁ କନ୍ୟାକୁ ଘରେ ପହଞ୍ଚି ବାଲ୍ୟ ବିବାହଟିକୁ ବନ୍ଦ କରାଗଲା ଏବଂ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇ ଶିଶୁ କଲ୍ୟାଣ ସମିତି ଗଜପତିଙ୍କଠାରେ ଉପସ୍ଥାପନା କରାଗଲା, ଶିଶୁଟିର ଉଜ୍ୱଳ ଭବିଷ୍ୟତ ନିମନ୍ତେ ପରିବାରର ସଦସ୍ୟ ଆଗାମୀ ଦିନରେ ଶିଶୁଟିକୁ ପାଠ ପଢ଼ାଇବେ ।

# ଛଅ ମାସ ହେଲା ଅଧାପନ୍ତରିଆ ସୌର ପାନୀୟ ଜଳ ପ୍ରକଳ୍ପ

ଗଣିଆ, (ମହାଭାରତ): ସରକାର ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଯୋଜନା କରୁଥିବା ବେଳେ, ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ ବୟାନ କରୁଛି। ପ୍ରଶାସନିକ ଉଦାସୀନତା ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଦୀର୍ଘ ଛଅ ମାସ ରୁ ଅଧିକ ସମୟ ହେବ ଦୁଇ ଗୋଟି ସୌର ଚଳିତ ପାନୀୟ ଜଳ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ପାନୀୟ ଜଳ ମୁନ୍ଦେ ପାଇଁ ତହଳବିକଳ ହେଉଛନ୍ତି ସ୍ଥାନୀୟ ବାସିନ୍ଦାୟ ଏଭଳି ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ଛାମୁଣ୍ଡିଆ ଗ୍ରାମର ମଧୁପୁର ସାହିରେ। ମିଳିଥିବା ସୂଚନା ଅନୁଯାୟୀ, ମଧୁପୁର ସାହି ବାସୀଙ୍କ ଜଳକଷ୍ଟ ଦୂର କରିବା ପାଇଁ ଦୀର୍ଘ ଛଅ ମାସ ହେଲା ଏହି ସୌର



ଚଳିତ ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୁର୍ଭାଗ୍ୟର ବିଷୟ, ସମ୍ପୃକ୍ତ ଠିକାଦାର ପ୍ରକଳ୍ପର ଅଧା କାମ ସାରି କେଉଁଆଡ଼େ ଛୁ' ହୋଇଯାଇଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ କାମ ଶେଷ କରିବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଯେ ଆମେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି କରି କରି ଥକିଗଲୁଣି, ହେଲେ ସମସ୍ତେ ନିରବ ଦ୍ରଷ୍ଟା ସାଜିଛନ୍ତି ।

ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇପାରି ନଥିବାରୁ ଏବେ ବି ସାହି ବାସୀ ପାରମ୍ପରିକ ଖୋଲା କୂପ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ବିଶେଷ କରି ମହିଳାମାନେ ପାନୀୟ ଜଳ ଟୋପାଏ ପାଇଁ ମୁଣ୍ଡରେ ମାଠିଆ ଓ ଗରା ମୁଣ୍ଡାଇ ପାହାଡ଼ ଚଢି ନିଜ ଘରକୁ ପାଣି ନେଇ ଯାଉଛନ୍ତି । ଏହା ଦ୍ୱାରା ସେମାନଙ୍କର ଦୈନନ୍ଦିନ ଦୁର୍ଦ୍ଦଶା ଦ୍ୱିଗୁଣିତ ହେବାରେ ଲାଗିଛି।ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଏହାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ଏହି ଅଧାପନ୍ତରିଆ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରି ମଧୁପୁର ସାହି ବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଦୃଢ ଦାବି ହେଉଛି। ଯଦି ଆଗାମୀ ଦିନରେ ଏହାର ସମାଧାନ ନହୁଏ, ତେବେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି ।

## ଏବେ ଭାରତରେ ମିଳିବ ଆୱିକ୍ଲି ଇନସୁଲିନ୍

ନୂଆଦିଲ୍ଲୀ: ମଧୁମେହ ରୋଗୀଙ୍କ ଚିକିତ୍ସାରେ ଏକ ବଡ଼ ସଫଳତା ହାସଲ କରିଛି ଭାରତ। ଡେନମାର୍କର ଔଷଧ କମ୍ପାନି ନୋଭୋ ନର୍ଡିସ୍କ 'ଆୱିକ୍ଲି' ନାମକ ବିଶ୍ୱର ପ୍ରଥମ ଏବଂ ସପ୍ତାହକୁ ଥରେ ଦିଆଯାଉଥିବା ବେସାଲ୍ ଇନସୁଲିନ୍ ଭାରତରେ ଉପଲବ୍ଧ କରାଇଛି। ଏହି ଇନସୁଲିନ୍‌ର ସାଧାରଣ ନାମ 'ଇନସୁଲିନ୍ ଆଇକୋଡେକ୍'। ଏହା ବୟସ୍କ ଟାଇପ୍-୧ ଓ ଟାଇପ୍-୨ ମଧୁମେହ ରୋଗୀଙ୍କ ପାଇଁ ଅନୁମୋଦିତ ହୋଇଛି। ଏପର୍ଯ୍ୟନ୍ତ ଅଧିକାଂଶ ରୋଗୀଙ୍କୁ ପ୍ରତିଦିନ ଥରେ ଇନସୁଲିନ୍ ନେବାକୁ ପଡୁଥିଲା। କିନ୍ତୁ ଆୱିକ୍ଲି ବ୍ୟବହାର କଲେ ପ୍ରତିଦିନ ବଦଳରେ ସପ୍ତାହକୁ ମାତ୍ର ଥରେ ଇଞ୍ଜେକ୍ସନ୍ ନେବାକୁ ହେବ। ଏହାଫଳରେ ବର୍ଷକୁ ୩୬୫ଟି ଇଞ୍ଜେକ୍ସନ୍ ବଦଳରେ କେବଳ ୫୨ଟି ଇଞ୍ଜେକ୍ସନ୍ ଯଥେଷ୍ଟ ହେବ। ଏହା ରୋଗୀଙ୍କ ଚିକିତ୍ସାକୁ ସହଜ କରିବା ସହ ନିୟମିତ ଭାବେ ଇନସୁଲିନ୍ ନେବାରେ ସାହାଯ୍ୟ କରିବ। ନୋଭୋ ନର୍ଡିସ୍କ କହିଛି, ଅନେକ ରୋଗୀ ପ୍ରତିଦିନ ଇଞ୍ଜେକ୍ସନ୍ ନେବାକୁ ଭୟ କରନ୍ତି କିମ୍ବା ଅସୁବିଧା ଅନୁଭବ କରନ୍ତି। ଏହି କାରଣରୁ ସେମାନେ ଇନସୁଲିନ୍ ଚିକିତ୍ସା ଆରମ୍ଭ କରିବାରେ ବିଳମ୍ବ କରନ୍ତି। ସପ୍ତାହକୁ ଥରେ ଇନସୁଲିନ୍ ଦେବା ବ୍ୟବସ୍ଥା ଏହି ସମସ୍ୟାକୁ ବହୁ ପରିମାଣରେ କମାଇପାରିବ। କ୍ଲିନିକାଲ୍ ପରୀକ୍ଷାରେ ଏହି ଔଷଧ ଦୈନିକ ବେସାଲ୍ ଇନସୁଲିନ୍ ଭଳି ପ୍ରଭାବଶାଳୀ ବୋଲି ଜଣାପଡ଼ିଛି। ଏହା ରକ୍ତରେ ଶର୍କରାର ମାତ୍ରାକୁ ଭଲ ଭାବେ ନିୟନ୍ତ୍ରଣ କରିବାରେ ସକ୍ଷମ। ଭାରତରେ ୧୦ କୋଟିରୁ ଅଧିକ ଲୋକ ମଧୁମେହରେ ପୀଡ଼ିତ ଏବଂ ପ୍ରାୟ ୧୩.୬ କୋଟି ଲୋକ ପ୍ରି-ଡାଇବେଟିକ୍ ସ୍ଥିତିରେ ଅଛନ୍ତି। ବର୍ତ୍ତମାନ ପ୍ରାୟ ୬୦ ଲକ୍ଷ ଲୋକ ଇନସୁଲିନ୍ ବ୍ୟବହାର କରୁଥିବାବେଳେ ଆଗାମୀ ସମୟରେ ଏହି ସଂଖ୍ୟା ୯୦ ଲକ୍ଷରେ ପହଞ୍ଚିପାରେ ବୋଲି ଆକଳନ କରାଯାଇଛି। ଏଭଳି ସ୍ଥିତିରେ ଆୱିକ୍ଲି ମଧୁମେହ ପରିଚାଳନାରେ ଏକ ନୂଆ ବିକଳ୍ପ ହୋଇପାରେ। ଭାରତରେ ଆୱିକ୍ଲି ଦୁଇଟି ଫ୍ଲେକ୍ସଟଚ୍ ପେନ୍ ବିକଳ୍ପରେ ଉପଲବ୍ଧ ହୋଇଛି। ୧ ମିଲିଲିଟର (୭୦୦ ୟୁନିଟ୍) ପେନ୍‌ର ଦାମ ୨,୬୧୧ ଟଙ୍କା ଏବଂ ୩ ମିଲିଲିଟର (୨,୧୦୦ ୟୁନିଟ୍) ପେନ୍‌ର ଦାମ ୭,୮୩୩ ଟଙ୍କା ରଖାଯାଇଛି। ଉଭୟ କ୍ଷେତ୍ରରେ ୟୁନିଟ୍ ପିଛା ଦାମ୍ ୩ଟଙ୍କା ୭୩ ପଇସା ହେବ, ଯାହା ବର୍ତ୍ତମାନ ଉପଲବ୍ଧ ଦୈନିକ ଇନସୁଲିନ୍ ୟୁନିଟ୍ ମୂଲ୍ୟଠାରୁ ପ୍ରାୟ ୩୦-୪୦ ପ୍ରତିଶତ ଶସ୍ତା ବୋଲି ଔଷଧ ନିର୍ମାତା କହିଛନ୍ତି। ଅନେକ ରୋଗୀ, ମଧୁମେହ ପରିଚାଳନା ପାଇଁ ଇନସୁଲିନ୍ ଥେରାପି ଆରମ୍ଭ କରିବା ସମୟରେ, ଦୈନିକ ପ୍ରାୟ ୧୦ ୟୁନିଟ୍ ପର୍ଯ୍ୟନ୍ତ ଆବଶ୍ୟକ କରନ୍ତି - ଏହିପରି ରୋଗୀଙ୍କୁ ସାପ୍ତାହିକ ୭୦ ୟୁନିଟ୍ ଇନସୁଲିନ୍ ଆବଶ୍ୟକ ହୁଏ, ଯାହାର ମୂଲ୍ୟ ସପ୍ତାହକୁ ପ୍ରାୟ ୨୬୧ ଟଙ୍କା। ଭାରତରେ ଏହି ଔଷଧର ଶୁଭାରମ୍ଭକୁ ମଧୁମେହ ଚିକିତ୍ସା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଭାବେ ଦେଖାଯାଉଛି।

## ଏକନାଥ ସିନ୍ଦେଙ୍କ ସହିତ ଶରଦ ପାୱାରଙ୍କ ସାକ୍ଷାତକୁ ନେଇ ରାଜନୀତି ତୀବ୍ର

ମୁମ୍ବାଇ: ମହାରାଷ୍ଟ୍ର ରାଜନୀତି ପୁଣି ଚଳଚଞ୍ଚଳ ହୋଇଉଠିଛି। ଏନ୍‌ସିପି (ଏସ୍‌ପି) ମୁଖ୍ୟ ଶରଦ ପାୱାର ଓ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ବୈଠକକୁ ନେଇ ରାଜନୀତି ତୀବ୍ର ହୋଇଛି। ବିରୋଧୀ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ଭିତରେ ବଢୁଥିବା ଅନିଶ୍ଚିତତା ମଧ୍ୟରେ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଏହାକୁ ଏକ ନିୟମିତ ସୌଜନ୍ୟ ସାକ୍ଷାତ ଅପେକ୍ଷା ବହୁ ଅଧିକ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ଧରି ଲାଗି ରହିଥିବା ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ ଉପରେ ଉଚ୍ଚ-କ୍ଷମତାସମ୍ପନ୍ନ କମିଟିର ବୈଠକରେ ଯୋଗଦେବା ପାଇଁ ବୁଧବାର ପାୱାର ରାଜ୍ୟ ବିଧାନସଭା ଯାଇଥିଲେ। ବୈଠକ ଶେଷ ହେବା ପରେ, ଏନସିପି (ଏସ୍‌ପି) ମୁଖ୍ୟ ସିଧା ସିନ୍ଦେଙ୍କ ଚାମ୍ବରକୁ ଯାଇଥିଲେ, ତାଙ୍କ ସହିତ ଦଳର ବରିଷ୍ଠ ନେତା ଜୟନ୍ତ ପାଟିଲ, ଜିତେନ୍ଦ୍ର ଆହ୍ୱାଦ ଓ ଶଶିକାନ୍ତ ସିନ୍ଦେ ମଧ୍ୟ ଥିଲେ। ସେହି ସମୟରେ ଏକନାଥ ସିନ୍ଦେ ଏକ କ୍ୟାବିନେଟ ବୈଠକର ଅଧ୍ୟକ୍ଷତା କରୁଥିଲେ। ଉପମୁଖ୍ୟମନ୍ତ୍ରୀ ସିନ୍ଦେ ବୈଠକ ଅଧାରୁ ବନ୍ଦ କରି ପାୱାରଙ୍କୁ ଭେଟିଥିଲେ। ଉଭୟ ନେତା ୧୫ ମିନିଟ ଧରି ଆଲୋଚନା କରିଥିଲେ। ସିନ୍ଦେଙ୍କ କାର୍ଯ୍ୟାଳୟ ଏହାକୁ ସୌଜନ୍ୟମୂଳକ ସାକ୍ଷାତକାର ବୋଲି କହିଥିଲେ। ତେବେ ପାୱାରଙ୍କ ଏହି ସାକ୍ଷାତକୁ ନେଇ ମହାରାଷ୍ଟ୍ରରେ ରାଜନୀତି ତୀବ୍ର ହୋଇଛି। ଏମ୍‌ଭିଏର ସହଯୋଗୀ ଦଳ ଶିବସେନା (ୟୁବିଟି) ଗୁରୁବାର ଏହାକୁ ନେଇ ଆପତ୍ତି ପ୍ରକାଶ କରିଛି। ଶିବସେନା ସାଂସଦ ସଞ୍ଜୟ ରାଉତ କହିଛନ୍ତି, ଶରଦ ପାୱାରଙ୍କ ବିଚାରଧାରା ଉପରେ ଆମର କୌଣସି ସନ୍ଦେହ ନାହିଁ କିନ୍ତୁ ସିନ୍ଦେଙ୍କ କାର୍ଯ୍ୟାଳୟକୁ ଯାଇ ଶରଦ ପାୱାର ବିଶ୍ୱାସଘାତକମାନଙ୍କୁ ସମ୍ମାନ ଓ ପ୍ରତିଷ୍ଠା ଦେଇଥିଲେ। ଏଥିରେ ଆମେ ଆଘାତ ପାଇଛୁ। ସୂଚନାଯୋଗ୍ୟ, ସିନ୍ଦେଙ୍କ ନେତୃତ୍ୱରେ ଶିବସେନାରେ ଫାଟ ହୋଇଥିଲା ଓ ନିକଟରେ ଶିବସେନା (ୟୁବିଟି) ର ୬ ଜଣ ଦଳ ଛାଡ଼ି ସାଂସଦ ସିନ୍ଦେଙ୍କ ଦଳରେ ଯୋଗ ଦେଇଥିଲେ।

## ସୁନା ପ୍ରେମୀଙ୍କ ପାଇଁ ଖୁସି ଖବର,ଯୁଦ୍ଧ ଭିତରେ କମିଲା ଦର

ନୂଆଦିଲ୍ଲୀ: ସାରା ବିଶ୍ୱ ଏବେ ଏକ ଜଳୁଥିବା ଆଗ୍ନେୟଗିରି ଉପରେ ଛିଡ଼ା ହୋଇଛି । ଯେତେବେଳେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶର ମଙ୍ଗୁଆଳ ଏକ ବଡ଼ ନିଷ୍ପତ୍ତି ନିଅନ୍ତି, ତାର ପ୍ରତିଧ୍ୱନି କେବଳ ରାଜନୀତିରେ ନୁହେଁ, ବରଂ ସାଧାରଣ ମଣିଷର ରୋଷେଇ ଘରୁ ନେଇ ସୁନା ଦୋକାନ ପର୍ଯ୍ୟନ୍ତ ଶୁଭିଥାଏ । ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ଇରାନ ସହ ଶାନ୍ତି ଚୁକ୍ତି ରଦ୍ଦ କରିବା ଘୋଷଣା ମଧ୍ୟ-ପ୍ରାଚ୍ୟରେ ଯୁଦ୍ଧର କଳା ବାଦଲ ଘେରାଇ ଦେଇଛି । କିନ୍ତୁ ଏହି ଅସ୍ଥିରତା ମଧ୍ୟରେ ବଜାର ଯେଉଁ ଆଭିମୁଖ୍ୟ ଦେଖାଇଛି, ତାହା ଅର୍ଥନୀତିଜ୍ଞଙ୍କୁ ମଧ୍ୟ ଚକିତ କରିଦେଇଛି । ଇତିହାସ କୁହେ, ଯୁଦ୍ଧ କିମ୍ବା ଅଶାନ୍ତି ସମୟରେ ନିବେଶକମାନେ ସୁନାକୁ ସବୁଠାରୁ ନିରାପଦ ମନେକରି ସେଥିରେ ପୁଞ୍ଜି ଲଗାନ୍ତି, ଯାହାଦ୍ୱାରା ସୁନା ଦର ବଢ଼ିଥାଏ । କିନ୍ତୁ ଜୁଲାଇ ୯ ତାରିଖର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଅନ୍ତର୍ଜାତୀୟ ବଜାର 'କୋମେକ୍ସ'ରେ ସୁନା ଦର ପ୍ରାୟ ୦.୩୭% ହ୍ରାସ ପାଇ ୪,୦୬୭ ଡଲାରରେ ପହଞ୍ଚିଛି । ଭାରତୀୟ ବଜାରରେ ମଧ୍ୟ ସୁନା ୧୦ ଗ୍ରାମ ପିଛା ୧.୪୩ ରୁ ୧.୪୪ ଲକ୍ଷ ଟଙ୍କା ମଧ୍ୟରେ ରହି ନିବେଶକଙ୍କୁ ଆଶ୍ଚର୍ଯ୍ୟ କରିଛି । ସେହିପରି ରୁପା ଦର ମଧ୍ୟ କିଲୋ ପ୍ରତି ୨.୨୩ ଲକ୍ଷ ଟଙ୍କାକୁ ଖସି ଆସିଛି । ଏହି ରହସ୍ୟ ପଛରେ ରହିଛି ଆମେରିକାର 'ଫେଡେରାଲ ରିଜର୍ଭ' ବା କେନ୍ଦ୍ରୀୟ ବ୍ୟାଙ୍କର କଠୋର ଆଭିମୁଖ୍ୟ । ନିକଟରେ ଅନୁଷ୍ଠିତ ଋଙ୍ଗଡ଼ ବୈଠକରେ ଏହା ସ୍ପଷ୍ଟ ହୋଇଛି ଯେ, ମୁଦ୍ରାସ୍ଫୀତି ଏବେ ବି ନିୟନ୍ତ୍ରଣ ବାହାରେ ଅଛି । ତେଣୁ ସୁଧ ହାର କମିବାର କୌଣସି ସମ୍ଭାବନା ନାହିଁ। ଯେତେବେଳେ ସୁଧ ହାର ଅଧିକ ରହେ, ନିବେଶକମାନେ ସୁନା ଅପେକ୍ଷା ଡଲାର ଏବଂ ବଣ୍ଡ ମାର୍କେଟରେ ଅଧିକ ଲାଭ ଦେଖନ୍ତି। ଏହାହିଁ କାରଣ ଯେଉଁଥିପାଇଁ ମଧ୍ୟ-ପ୍ରାଚ୍ୟରେ ଯୁଦ୍ଧ ଭୟ ଥାଇ ମଧ୍ୟ ସୁନାର ଚମକ କମିବାରେ ଲାଗିଛି । ସୁନା ଶସ୍ତା ହେବା ଖୁସି ଖବର ହୋଇଥିବା ବେଳେ, ଅଶୋଧିତ ତୈଳ ବଜାରରୁ ଆସୁଥିବା ଖବର ଚିନ୍ତାଜନକ । ଇରାନ ଓ ଆମେରିକା ମଧ୍ୟରେ ତିକ୍ତତା ବଢ଼ିବା ମାତ୍ରେ ତୈଳ ଦର ୫% ବୃଦ୍ଧି ପାଇ ବ୍ୟାରେଲ ପିଛା ୭୮ ଡଲାର ଅତିକ୍ରମ କରିଛି। ଏହାର ସିଧାସଳଖ ପ୍ରଭାବ ପରିବହନ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପଡ଼ିବ, ଯାହା ସାଧାରଣ ଜନତାଙ୍କ ପକେଟ୍ ଉପରେ ଭାରି ପଡ଼ିବ ।

# ରୁଷର ତୈଳ ଡିପୋ, ଟ୍ୟାଙ୍କର ଉପରେ ଡ୍ରୋନ୍ ଆକ୍ରମଣ କଲା ୟୁକ୍ରେନ



କିଭ୍: ୟୁକ୍ରେନ ପକ୍ଷରୁ ରୁଷର ଇନ୍ଧନ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରହିଛି। ୟୁକ୍ରେନର ଡ୍ରୋନ୍ ରୁଷର ତୈଳ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବା ସହ ଆଜୋଭ ସାଗରରେ ଦୁଇଟି ତୈଳ ଟ୍ୟାଙ୍କରକୁ ଟାର୍ଗେଟ କରିଛି। ତେ?ଳ ଟ୍ୟାଙ୍କରଗୁଡ଼ିକରେ ନିଆଁ ଲାଗି ଯାଇଛି। ରୁଷ ଏବଂ ୟୁକ୍ରେନ ମଧ୍ୟରେ ରାତିସାରା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରହିଛି। ପଶ୍ଚିମ ରୁଷ ସହର ଟଭରରେ ଏକ ତୈଳ ଡିପୋରେ ଗୁରୁବାର ସକାଳେ ଏକ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ଯୋଗୁଁ ନିଆଁ ଲାଗିଯାଇଛି ବୋଲି କାର୍ଯ୍ୟକାରୀ ଆଞ୍ଚଳିକ ରାଜ୍ୟପାଳ ଭିଟାଲି କୋରୋଲିଓଭ କହିଛନ୍ତି।

ବୁଧବାର ଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ୟୁକ୍ରେନକୁ ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ ପାଇଁ ଲାଇସେନ୍ସ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଏହି ଆକ୍ରମଣ ହୋଇଛି। ତୁର୍କିରେ ନାଟୋ ଶିଖର ସମ୍ମିଳନୀ ଅବସରରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ଏକ ବୈଠକ ସମୟରେ ସେ ଏହି ଘୋଷଣା କରିଥିଲେ। ୟୁକ୍ରେନ ପକ୍ଷରୁ ତୈଳ ବିଶୋଧନାଗାର ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଉପରେ ଆକ୍ରମଣ ଯୋଗୁଁ ରୁଷରେ ଇନ୍ଧନ ସଙ୍କଟ ସୃଷ୍ଟି ହୋଇଛି। ବିଭିନ୍ନ ଅଞ୍ଚଳରେ ପେଟ୍ରୋଲ ଅଭାବ ଏବଂ ଇନ୍ଧନ ଅଭାବ ଥିବା ରିପୋର୍ଟ ହୋଇଛି। ଲୋକେ ଟାଙ୍କି ପୂରଣ କରିବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିଛନ୍ତି। ଦକ୍ଷିଣ ଷ୍ଟାଭ୍ରୋପୋଲ ଅଞ୍ଚଳରେ, ରାଜ୍ୟପାଳ ଭ୍ଲାଦିମିର ଭ୍ଲାଦିମିରଭ କହିଛନ୍ତି ଯେ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମରରେ ଭୟାଜନିକିରେ ଏକ ତୈଳ ଭଣ୍ଡାର ପୋଡ଼ି ଯାଇଛି। ସେ କହିଛନ୍ତି ଯେ ନିଆଁ ବ୍ୟାପିବା ପରେ କର୍ତ୍ତୃପକ୍ଷ ଏହା ଆଖପାଖରେ ଥିବା ଅନେକ ଆପାର୍ଟମେଣ୍ଟର ବାସିନ୍ଦାଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ରୋସ୍ତଭ ରାଜ୍ୟପାଳ ୟୁରି ସ୍ଲୁସାରଙ୍କ ଅନୁଯାୟୀ, ଆଜୋଭ ସାଗରରେ ୟୁକ୍ରେନୀୟ ଡ୍ରୋନ୍ ଦୁଇଟି ତେଲ ଟ୍ୟାଙ୍କରରେ ନିଆଁ ଲଗାଇ ଦେଇଛି। ଗୋଟିଏ ଜାହାଜ ଏବେ ବି ଜଳୁଛି ଏବଂ କର୍ମଚାରୀମାନଙ୍କୁ ଖାଲି କରାଯାଇଛି। ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ଆମର ବାୟୁ ପ୍ରତିରକ୍ଷା ବୁଧବାର ବିଳମ୍ବିତ ରାତି ଠାରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ୭୩ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଖସାଇ ଦେଇଛି। ୟୁକ୍ରେନର ବାୟୁସେନା କହିଛି ଯେ, ରୁଷ ରାତିସାରା ୟୁକ୍ରେନ ଉପରେ ୯୪ଟି ଦୂରଗାମୀ ଷ୍ଟ୍ରାଇକ୍ ଡ୍ରୋନ୍ ଏବଂ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ୭୨ଟି ଡ୍ରୋନ୍‌କୁ ଅଟକା ଯାଇଛି। ତେବେ ବ୯ଟି ଡ୍ରୋନ ଏବଂ ଉଭୟ କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରି ୧୩ଟି ସ୍ଥାନକୁ କ୍ଷତି ପହଞ୍ଚାଇଛି।

# ରାସ୍ତା ପାଲଟିଲା ନଦୀ, ଘର ଭୁଶୁଡ଼ି ୩ ମୃତ



ନୂଆଦିଲ୍ଲୀ: ରାତି ତମାମ ବର୍ଷା ଯୋଗୁ ଦିଲ୍ଲୀ ସହର ଅଚଳ ହୋଇଯାଇଛି। ସହରର ଏକ ବଡ଼ ଅଂଶ ଜଳମଗ୍ନ ହୋଇଯାଇଛି। ରାସ୍ତାରେ ଏଭଳି ଭାବେ ପାଣିର ଶୁଅ ଛୁଟୁଛି ଯେ ଏହା ନଦୀର ଭ୍ରମ ସୃଷ୍ଟି କରିଛି। ସହରର ଡ୍ରେନେଜ୍ ପଦ୍ଧତି ବର୍ଷାଜଳରେ ବୁଡ଼ି ଯାଇଛି। ପ୍ରବଳ ବର୍ଷା ଯୋଗୁ ରୋହିଣୀରେ ଏକ ଅଭାବନୀୟ ଘଟଣା ଘଟିଛି। ୪ ମହଲା କୋଠା ଭୁଶୁଡ଼ି ଏଠାରେ ୩ ଜଣଙ୍କର ମୃତ୍ୟୁ ହୋଇଯାଇଛି।

ଦିଲ୍ଲୀ ସହରର ସଦର ବଜାର, ଗ୍ରେଟର କୈଲାସ, ବଦରପୁର, ନସିରପୁର, ତେଲିୱାଡ଼ା, ମହାବୀର ବଜାର, ସ୍ୱରୂପ ନଗର, କୁଶକ ରୋଡ୍, ମୁନିର୍କା , ଦ୍ୱାରକା, ବିକାଶ ମାର୍ଗ, ପୂର୍ବ ଦିଲ୍ଲୀ ଏବଂ ନୂଆ ଦିଲ୍ଲୀ ରେଳ ଷ୍ଟେସନ୍ ଅଞ୍ଚଳ ସମେତ ଅନେକ ଅଂଶରେ ଜଳବନ୍ଦୀ ସମସ୍ୟା ଉପୁଜିଛି। ଲଗାଣ ବର୍ଷା ଯୋଗୁ ମାଟି ଦୁର୍ବଳ ହୋଇ ଦିଲ୍ଲୀର ଅନେକ ସ୍ଥାନରେ ଗଛ ମଧ୍ୟ ଉପୁଡ଼ି ପଡ଼ିଛି। ଏଥି ଯୋଗୁ ରାସ୍ତା ବନ୍ଦ ରହି ଟ୍ରାଫିକ ସମସ୍ୟା ଉପୁଜିଛି।

ଦିଲ୍ଲୀ ଏନ୍‌ସିଆର ସମେତ ପଡ଼ୋଶୀ ଗୁରୁଗ୍ରାମ, ଉତ୍ତରପ୍ରଦେଶର ନଏଡ଼ା , ଗାଜିଆବାଦର ବିଭିନ୍ନ ଅଂଶରେ ମଧ୍ୟ ରାତି ତମାମ ବର୍ଷା ଯୋଗୁ ଅତି ସାଂଘାତିକ ଜଳବନ୍ଦୀ ସମସ୍ୟା ଉପୁଜିଛି। ଦିଲ୍ଲୀର ସମସ୍ତ ଅଂଶ ପାଇଁ ଭାରତୀୟ ପାଣିପାଗ ବିଭାଗ ରେଡ ଆଲର୍ଟ ଜାରି କରିଛି। ଆଗକୁ ପ୍ରବଳ ବର୍ଷା ହେବ ବୋଲି ଆଇଏମ୍‌ଡି ସତର୍କ ସୂଚନା ଜାରି କରିଛି। ଅନ୍ୟପକ୍ଷେ ଗାଜିଆବାଦ, ନଏଡ଼ା, ମିରଟ ଏବଂ ଗୁରୁଗ୍ରାମ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଆସନ୍ତା ୧୨ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ନଏଡ଼ା, ଗାଜିଆବାଦ, ଉତ୍ତର ଏବଂ ପୂର୍ବ ଦିଲ୍ଲୀ ପାଖାପାଖି ୨୦୦ ମିମି ବର୍ଷା ଜଳ ଗ୍ରହଣ କରିବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷେ କେନ୍ଦ୍ରୀୟ, ପଶ୍ଚିମ, ଏବଂ ଦକ୍ଷିଣ ଦିଲ୍ଲୀ ସହ ଫରିଦାବାଦ ମଧ୍ୟ ୧୦୦ରୁ ୧୫୦ ମିମି ବର୍ଷାଜଳ ଗ୍ରହଣ କରିପାରେ। ପ୍ରବଳ ବର୍ଷା ଯୋଗୁ ଆଜି ନରସିଂହପୁର, ବସାଇ, ଉମଙ୍ଗ, ଭରଦ୍ୱାଜ ଛକ, କଦିପୁର, ସେକ୍ଟର ୧୦ଏ ଏବଂ ସୋହନା ରୋଡ୍‌ରେ ବ୍ୟାପକ ଟ୍ରାଫିକ୍ ଜାମ୍ ସମସ୍ୟା ଉପୁଜିଛି।

## ରକ୍ତରେ ଭିଜିଲା ବିବାହ ମଣ୍ଡପ, ୨ ଜଣଙ୍କ ମୃତ୍ୟୁ

ତିରୁପତି: ଆନ୍ଧ୍ର ପ୍ରଦେଶର ତିରୁପତିସ୍ଥିତ ଏକ ବିବାହ ମଣ୍ଡପରେ ରକ୍ତପାତ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏକ ବିବାହ ଉତ୍ସବବେଳେ ବୁଧବାର ରାତିରେ ଲକ୍ଷ୍ମୀପୁରମ ସର୍କଲ ନିକଟସ୍ଥ ଶ୍ରୀ ପଦ୍ମାବତୀ କଲ୍ୟାଣ ମଣ୍ଡପମ ବାହାରେ ଦୁଇ ଜଣଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ମୃତକମାନେ ହେଉଛନ୍ତି ୫୦ ବର୍ଷୀୟ ମୁନିରଥନମ୍ ଓ ୪୨ ବର୍ଷୀୟ ମଣିକଣ୍ଠ। ତିରୁମାଲା ତିରୁପତି ଦେବସ୍ଥାନମ ଦ୍ୱାରା ପରିଚାଳିତ ପଦ୍ମାବତୀ କଲ୍ୟାଣ ମଣ୍ଡପମ୍ ବାହାରେ ବିବାହ ଉତ୍ସବ ଚାଲିଥିବା ସମୟରେ ସେମାନଙ୍କୁ ଛୁରିରେ ଆକ୍ରମଣ କରାଯାଇଥିଲା। ମୁନିରଥନମ୍ ?ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁରୁତର ଆହତ ମଣିକଣ୍ଠଙ୍କୁ ସରକାରୀ ହସ୍ପିଟାଲକୁ ନିଆଯିବା ସମୟରେ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ବିବାହ କାର୍ଯ୍ୟକ୍ରମ ସ୍ଥଳରେ ଆତଙ୍କ ଖେଳି ଯାଇଥିଲା। ପୁଲିସ ସୂତ୍ର ଅନୁଯାୟୀ, ସମ୍ପୂର୍ଣ୍ଣମ୍ମା ନାମକ ଜଣେ ମହିଳାଙ୍କ ଝିଅ ସୁନିଲ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ସୁନିଲ ଗତ କିଛି ମାସ ଧରି ତାଙ୍କ ଝିଅଠାରୁ ଅଲଗା ରହୁଥିଲେ। ସୁନୀଲ ସେହି ସ୍ଥାନରେ ଏକ ବିବାହ ଉତ୍ସବରେ ଯୋଗ ଦେବେ ବୋଲି ସମ୍ପୂର୍ଣ୍ଣମ୍ମା ଜାଣିବା ପରେ ମୁନିରଥନମ୍ ? ଓ ମନିକଣ୍ଠଙ୍କୁ ଜଣାଇଥି ?ଲେ। ପରେ ସୁନିଲଙ୍କ ସହିତ ସେମାନଙ୍କର ବଚସା ହୋଇଥିଲା। ସୁନିଲ ଓ ତା'ର ସମ୍ପର୍କୀୟମାନେ ମୁନିରଥନମ୍ ? ଓ ମଣିକଣ୍ଠଙ୍କୁ ଛୁରିରେ ଆକ୍ରମଣ କରି ସେଠାରୁ ଫେରାର୍ ? ହୋଇଯାଇଥିଲେ। ତେବେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପୁଲିସ କହିଛି ଯେ, ଅଭିଯୁକ୍ତମାନେ ତିରୁପତି ଛାଡିବା ପୂର୍ବରୁ ସେମାନଙ୍କୁ ଅଟକାଇ ହେପାଜତକୁ ନିଆଯାଇଥିଲା। ଡବଲ୍ ମର୍ଡର ସମ୍ପର୍କରେ ସେମାନଙ୍କୁ ପଚରାଉଚରା କରାଯାଉଛି।

# ରାମ ମନ୍ଦିର ଦାନ ଚୋରି ମାମଲା, ଏବେ ଚମ୍ପତ ରାୟ, ଅନିଲ ମିଶ୍ରା ଓ ଗୋପାଳ ରାଓଙ୍କ ଗଲା ପାୱାର

ନୂଆଦିଲ୍ଲୀ: ଅଯୋଧ୍ୟା ରାମମନ୍ଦିର ଦାନ ଚୋରି ମାମଲାରେ ଲଗାତାର ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ପୁଲିସ, ଏସଆଇଟି ଏବଂ ଉତ୍ତରପ୍ରଦେଶ ସରକାର ଏହି ମାମଲାରେ କଡ଼ା ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ଦାନ ଚୋରି ଘଟଣାରେ ଆଉ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ହୋଇଛି। ରାମମନ୍ଦିର ଟ୍ରଷ୍ଟରୁ ନିଷ୍କାସିତ ଚମ୍ପତ ରାୟ, ଡାକ୍ତର ଅନିଲ ମିଶ୍ର ଏବଂ ଗୋପାଳ ରାଓଙ୍କ କ୍ଷମତା କାଢ଼ି ନିଆଯାଇଛି। ସେମାନଙ୍କୁ ଦିଆଯାଇଥିବା ବିଶେଷ ପରିଚୟପତ୍ର ବାତିଲ କରାଯାଇଛି। ଫଳରେ ସେମାନେ ଆଉ ରାମମନ୍ଦିରରେ ଭିଆଇପି ଏବଂ ସୁଗମ ଦର୍ଶନ ପାଇଁ ପାସ୍ ଜାରି କରିପାରିବେ ନାହିଁ। ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ତଦନ୍ତ କରୁଛି ଏବଂ ଏହି ତଦନ୍ତରେ ଅନେକ ବଡ଼ ଖୁଲାସା ସାମ୍ନାକୁ ଆସୁଛି। ଏହି ମଧ୍ୟରେ, ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଏକ ବଡ଼ ପ୍ରଶାସନିକ ନିଷ୍ପତ୍ତି ନେଇଛି। ଟ୍ରଷ୍ଟରୁ ନିଷ୍କାସିତ ପୂର୍ବତନ ମହାସଚିବ ଚମ୍ପତ ରାୟ, ପୂର୍ବତନ ସଦସ୍ୟ ଡାକ୍ତର ଅନିଲ ମିଶ୍ର ଏବଂ ବିଶେଷ ଆମନ୍ତ୍ରିତ ସଦସ୍ୟ ଗୋପାଳ ରାଓଙ୍କ ଭିଆଇପି ଏବଂ ସୁଗମ ଦର୍ଶନ ପାସ୍ ଜାରି କରିବାର କ୍ଷମତାକୁ ରଦ୍ଦ କରାଯାଇଛି। ମେ' ମାସର ଶେଷ ସପ୍ତାହରେ ରାମମନ୍ଦିର ଟ୍ରଷ୍ଟର ପଦାଧିକାରୀମାନେ ବ୍ୟାଙ୍କରେ ଜମା ହେଉଥିବା ଦାନ ରାଶିର ହିସାବ ଯାଞ୍ଚ କରିଥିଲେ। ସେହିସହିତ ପ୍ରତିଦିନ ଦାନ ପେଟି ଖାଲି କରିବା ପ୍ରକ୍ରିୟାକୁ ମଧ୍ୟ ଖତିଆନ କରିଥିଲେ। ଏହି ସମୟରେ ଦାନ ଟଙ୍କା ଚୋରି ହେଉଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ବାସ୍ତବରେ, ଗୋଟିଏ ଦାନ ପେଟିରେ ଏକଥରରେ ପ୍ରାୟ ୬ରୁ ୭ ଲକ୍ଷ ଟଙ୍କା ଜମା ହେଉଥିଲା। କିନ୍ତୁ କିଛି ସପ୍ତାହ ପରେ ୫୦୦ ଟଙ୍କିଆ ନୋଟର ବଣ୍ଡିଲରେ ଟଙ୍କା କମ୍ ଥିବା ଦେଖାଯାଇଥିଲା। ସନ୍ଦେହ ଗଭୀର ହେବା ପରେ ଟ୍ରଷ୍ଟ ପକ୍ଷରୁ ନୋଟ ଗଣନା କକ୍ଷରେ କିଛି ଗୁପ୍ତ କ୍ୟାମେରା ଲଗାଯାଇଥିଲା। ଏକ ସପ୍ତାହର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ବଡ଼ ଖୁଲାସା ହୋଇଥିଲା। ଫୁଟେଜ୍‌ରେ ଦେଖାଯାଇଥିଲା ଯେ, ନୋଟ ଗଣନାରେ ନିୟୋଜିତ ଜଣେ କର୍ମଚାରୀ ଜାଣିଶୁଣି ସିସିଟିଭି କ୍ୟାମେରା ସାମ୍ନାରେ ଠିଆ ହେଉଥିଲେ, ଯାହାଦ୍ୱାରା ଅନ୍ୟ ଜଣେ ସହଯୋଗୀ ନୋଟର ବଣ୍ଡିଲ୍‌ରୁ ଟଙ୍କା କାଢ଼ି ନିଜ ପୋଷାକ ଭିତରେ ଲୁଚାଇ ପାରୁଥିଲେ। କିନ୍ତୁ ଗୁପ୍ତ କ୍ୟାମେରାରେ ସେମାନଙ୍କ ଏହି ଚୋରିର ସମ୍ପୂର୍ଣ୍ଣ ଦୃଶ୍ୟ କଏଦ ହୋଇଯାଇଥିଲା। ଏହି ମାମଲାରେ ଏପର୍ଯ୍ୟନ୍ତ ଅବିନାଶ ଶୁକ୍ଲା, ଲବକୁଶ ମିଶ୍ର, ଅନୁକଳ୍ପ ମିଶ୍ର, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରାମାଶଙ୍କର ମିଶ୍ର, ରାମ ଶଙ୍କର ଯାଦବ ଓରଫ୍ ଟିନ୍ନୁ ଯାଦବ ଏବଂ ସୁଭାଷ ଶ୍ରୀବାସ୍ତବଙ୍କୁ ପୁଲିସ ଗିରଫ କରିଛି। ଘଟଣାର ତଦନ୍ତ ଏବଂ ଅଭିଯୁକ୍ତମାନଙ୍କୁ ଜେରା ଜାରି ରହିଛି। ଗିରଫ ଅଭିଯୁକ୍ତମାନଙ୍କ ମୋବାଇଲ୍ ଫୋନରୁ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ରହସ୍ୟ ଓ ତଥ୍ୟ ସାମ୍ନାକୁ ଆସିଥିବା ଜଣାପଡ଼ିଛି।

# ଇରାନ-ଆମେରିକା ମୁହାଁମୁହିଁ , ପୁଣି ବଢ଼ିବ ତେଲ ଦର ! ଭାରତରେ ଶସ୍ତା ହେବନି ପେଟ୍ରୋଲ-ଡିଜେଲ



ନୂଆଦିଲ୍ଲୀ: ମାତ୍ର ୭୨ ଘଣ୍ଟା ତଳର କଥା । ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଉଥିବାର ଦେଖି ସାଧାରଣ ଭାରତୀୟଟିଏ ଆଶା ବାନ୍ଧିଥିଲା ଯେ, ବୋଧହୁଏ ଏଥର ପେଟ୍ରୋଲ ଓ ଡିଜେଲ ଦର କମିବ । ଖାଉଟି ଭାବୁଥିଲେ, ଅଗଷ୍ଟ ଦ୍ୱିତୀୟ ସପ୍ତାହ ବେଳକୁ ପକେଟ୍‌କୁ ଟିକେ ଆଶ୍ୱସ୍ତି ମିଳିବ । କିନ୍ତୁ କାହିଁକି କୁହାଯାଏ 'ଅର୍ଥନୀତିର ପାଣିପାଗ ଅନିଶ୍ଚିତ', ତାହା ଗତ ୩ ଦିନ ମଧ୍ୟରେ ସ୍ପଷ୍ଟ ହୋଇଯାଇଛି। ପଶ୍ଚିମ ଏସିଆରୁ ଆସିଥିବା ଯୁଦ୍ଧର ବାର୍ତ୍ତା ସାରା ବିଶ୍ୱର ତେଲ ବଜାରରେ ନିଆଁ ଲଗାଇ ଦେଇଛି । ସମଗ୍ର ବିଶ୍ୱ ଏବେ ହର୍ମୁଜ ପ୍ରଣାଳୀ ଉପରେ ନଜର ରଖିଛି। ଏହା କେବଳ ଏକ ସଂକୀର୍ଣ୍ଣ ଜଳପଥ ନୁହେଁ, ବରଂ ବିଶ୍ୱ ଅର୍ଥନୀତିର କଣ୍ଠନଳୀ । ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ବାଟ ଦେଇ ହୋଇଥାଏ । ଇରାନ ଏବଂ ଆମେରିକା ମଧ୍ୟରେ ବଢୁଥିବା ସାମରିକ ତିକ୍ତତା ଏହି ଜଳପଥକୁ ଅଶାନ୍ତ କରିଦେଇଛି । କତାରର ଅଲ୍ ରେକୟାତ ଏବଂ ସାଉଦି ଆରବର ବେଦୟାନ ଭଳି ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣ ବିଶ୍ୱ ବଜାରରେ ଆତଙ୍କ ଖେଳାଇ ଦେଇଛି । ଫଳରେ, ଯେଉଁ ଅଶୋଧିତ ତୈଳ ୭୨ ଡଲାର ତଳେ ଥିଲା, ତାହା ମାତ୍ର ୩ ଦିନରେ ୮୦ ଡଲାର ଛୁଇଁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଇରାନକୁ ଦେଇଥିବା ଚେତାବନୀ ପରିସ୍ଥିତିକୁ ଆହୁରି ଜଟିଳ କରିଛି । ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଏହି ଅଞ୍ଚଳରେ ନିଜର ଗତିବିଧି ବଢ଼ାଇବା ସହ ଇରାନ ଉପରେ କଟକଣା କଠୋର କରିବାକୁ ସଂକେତ ଦେଇଛି । ଯେତେବେଳେ ଦୁଇ ଶକ୍ତିଶାଳୀ ଦେଶ ମୁହାଁମୁହିଁ ହୁଅନ୍ତି, ତାର ସିଧାସଳଖ ପ୍ରଭାବ ଅଶୋଧିତ ତୈଳ ଉପରେ ପଡ଼ିଥାଏ ।

ଭାରତ ତା'ର ଆବଶ୍ୟକତାର ପ୍ରାୟ ୮୦ ପ୍ରତିଶତରୁ ଅଧିକ ତେଲ ଆମଦାନୀ କରେ। ତେଣୁ ଆନ୍ତର୍ଜାତୀୟ ବଜାରରେ ଗୋଟିଏ ଡଲାର ବଢ଼ିଲେ ଭାରତୀୟ ଅର୍ଥନୀତିରେ ତାର କମ୍ପନ ଅନୁଭୂତ ହୁଏ । ଯଦି ପେଟ୍ରୋଲ ଓ ଡିଜେଲ ଶସ୍ତା ନହୁଏ, ତେବେ ପରିବହନ ଖର୍ଚ୍ଚ କମିବ ନାହିଁ। ଫଳରେ ବଜାରରେ ପନିପରିବା, ଡାଲି ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିବ। ଅଧିକ ଦାମରେ ତେଲ କିଣିବା ଫଳରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ପଡ଼ିବ, ଯାହା ଟଙ୍କାର ମୂଲ୍ୟକୁ ଦୁର୍ବଳ କରିପାରେ । ବର୍ତ୍ତମାନ ସ୍ଥିତିରେ ସାଧାରଣ ଜନତାଙ୍କ ପାଇଁ ଶସ୍ତା ପେଟ୍ରୋଲ ଏକ ସ୍ୱପ୍ନ ଭଳି ମନେ ହେଉଛି ।

## ୨ ଘଣ୍ଟାରେ ୪ ଥର ଭୂକମ୍ପ ଝଟକା

ମହାରାଷ୍ଟ୍ର : ଆଜି ମହାରାଷ୍ଟ୍ରର ମରାଠୱାଡା ଏବଂ ନାଦେଡ଼ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଛି । ଯାହାର ତୀବ୍ରତା ୩.୬ ଏବଂ ୪.୬ ଥିବା ସୂଚନା ମିଳିଛି । ରାତି ପ୍ରାୟ ୧ଟା ୩୭ ମିନିଟ ଏବଂ ୩ ଟା ୨୩ ମିନିଟ ସମୟରେ ଏହି ଭୂକମ୍ପ ଅନୁଭୂତ ହୋଇଛି । ଏହି ଭୂକମ୍ପ ପରେ ଲୋକେ ଭୟରେ ଘର ବାହାରକୁ ଦୌଡିବାକୁ ଆରମ୍ଭ କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ । ସୂଚନାନୁଯାୟୀ, ଦୁଇ ଘଣ୍ଟା ମଧ୍ୟରେ ମହାରାଷ୍ଟ୍ରରେ ୪ ଥର ଭୂକମ୍ପ ଝଟକା ଅନୁଭୂତ ହୋଇଥିବା ଜଣାପଡିଛି । ପ୍ରଥମ ଭୂକମ୍ପ ଝଟକା ୧ ଟା ୩୭ ମିନିଟରେ ଅନୁଭୂତ ହୋଇଥିଲା । ଯାହାର ତୀବ୍ରତା ୪.୬ ଥିଲା । ଦ୍ୱିତୀୟ ଭୂକମ୍ପ ୩.୬ ତୀବ୍ରତାର ୨ ଟା ୧୫ ମିନିଟରେ ଅନୁଭୂତ ହୋଇଥିଲା । ତୃତୀୟ ଥର ପାଇଁ ୨ ଟା ୧୭ ମିନିଟରେ ୩.୯ ତୀବ୍ରତା ଏବଂ ୩ ଟା ୨୩ ମିନିଟରେ ୪.୧ ତୀବ୍ରତାର ଭୂକମ୍ପ ହୋଇଥିଲା । ଏହି ଭୂକମ୍ପ ମରାଠୱାଡା, ନାଦେଡ଼, ହିଙ୍ଗୋଲି ଏବଂ ପରଭାନୀରେ ହୋଇଥିଲା । ଫଳରେ ଭୟଭୀତ ହୋଇ ଲୋକେ ଭୟରେ ଘର ବାହାରକୁ ଦୌଡି ଆସିଥିଲା ।

# ଆର୍ଜେଣ୍ଟିନା ବିଜୟକୁ ନେଇ ବିବାଦ

ଆଟଲାଣ୍ଟା,୯।୭: ଦୀର୍ଘ ୭୮ ମିନିଟ୍ ଯାଏ ଇଜିପ୍ଟ ଅଧିପତ୍ୟ ବିସ୍ତାର କଲା। ୨-୦ରେ ଆଗୁଆ ରହି ଫିଫା ଫୁଟ୍‌ବଲ୍ ବିଶ୍ୱକପ୍ ଇତିହାସର ଅନ୍ୟତମ ବଡ ବିପର୍ଯ୍ୟୟ ସୃଷ୍ଟି କରିବାର ସମ୍ଭବନା ବି ସୃଷ୍ଟି କଲା। ଶେଷ ୧୧ ମିନିଟ୍‌ରେ କିନ୍ତୁ ମ୍ୟାଜିକାଲ୍ ମେସିଙ୍କ ଅସାଧାରଣ ଆର୍ଜେଣ୍ଟିନା ଦଳ ଅବିଶ୍ୱସନୀୟ ପ୍ରତ୍ୟାବର୍ତ୍ତନ କଲା। ୪ ମିନିଟ୍ ଭିତରେ ଦୁଇଟି ଗୋଲ୍ ଦେଇ ଧମାକାଦାର ଢଙ୍ଗରେ ସ୍ଥିତି ବରାବର କଲା। ପୁଣି ଆହତ ସମୟରେ ଆଉ ଏକ ଗୋଲ୍ ଦେଇ ଚଳିତ ବିଶ୍ୱକପ୍‌ର ସବୁଠୁ ରୋମାଞ୍ଚକ ତଥା ନାଟକୀୟ ବିଜୟ (୩-୨) ହାସଲ କଲା। କ୍ୱାର୍ଟର ଫାଇନାଲ୍ ଟିକେଟକୁ ମଧ ଷ୍ଟାଇଲ୍‌ରେ ଇଜିପ୍ଟ ପଞ୍ଝାରୁ ଛଡାଇ ଆଣିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ପଛୁଆ ରହିବା ପରେଏହି ଲାଟିନ୍ ଆମେରିକୀୟ ଦେଶର ପ୍ରଶଂସକ ଛାତିର ସ୍ପନ୍ଦନ କ୍ରମଶଃ ବି ଚାଲିଥିଲା। କେତେକ ତ ପୂରା ଆଶା ଛାଡି ଦେଇଥିଲେ। ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା କିନ୍ତୁ ଆତ୍ମବିଶ୍ୱାସ ହରାଇ ନଥିଲା। ଗୋଲ୍ ପରେ ଗୋଲ୍ ଏବଂ ଏକଲୟରେ ତିନିଟି ସଫଳତା ଅର୍ଜନ କରି ଇଜିପ୍ଟକୁ ବିଦାୟର ପଥ ଦେଖାଇ ଦେଇଥିଲା। ମେସି କାହିଁକି ମହାନ ଏବଂ ଆର୍ଜେଣ୍ଟିନା କେମିତିଆ କୁଶଳୀ ବିଶ୍ୱବିଜୟୀ, ତାହା ଏହି ମ୍ୟାଚ୍‌ରୁ ପୁନର୍ବାର ସ୍ପଷ୍ଟ ହୋଇଯାଇଥିଲା। ହାରକୁ କିଭଳି ଭାବେ ବିଜୟରେ ପରିଣତ କରାଯାଇଥାଏ, ସେକଥା ମଧ ମେସି ବାହିନୀ ଶିଖାଇ ଦେଇଥିଲା। ମଙ୍ଗଳବାରର ଏହି ମାଇଲଖୁଣ୍ଟ ମୁକାବିଲାର ପଞ୍ଚଦଶ ମିନିଟ୍‌ରେ ଯାସେର ଇବ୍ରାହିମଙ୍କ ହେଡର ଗୋଲ୍‌ରେ ଇଜିପ୍ଟ ଅପ୍ରତ୍ୟାଶିତ ଭାବେ ଅଗ୍ରଣୀ ହୋଇଥିଲା।

ଏହାପରେ ଗୋଲରକ୍ଷକ ମୁସ୍ତାଫା ସେବିର ଅସାଧାରଣ ପ୍ରଦର୍ଶନ କରି ଅର୍ଜେଣ୍ଟିନାର ଏକାଧିକ ସୁଯୋଗକୁ ବିଫଳ କରିଥିଲେ। ସେ ଲିଓନେଲ ମେସିଙ୍କ ପେନାଲ୍ଟିକୁ ସଫଳତାର ସହ ରୋକିବା ସହ ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର ଓ ଜୁଲିଆନ୍ ଆଲଭାରେଜଙ୍କ ପ୍ରୟାସକୁ ମଧ ନିଷ୍ଫଳ କରି ଦେଇଥିଲେ। ୬୭ତମ ମିନିଟ୍‌ରେ ମହମ୍ମଦ ସାଲାହ ଓ ହାଇସେମ୍ ହାସନଙ୍କ ଦ୍ରୁତ ଆକ୍ରମଣକୁ ସଫଳ ଭାବେ ଗୋଲ୍ ପୋଷ୍ଟ ଭିତରେ ପୂରାଇ ଜିଜୋ (ମୋସ୍ତାଫା ଜିଜୋ) ଇଜିପ୍ଟକୁ ୨-୦ରେ ଆଗୁଆ କରିଥିଲେ। ଏକଥାକୁ ଫୁଟ୍‌ବଲ୍ ପ୍ରଶଂସକ ବି ବିଶ୍ୱାସ କରି ପାରି ନଥିଲେ। ୨-୦ରେ ପଛୁଆ ଥିବା ଅର୍ଜେଣ୍ଟିନା ଶେଷ ପର୍ଯ୍ୟାୟରେ ଅଭୂତପୂର୍ବ ଲଢେଇ କରିଥିଲା। ୭୯ତମ ମିନିଟ୍‌ରେ କ୍ରିଷ୍ଟିଆନ୍ ରୋମେରୋ ଗୋଟିଏ ଗୋଲ୍ ଶୁଝି ଦେଇଥିଲେ। ଏହାର ୫ମିନିଟ୍ ପରେ ଅଧିନାୟକ ମେସି ଦର୍ଶନୀୟ ଗୋଲ୍ କରି ସ୍କୋରକୁ ୨-୨ କରିଦେଇଥିଲେ। ଆହତ ସମୟର ଦ୍ୱିତୀୟ ମିନିଟ୍‌ରେ ଏନ୍‌ଜୋ ଫର୍ଣ୍ଣାଣ୍ଡେଜ୍ ବିଜୟସୂଚକ ଗୋଲ୍ କରି ଅର୍ଜେଣ୍ଟିନାକୁ କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚାଇ ଦେଇଥିଲେ। ତେବେ ଆର୍ଜେଣ୍ଟିନାର ଏହି ବିଜୟକୁ ନେଇ ବଡ ବିବାଦ ମୁଣ୍ଡ ଟେକିଛି। ରେଫରିଙ୍କ ପାତରଅନ୍ତର ପାଇଁ ଆମେ ହାରିଲୁ ବୋଲି ଇଜିପ୍ଟ ଅଭିଯୋଗ କରିଛି।

## ଗ୍ଲସେଷ୍ଟରସାୟର ସହ ସାଇ କିଶୋରଙ୍କ ଚୁକ୍ତି

ନୂଆଦିଲ୍ଲୀ,୯।୭(ଏଜେନ୍ସି): ଭାରତୀୟ ଲେଗ୍ ସ୍ପିନର ଆର୍ ସାଇ କିଶୋର ଚଳିତ କାଉଣ୍ଟି ଚାମ୍ପିଅନସିପ୍ ଲାଗି ଗ୍ଲସେଷ୍ଟରସାୟର ସହ ଚୁକ୍ତି କରିଛନ୍ତି। ଗ୍ଲସେଷ୍ଟରସାୟର ପକ୍ଷରୁ ସେ ଚଳିତ



କାଉଣ୍ଟିର ଅବଶିଷ୍ଟ ୬ ମ୍ୟାଚ୍ ଖେଳିବେ। ଏହା ତାଙ୍କର ଦ୍ୱିତୀୟ କାଉଣ୍ଟି ଚୁକ୍ତି। ଗତ ଜୁଲାଇରେ ସେ ସରେ ପକ୍ଷରୁ ୨ କାଉଣ୍ଟି ମ୍ୟାଚ୍ ଖେଳି ୧୧ ୱିକେଟ୍ ଅକ୍ତିଆର କରିଥିଲେ। ଚଳିତ ଋତୁରେ ଗ୍ଲସେଷ୍ଟରସାୟର ୮ ମ୍ୟାଚ୍ ଖେଳି କେବଳ ଗୋଟିଏ ଜିତିଛି। ଫଳରେ ଆଗକୁ ଯିବାର ରାସ୍ତା ଏହି ଦଳର ବନ୍ଦ ହୋଇଯାଇଛି। ହେଲେ ସମ୍ମାନର ସହ ପ୍ରତିଯୋଗିତା ଶେଷ କରିବା ଲାଗି ଏହାର କ୍ରିକେଟ୍ ନିର୍ଦ୍ଦେଶକ ଜନ୍ ଲୁଇସ୍ ଦଳରେ ଭାରତୀୟ ବୋଲର ସାଇ କିଶୋରଙ୍କୁ ସାମିଲ କରିଛନ୍ତି। 'ଦଳରେ ସାଇ କିଶୋରଙ୍କୁ ନେଇ ଆମେ ବହୁତ ଖୁସି। ସେ ଜଣେ ଅଭିଜ୍ଞ କ୍ରିକେଟର। ଆମ କ୍ଲବ୍‌ର ଶେଷ ୬ ମ୍ୟାଚ୍‌ରେ ସେ ଖେଳିବେ। ଏହି ବିଦେଶୀ ସ୍ପିନର ନିଶ୍ଚିତ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି' ବୋଲି ଇଂଲଣ୍ଡ ମହିଳା ଦଳର ପୂର୍ବତନ ପ୍ରଶିକ୍ଷକ ଲୁଇସ୍ କହିଛନ୍ତି। ଚୁକ୍ତି ପରେ ସାଇ କିଶୋର କହିଛନ୍ତି, ଗ୍ଲସେଷ୍ଟରସାୟର ମୋତେ ସୁଯୋଗ ଦେଇଥିବାରୁ ଧନ୍ୟବାଦ। ଗ୍ଲସେଷ୍ଟରସାୟର ଏକ ଭଲ ଦଳ। ମୁଁ ଏହି ଦଳରେ ଖେଳିବାକୁ ଉତ୍ସାହିତ ଅଛି''। ସେ ୱର୍ସେଷ୍ଟରସାୟର ବିପକ୍ଷରେ ଚେଲଟନ୍‌ହାମରେ ଅଗଷ୍ଟ ୨୦ରୁ ଖେଳି ଅଭିଯାନ ଆରମ୍ଭ କରିବେ। ସାଇ କିଶୋର ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୨୪.୨୧ ହାରରେ ୨୨୩ ୱିକେଟ୍ ଅକ୍ତିଆର କରିଛନ୍ତି।

## ଶ୍ରୀଲଙ୍କାରେ ସିରିଜ ହାରିଲା ଯୁବ ଭାରତ

ନୂଆଦିଲ୍ଲୀ,୯।୭: ଭାରତୀୟ କ୍ରିକେଟ ଦଳ ଆଉ ଏକ ସିରିଜ ପରାଜୟ ବରଣ କରିଛି। ଏଥର, ଭାରତର ୧୯ ବର୍ଷରୁ କମ ଦଳ ଶ୍ରୀଲଙ୍କା ବିପକ୍ଷରେ ଯୁବ ଦିନିକିଆ ସିରିଜ ୧-୨ରେ ହାରିଗଲା। ଶ୍ରୀଲଙ୍କା ଏକ ୱିକେଟରେ ନିର୍ଣ୍ଣାୟକ ଦିନିକିଆ ଜିତି ଟିମ ଇଣ୍ଡିଆକୁ ଏକ ବଡ଼ ପରାଜୟ ବରଣ କରାଇଲା। ଏହା ଏକ ରୋମାଞ୍ଚକର ପ୍ରତିଯୋଗିତା ଥିଲା; ଶ୍ରୀଲଙ୍କା ଶେଷ ବଲରେ ବିଜୟ ହାସଲ କରିଥିଲା ଏବଂ କେବଳ ଗୋଟିଏ ୱିକେଟ ବାକି ଥିଲା। ଶେଷ ଓଭରରେ ତିନୋଟି ଡଟ ବଲ ସତ୍ତ୍ୱେ ୧୧ ରନ ହୋଇଥିଲା।



ମ୍ୟାଚରେ, ଶ୍ରୀଲଙ୍କା ୧୯ ବର୍ଷରୁ କମ ଦଳ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଦଳ ସେମାନଙ୍କର ୫୦ ଓଭରରେ ୮ ୱିକେଟ ହରାଇ ମୋଟ ୨୯୦ ରନ କରିଥିଲା। ତୃତୀୟ ନମ୍ବରରେ ବ୍ୟାଟିଂ କରୁଥିବା ଭିକେ ଭିନୀଥ ଏକ ଚମତ୍କାର ଇନିଂସ ଖେଳି ୧୩ ଚୌକା ଏବଂ ୩ ଛକା ସହାୟତାରେ ୧୩୧ ରନ କରିଥିଲେ। ଏହା ବ୍ୟତୀତ, ଲକ୍ଷ୍ୟ ରାଜେଶ ରାଇଚନ୍ଦାନି ୬୧ ରନ କରିଥିଲେ। ଶ୍ରୀଲଙ୍କା ପାଇଁ, ସେଥାମିକା ସେନେଭିରତ୍ନେ ୪ ୱିକେଟ ଦଖଲ କରି ଶ୍ରେଷ୍ଠ ବୋଲର ଥିଲେ। ଶ୍ରୀଲଙ୍କା ବିଜୟ ପାଇଁ ୫୦ ଓଭରରେ ୯ ୱିକେଟ ହରାଇ ୨୯୧ ରନ କରି ଲକ୍ଷ୍ୟ ହାସଲ କରିଥିଲା। ଦଳକୁ ଶେଷ ଓଭରରେ ୧୧ ରନ ଆବଶ୍ୟକ ଥିଲା, ଯାହା ଚାମିକା ହୀନାଟିଗାଲା ପୂରଣ କରିଥିଲେ। ସେ ପ୍ରଥମେ ଏକ ଡଟ ବଲ ଖେଳିଥିଲେ, ତା'ପରେ ଦ୍ୱିତୀୟ ଡେଲିଭରିରେ ଚୌକା ମାରିଥିଲେ। ଆଉ ଦୁଇଟି ଡଟ ବଲ ପରେ, ସେ ପଞ୍ଚମ ବଲରେ ଏକ ଛକା ମାରିଥିଲେ। ଶେଷ ଡେଲିଭରିରେ ମାତ୍ର ଗୋଟିଏ ରନ ଆବଶ୍ୟକ ଥିଲା, ସେ ତାଙ୍କ ଦଳ ପାଇଁ ବିଜୟ ସୁନିଶ୍ଚିତ କରିବା ପାଇଁ ସହଜରେ ଏହା କରିଥିଲେ।

ସପ୍ତମ ନମ୍ବରରେ ବ୍ୟାଟିଂ କରୁଥିବା, ଚାମିକା ହୀନାଟିଗାଲା ସର୍ବାଧିକ ସ୍କୋରିଂ ଇନିଂସ ଖେଳିଥିଲେ, ୬୮ ବଲରେ ୮୪ ରନ କରି ଅପରାଜିତ ରହିଥିଲେ; ତାଙ୍କ ଇନିଂସରେ ୭ ଚୌକା ଏବଂ ୨ ଛକା ଅନ୍ତର୍ଭୁକ୍ତ ଥିଲା। ସେନୁଜା ୱାକୁନାଗୋଡା ମଧ ୬୭ ରନର ଇନିଂସରେ ଅବଦାନ ରଖିଥିଲେ। ଭାରତ ପାଇଁ ଅନମୋଲଜିତ ସିଂହ ସର୍ବାଧିକ ୪ ୱିକେଟ ନେଇଥିଲେ। ଏହିପରି, ଶ୍ରୀଲଙ୍କା ୧୯ ବର୍ଷରୁ କମ ଦଳ ରୋମାଞ୍ଚକର ମ୍ୟାଚ ଜିତି ସିରିଜ କବଜା କରିଥିଲା। ଦଳ ପ୍ରଥମ ଯୁବ ଦିନିକିଆରେ ୪ ୱିକେଟ ବିଜୟ ସହିତ ସିରିଜ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ, ଶ୍ରୀଲଙ୍କା ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା, ପରବର୍ତ୍ତୀ ଦୁଇଟି ମ୍ୟାଚ ଜିତି ସିରିଜ କବଜା କରିଥିଲା। ଏବେ, ଦୁଇ ଦଳ ମଧ୍ୟରେ ଦୁଇଟି ଅଣଆନୁଷ୍ଠାନିକ ଟେଷ୍ଟ ମ୍ୟାଚ ଖେଳାଯିବ।

## କେରଳ ଲିଗ୍‌ରୁ ଓହରିଲେ ସାମସନ

ନୂଆଦିଲ୍ଲୀ,୯।୭:(ଏଜେନ୍ସି):ବ୍ୟକ୍ତିଗତ କାରଣରୁ ସଞ୍ଜୁ ସାମସନ କେରଳ କ୍ରିକେଟ ଲିଗରେ ଖେଳିବେ ନାହିଁ। ପୂର୍ବରୁ, କୋଚି ବ୍ଲୁ ଟାଇଗର୍ସ ସାମସନଙ୍କୁ ସେମାନଙ୍କର ରିଟେନସନ ତାଲିକାରେ ସାମିଲ କରିନଥିଲା, ଏବଂ ଏବେ ତାଙ୍କୁ ୧୫୬ ଖେଳାଳିଙ୍କ ନିଲାମ ତାଲିକାରୁ ମଧ ବାଦ ଦିଆଯାଇଛି। ଜଣାଯାଏ ଯେ ସାମସନ ନିଜେ ନିଲାମରେ ପ୍ରବେଶ କରିବାକୁ ମନା କରିଦେଇଥିଲେ। ଗତ ବର୍ଷ, କୋଚି ବ୍ଲୁ ଟାଇଗର୍ସ ସଞ୍ଜୁ ସାମସନଙ୍କୁ ୨୬.୮୦ ଲକ୍ଷରେ କିଣିଥିଲା, ଯାହା ତାଙ୍କୁ କେସିଏଲ୍ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି କରିଥିଲା। କେସିଏଲ୍ ୨୦୨୫ରେ, ସାମସନ ମାତ୍ର ପାଞ୍ଚ ଇନିଂସରେ ୩୬୮ ରନ କରିଥିଲେ।



ସ୍ପୋର୍ଟଷ୍ଟାର ଅନୁଯାୟୀ, କେସିଏଲ୍ ଗଭର୍ଣ୍ଣିଂ କାଉନସିଲର ଅଧକ୍ଷ ନଜର ମାଚାନ କହିଛନ୍ତି ଯେ ସଞ୍ଜୁ ସାମସନ କଉଖ ଅଧିକାରୀ ଏବଂ କୋଚି ବ୍ଲୁ ଟାଇଗର୍ସଙ୍କୁ ଜଣାଇ ଦେଇଥିଲେ ଯେ ସେ ଲିଗର ତୃତୀୟ ସିଜିନରେ ଅଂଶଗ୍ରହଣ କରିବେ ନାହିଁ। ଫଳସ୍ୱରୂପ, କୋଚି ବ୍ଲୁଟାଇଗର୍ସ ଦ୍ୱାରା ତାଙ୍କର ମୁକ୍ତି ଆଶ୍ଚର୍ଯ୍ୟଜନକ ନୁହେଁ। କେରଳ କ୍ରିକେଟ ଲିଗର ତୃତୀୟ ସିଜିନ ଅଗଷ୍ଟ ୨୦ ରେ ଆରମ୍ଭ ହେବାକୁ ଯାଉଛି, ଫାଇନାଲ ସେପ୍‌ଟେମ୍ବର ୫ ରେ ହେବ। ସଞ୍ଜୁ ସାମସନଙ୍କୁ ସମ୍ପ୍ରତି ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଛି। ସେ ଆୟରଲ୍ୟାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ତିନୋଟି ମ୍ୟାଚରେ ମୋଟ ମାତ୍ର ୬ ରନ କରିପାରିଥିଲେ। ଫଳରେ, ଇଂଲଣ୍ଡ ବିପକ୍ଷରେ ତୃତୀୟ ଟି-୨୦ ମ୍ୟାଚ ପାଇଁ ତାଙ୍କୁ ପ୍ଲେଇଂ ଏକାଦଶରୁ ବାଦ ଦିଆଯାଇଥିଲା, ତାଙ୍କ ସ୍ଥାନରେ ବୈଭବ ସୂର୍ଯ୍ୟବଂଶୀ ସ୍ଥାନ ପାଇଥିଲେ। ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ସମ୍ପ୍ରତି କହିଛନ୍ତି ଯେ ସାମସନଙ୍କୁ ବାଦ ଦିଆଯିବାର ଅର୍ଥ ନୁହେଁ ଯେ ସେ ଦଳକୁ ଫେରିପାରିବେ ନାହିଁ। ଚତୁର୍ଥ ଟି-୨୦ ମ୍ୟାଚ ପାଇଁ ସାମସନଙ୍କୁ ପ୍ଲେଇଂ ଏକାଦଶରେ ସାମିଲ କରାଯାଇପାରେ ବୋଲି ସମ୍ଭାବନା ରହିଛି।

## ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ,୯।୭: ସ୍କଟ୍‌ଲାଣ୍ଡର ଗ୍ଲାସଗୋଠାରେ ଜୁଲାଇ ୨୩ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୩ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲୁଜି) ପାଇଁ ଚୂଡ଼ାନ୍ତ ଭାରତୀୟ ଦଳ ଘୋଷଣା ହୋଇଛି । ଏହି ପ୍ରତିଯୋଗିତା ପାଇଁ ଆଥଲେଟିକ୍ସ, ଜିମ୍ନାଷ୍ଟିକ୍ସ ଏବଂ ବକ୍ସିଂ ଦଳରେ ଅନେକ ଷ୍ଟାର୍ ଖେଳାଳିଙ୍କୁ ସାମିଲ କରାଯାଇଛି। ଗୈାଡ଼କୁଦ ପୁରୁଷ ଦଳର ନେତୃତ୍ୱ ଓଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା (ଜାଭେଲିନ୍ ଥ୍ରୋ) ନେଉଥିବା ବେଳେ ମୁରଲୀ ଶ୍ରୀଶଙ୍କର (ଲଙ୍ଗ୍ ଜମ୍ପ), ତାଜିନ୍ଦରପାଲ୍ ସିଂହ ତୁର୍ (ସଟ୍ ପୁଟ୍) ଏବଂ ଅନିମେଷ କୁଜୁରଙ୍କ ଭଳି ତାରକା ସାମିଲ ଅଛନ୍ତି । ମହିଳା ଗୈାଡ଼କୁଦ ଦଳରେ ପାରୁଲ ଚୌଧୁରୀ ଏବଂ ପ୍ରିୟଙ୍କା ଗୋସ୍ୱାମୀ ପ୍ରମୁଖ ଦେଶର ପ୍ରତିନିଧିତ୍ୱ କରିବେ । ଜିମ୍ନାଷ୍ଟିକ୍ସରେ ପ୍ରଣତି ନାୟକ ଏବଂ ବକ୍ସିଂରେ ଓଲିମ୍ପିକ୍ ପଦକ ବିଜେତା ଲଭଲିନା ବରଗୋହାଇଁଙ୍କ ଉପରେ ସମସ୍ତଙ୍କ ନଜର ରହିବ । ତେବେ ୩-୩ ବାସ୍କେଟ୍‌ବଲ୍ ଦଳ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ଆୟୋଜକଙ୍କ ପକ୍ଷରୁ ସବୁଠାରୁ ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି କ୍ରୀଡ଼ାପ୍ରେମୀଙ୍କୁ ନିରାଶ କରିଛି । ଖର୍ଚ୍ଚ କାଟ୍ ଆଳରେ ଏଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ୯ଟି ନିୟମିତ ଖେଳକୁ ବାଦ୍ ଦିଆଯାଇଛି । ଏହି ତାଲିକାରେ କ୍ରିକେଟ୍, ହକି, କୁସ୍ତି, ବ୍ୟାଡ଼ମିଣ୍ଟନ୍, ଟେବୁଲ୍ ଟେନିସ୍, ସ୍କ୍ୱାସ୍, ସୁଟିଂ, ଟ୍ରାଏଥଲନ୍ ଏବଂ ରଗ୍‌ବି ସେଭେନ୍ସ ସାମିଲ ରହିଛି । ବିଶେଷ କରି ସୁଟିଂକୁ ପୂର୍ବଥର ଭଳି ଏଥର ମଧ ଦୂରେଇ ରଖାଯାଇଛି । ଯେଉଁ ଖେଳଗୁଡ଼ିକରେ ଭାରତର ପଦକ ଜିତିବା ପ୍ରାୟ ନିଶ୍ଚିତ ଥିଲା, ସେହି ଖେଳଗୁଡ଼ିକୁ ବାଦ୍ ଦିଆଯିବା ଫଳରେ ଏଥର ଭାରତର ମୋଟ ପଦକ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବା ଆଶଙ୍କା କରାଯାଉଛି, ଯାହା ଭାରତୀୟ ଶିବିର ପାଇଁ ଏକ ବଡ଼ ଧକ୍କା ।

୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ରେକର୍ଡକୁ ଦେଖିଲେ ଏହି ଆଶଙ୍କା ସ୍ପଷ୍ଟ ଜଣାପଡୁଛି । ଗତ ସଂସ୍କରଣରେ ଭାରତ ମୋଟ ୬୧ଟି ପଦକ ଜିତି ଚତୁର୍ଥ ସ୍ଥାନରେ ରହିଥିଲା । ସେଥିମଧ୍ୟରୁ କେବଳ କୁସ୍ତିରୁ ୧୨ଟି, ବ୍ୟାଡ଼ମିଣ୍ଟନରୁ ୬ଟି, ଟେବୁଲ ଟେନିସରୁ ୭ଟି ଏବଂ କ୍ରିକେଟରୁ ୧ଟି ପଦକ ମିଳିଥିଲା । ଅର୍ଥାତ୍ ବାଦ୍ ପଡ଼ିଥିବା ଖେଳଗୁଡ଼ିକରୁ ଭାରତ ମୋଟ ୨୬ଟି ପଦକ ହାସଲ କରିଥିଲା, ଯେଉଁଥିରେ ୧୩ଟି କେବଳ ସ୍ୱର୍ଣ୍ଣ ପଦକ ଥିଲା। ବର୍ମିଂହାମରେ ସୁଟିଂ ନଥାଇ ମଧ ଭାରତୀୟ ଆଥଲେଟମାନେ ୨୨ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୨୩ଟି କାଂସ୍ୟ ପଦକ ଜିତି ଚମତ୍କାର ପ୍ରଦର୍ଶନ କରିଥିଲେ ।

ଏଭଳି ପରିସ୍ଥିତିରେ, ଯେଉଁ ଖେଳଗୁଡ଼ିକ ବର୍ତ୍ତମାନ ସାମିଲ ଅଛି, ସେଥିରେ ଭାରତୀୟ ଖେଳାଳିଙ୍କ ଉପରେ ସଫଳତା ପାଇଁ ଅଧିକ ଚାପ ରହିବ । ବିଶେଷ କରି ଗୈାଡ଼କୁଦ ଏବଂ ବକ୍ସିଂ ଦଳ ଉପରେ ଦେଶକୁ ପଦକ ତାଲିକାରେ ଆଗରେ ରଖିବା ପାଇଁ ଏକ ବଡ଼ ଦାୟିତ୍ୱ ରହିଛି । ପ୍ରତିକୂଳ ନିୟମ ଏବଂ ପ୍ରମୁଖ ଖେଳ ବାଦ୍ ପଡ଼ିବା ସତ୍ତ୍ୱେ ଭାରତୀୟ ଖେଳାଳିମାନେ ଗ୍ଲାସଗୋ ମାଟିରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣିବେ ବୋଲି ଆଶା କରାଯାଉଛି ।

## ଜନ୍ମଦିନରେ ଘରକୁ ଫେରିଲା ଜର୍ଦ୍ଦାନଙ୍କ ପାର୍ଥିବ ଶରୀର

କାବୁଲ,୯।୭: ଯେଉଁ ଦିନ ଜନ୍ମଦିନର ଖୁସି ମନାଯାଇଥାନ୍ତା, ସେହି ଦିନ ଘରକୁ ଫେରିଲା ପାର୍ଥିବ ଶରୀର। ଆଫଗାନିସ୍ତାନର ପୂର୍ବତନ ଦ୍ରୁତ ବୋଲର ଶାପୁର ଜାଦ୍ରନଙ୍କ ଦେହାନ୍ତ ପରେ ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି, ଯାହା ସମଗ୍ର କ୍ରିକେଟ ଜଗତକୁ ସ୍ତବ୍ଧ କରିଦେଇଛି। ଦୀର୍ଘ ଦିନ ଧରି ଗମ୍ଭୀର ରୋଗ ସହ ଲଢୁଥିବା ଶାପୁର ମାତ୍ର ୩୮ ବର୍ଷ ବୟସରେ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି।



ଗତ ଜୁଲାଇ ୭ ତାରିଖରେ ଭାରତର ଦିଲ୍ଲୀ-ଏନସିଆର (ଉତ୍ତରକ୍ଷସ-ଘଉଜ) ର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ 'ଇମ୍ୟୁନ ସିଷ୍ଟମ' (ରୋଗ ପ୍ରତିରୋଧକ ଶକ୍ତି) ଜନିତ ଏକ ଗମ୍ଭୀର ରୋଗରେ ପୀଡ଼ିତ ଥିଲେ। ଜୁଲାଇ ୮ ତାରିଖ ବୁଧବାର ଶାପୁରଙ୍କର ୩୯ତମ ଜନ୍ମଦିନ ଥିଲା, କିନ୍ତୁ ଏହାର ଠିକ ଦିନକ ପୂର୍ବରୁ ସେ ଦୁନିଆକୁ ଅଲବିଦା କହିଦେଇଥିଲେ। ବୁଧବାର ତାଙ୍କ ଜନ୍ମଦିନରେ ହିଁ ତାଙ୍କ ମୃତଦେହ କାବୁଲ ଏୟାରପୋର୍ଟରେ ପହଞ୍ଚିଥିଲା।ଶାପୁର ଜାଦ୍ରାନଙ୍କ ପାର୍ଥିବ ଶରୀର ଯେତେବେଳେ କାବୁଲ ବିମାନବନ୍ଦରରେ ପହଞ୍ଚିଲା, ସେଠାରେ ଏକ ଅତ୍ୟନ୍ତ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଆଫଗାନିସ୍ତାନ କ୍ରିକେଟ ବୋର୍ଡର ଅଧିକାରୀ, ପରିବାର ଲୋକଙ୍କ ସହ ଷ୍ଟାର କ୍ରିକେଟର ରଶିଦ ଖାନ, ମହମ୍ମଦ ନବୀଙ୍କ ଭଳି ଅନେକ ବର୍ତ୍ତମାନ ଓ ପୂର୍ବତନ ଖେଳାଳି ସେଠାରେ ଉପସ୍ଥିତ ଥିଲେ। ନିଜର ପୁରୁଣା ସାଥୀଙ୍କୁ ଏଭଳି ଅବସ୍ଥାରେ ଦେଖି ଖେଳାଳିମାନେ ନିଜ କୋହ ସମ୍ଭାଳି ପାରିନଥିଲେ। ଷ୍ଟାର ସ୍ପିନର ରଶିଦ ଖାନଙ୍କ ଆଖିରୁ ଲୁହ ଶୁଖୁନଥିବା ବେଳେ ପୂର୍ବତନ ଅଧିନାୟକ ମହମ୍ମଦ ନବୀ ମଧ ବେଶ ଭାବୁକ ହୋଇ କାନ୍ଦୁଥିବାର ଦେଖିବାକୁ ମିଳିଥିଲା।୧୯୮୭ ଜୁଲାଇ ୮ରେ ଆଫଗାନିସ୍ତାନର ଲୋଗର ପ୍ରଦେଶରେ ଜନ୍ମଗ୍ରହଣ କରିଥିବା ଶାପୁର ଜାଦ୍ରନ ନିଜର ଲମ୍ବା ଚେହେରା, ଲମ୍ବା କେଶ ଏବଂ ଜବରଦସ୍ତ ଦ୍ରୁତ ବୋଲିଂ ପାଇଁ ବେଶ ଜଣାଶୁଣା ଥିଲେ। ଆଫଗାନିସ୍ତାନ କ୍ରିକେଟକୁ ଆଗକୁ ନେବାରେ ତାଙ୍କର ବଡ଼ଅବଦାନ ଥିଲା। ସେ ନିଜ କ୍ୟାରିୟର ମଧ୍ୟରେ ଭାରତର ବୀରେନ୍ଦ୍ର ସେହୱାଗ ଏବଂ ଗୌତମ ଗମ୍ଭୀରଙ୍କ ଭଳି ବିଶ୍ୱସ୍ତରୀୟ ଭେଟେରାନ ବ୍ୟାଟରଙ୍କୁ ଆଉଟ କରିଥିଲେ।

## 'ଅନ୍ଧକାର ଆଡକୁ ଯାଉଛି ଭାରତୀୟ କ୍ରିକେଟର୍ ଭବିଷ୍ୟତ'

ନୂଆଦିଲ୍ଲୀ,୯।୭: ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ ଭାରତୀୟ କ୍ରିକେଟ୍ ଦଳର ବର୍ତ୍ତମାନର ରଣନୀତି ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଏବଂ ଦଳ ପରିଚାଳନା ଦ୍ୱାରା ନିଆଯାଇଥିବା ଅନେକ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ଇଂଲଣ୍ଡ ଗସ୍ତ ସମୟରେ ନିଆଯାଇଥିବା ନିଷ୍ପତ୍ତି ଦଳକୁ ଏକ ଅନ୍ଧକାରମୟ ଭବିଷ୍ୟତ ଆଡ଼କୁ ଠେଲି ଦେଉଛି ବୋଲି ସେ କହିଛନ୍ତି। ଇଂଲଣ୍ଡ ବିପକ୍ଷରେ ଲଗାତାର ଦୁଇଟି ମ୍ୟାଚ ହାରିବା ପୂର୍ବରୁ, ଟିମ ଇଣ୍ଡିଆ ଆୟର୍ଲାଣ୍ଡ ବିପକ୍ଷରେ ୦-୨ରେ ଟି-୨୦ ସିରିଜ ହାରିଥିଲା।



କୈଫ କହିଛନ୍ତି, ଆୟର୍ଲାଣ୍ଡ ଗସ୍ତ ସମୟରେ ଟିମ ଇଣ୍ଡିଆ ଉଭୟ ମ୍ୟାଚ୍‌ରେ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଟିମ ମ୍ୟାନେଜମେଣ୍ଟ ମେଘୁଆ ପରିସ୍ଥିତି ସତ୍ତ୍ୱେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆୟର୍ଲାଣ୍ଡ ବିପକ୍ଷରେ ପରାଜୟ ପରେ ଦଳ ଚାପଗ୍ରସ୍ତ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିଲା, ଯାହା ଫଳରେ ସେମାନେ ପରିସ୍ଥିତିର ସଠିକ ମୂଲ୍ୟାଙ୍କନ ନ କରି ନିଷ୍ପତ୍ତି ନେଇଥିଲେ।କୈଫ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଦୁଇଟି ମ୍ୟାଚ ପାଇଁ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବାଦ ଦେବା ନିଷ୍ପତ୍ତି ଉପରେ ମଧ ପ୍ରଶ୍ନ ଉଠାଇଥିଲେ। ଆୟର୍ଲାଣ୍ଡରେ ଭଲ ବୋଲିଂ କରିବା ପରେ ପ୍ରସିଦ୍ଧଙ୍କୁ ଇଂଲଣ୍ଡ ସିରିଜ ପାଇଁ କାହିଁକି ବାଦ ଦିଆଯାଇଥିଲା ବୋଲି ସେ କହିଛନ୍ତି।

ସଞ୍ଜୁ ସାମସନଙ୍କୁ ବାଦ ଦେବା ସମ୍ପର୍କରେ କୈଫ ସୌରଭ ଗାଙ୍ଗୁଲିଙ୍କ ଉଦାହରଣ ଦେଇଥିଲେ। ସେ ମନେ ପକାଇଥିଲେ ଯେ, ୨୦୦୩ ବିଶ୍ୱକପ ସମୟରେ ଭାରତରେ ଓପନର ଭାବରେ ସଚିନ, ସୌରଭ ଏବଂ ସେହ୍ୱାଗ ଉପଲବ୍ଧ ଥିଲେ ଏବଂ 'ଦାଦା' (ଗାଙ୍ଗୁଲି) ନିଶ୍ଚିତ କରିଥିଲେ ଯେ ତିନି ଜଣଙ୍କ ପାଇଁ ସ୍ଥାନ ଅଛି; ଜଣେ କେବଳ ଜଣେ ଶ୍ରେଷ୍ଠ ଖେଳାଳିଙ୍କୁ ବାଦ ଦେଇପାରିବେ ନାହିଁ। ସେମାନଙ୍କ ପାଇଁ ସ୍ଥାନ ପ୍ରସ୍ତୁତ କରିବାକୁ ପଡିବ। କୈଫ ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଏକ ତ୍ରୁଟି ମଧ ଦର୍ଶାଇ କହିଛନ୍ତି, ଶ୍ରେୟସ ଆଇପିଏଲରେ କେବଳ ଗୋଟିଏ ପରାଜୟ ପରେ ପ୍ଲେଇଂ ଇଲେଭେନ ପରିବର୍ତ୍ତନ କରୁଥିଲେ। ଏହି ପଦ୍ଧତି ଭୁଲ ଏବଂ ଏହା ଦ୍ୱାରା ଟିମ ଇଣ୍ଡିଆ ଏପର୍ଯ୍ୟନ୍ତ ସଫଳତା ହାସଲ କରିପାରିନାହିଁ।

ଶ୍ରେୟସଙ୍କୁ ସିଧାସଳଖ ଟିମ ଇଣ୍ଡିଆର ଅଧିନାୟକ ଭାବରେ ନିଯୁକ୍ତ କରିଥିବା ଲୋକଙ୍କ ଉପରେ ମଧ ପ୍ରଶ୍ନ ଉଠାଯିବା ଉଚିତ। ପ୍ରଥମେ ତାଙ୍କୁ ଦଳରେ ସାମିଲ କରି ଏବଂ ତା'ପରେ ତାଙ୍କୁ ଆହୁରି ଦାୟିତ୍ୱ ଦେବା ଭଲ ହୋଇଥାନ୍ତା ବୋଲି କୈଫ କହିଛନ୍ତି।

## ଜାତୀୟ ରଗବୀରେ ଓଡ଼ିଶା ବିଜେତା: ଧାମନଗରର ସ୍ୱପ୍ନାରାଣୀଙ୍କ ସଫଳତା

ଧାମନଗର, ୯।୭ (ମହାଭାରତ): ଜାତୀୟ ୧୮ ବର୍ଷରୁ କମ୍ ବାଳିକା ରଗବି ଫୁଟବଲ ପ୍ରତିଯୋଗିତାରେ ଓଡ଼ିଶା ଦଳ ଚାମ୍ପିଅନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛି। ଫାଇନାଲ ମୁକାବିଲାରେ ଶକ୍ତିଶାଳୀ କର୍ଣ୍ଣାଟକ ଦଳକୁ ପରାସ୍ତ କରି ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଦଳର ସଦସ୍ୟା ତଥା ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ପଧାନୀ ପଞ୍ଚାୟତ କଣ୍ଟିଦୋଳ ଗ୍ରାମର ଝିଅ ସ୍ୱପ୍ନାରାଣୀ ବେହେରାଙ୍କ ଏହି ସଫଳତାକୁ ନେଇ ସମଗ୍ର ଧାମନଗର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କ ସଫଳତା କେବଳ ପରିବାର କିମ୍ବା ଜିଲ୍ଲା ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ ପାଲଟିଛି।



କୃଷକ ପରିବାରରେ ଜନ୍ମିତ ସ୍ୱପ୍ନାରାଣୀଙ୍କ ବାପା ଜଣେ ପରିଶ୍ରମୀ କୃଷକ ଏବଂ ମା' ଗୃହିଣୀ। ସୀମିତ ଆର୍ଥିକ ସାମର୍ଥ୍ୟ ସତ୍ତ୍ୱେ ମାତା-ପିତା ସବୁବେଳେ ଝିଅର ଖେଳ ପ୍ରତିଭାକୁ ଚିହ୍ନଟ କରି ତାଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହନ ଦେଇଆସିଥିଲେ। ନିୟମିତ ଅଭ୍ୟାସ, କଠିନ ପରିଶ୍ରମ, ଦୃଢ଼ ମନୋବଳ ଓ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନ ବଳରେ ସେ ରାଜ୍ୟ ଦଳରେ ସ୍ଥାନ ପାଇବା ସହ ଜାତୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଓଡ଼ିଶାକୁ ଚାମ୍ପିଅନ କରାଇବାରେ ନିଜର ଭୂମିକା ନିର୍ବାହ କରିଛନ୍ତି।

ସ୍ୱପ୍ନାରାଣୀଙ୍କ ଏହି ସଫଳତା ପରେ କଣ୍ଟିଦୋଳ ଗ୍ରାମ ସମେତ ଧାମନଗର ଅଞ୍ଚଳରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକ, କ୍ରୀଡ଼ାପ୍ରେମୀ, ଯୁବବର୍ଗ ଓ ଶୁଭେଚ୍ଛୁମାନେ ତାଙ୍କ ପରିବାରକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ସେ ଭାରତୀୟ ଦଳର ଜର୍ସି ପିନ୍ଧି ଆନ୍ତର୍ଜାତୀୟ ସ୍ତରରେ ଦେଶ ପାଇଁ ସଫଳତା ଆଣିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଗ୍ରାମାଞ୍ଚଳର ଜଣେ ଝିଅଙ୍କ ଏଭଳି ସଫଳତା ଅନ୍ୟ ଯୁବ ଖେଳାଳିଙ୍କ ପାଇଁ ମଧ ପ୍ରେରଣା ପାଲଟିଛି।

ସ୍ୱପ୍ନାରାଣୀଙ୍କ କୃତିତ୍ୱ ପାଇଁ ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ଗ୍ରାମାଞ୍ଚଳରୁ ଏଭଳି ପ୍ରତିଭା ବାହାରି ରାଜ୍ୟକୁ ଗୌରବାନ୍ୱିତ କରୁଥିବା ଅତ୍ୟନ୍ତ ଖୁସିର ବିଷୟ। ସେହିପରି ଭଦ୍ରକ ଜିଲ୍ଲା ରଗବି ଫୁଟବଲ ଆସୋସିଏସନର ସଭାପତି କୈଳାଶ ମହାପାତ୍ର, ସମ୍ପାଦକ ଶ୍ରୀଧର ମହାଳିକ, କୋଷାଧକ୍ଷ ତଥା ରଗବି ଫିଜିଓ ଲକ୍ଷ୍ମଣ ନାୟକ (ବାଙ୍କୁ)ଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ସ୍ୱପ୍ନାରାଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନେ କହିଛନ୍ତି, ଯଦି ସେ ଏଭଳି ପରିଶ୍ରମ ଜାରି ରଖନ୍ତି, ତେବେ ନିଶ୍ଚିତ ଭାବେ ଭାରତୀୟ ଦଳରେ ସ୍ଥାନ ପାଇ ଆନ୍ତର୍ଜାତୀୟ ସ୍ତରରେ ଦେଶ ପାଇଁ ସଫଳତା ଆଣିପାରିବେ।କ୍ରୀଡ଼ାପ୍ରେମୀମାନଙ୍କ ମତରେ, ଭଦ୍ରକ ଜିଲ୍ଲା ସମେତ ଧାମନଗର ଅଞ୍ଚଳରେ ରଗବି ଭଳି ଖେଳ ପ୍ରତି ଆଗ୍ରହ ଧୀରେ ଧୀରେ ବଢୁଛି। ତେବେ ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଠିକ୍ ସମୟରେ ଚିହ୍ନଟ କରି ଉନ୍ନତ ପ୍ରଶିକ୍ଷଣ, ଆଧୁନିକ କ୍ରୀଡ଼ା ଭିତ୍ତିଭୂମି ଓ ଆର୍ଥିକ ସହଯୋଗ ଯୋଗାଇ ଦିଆଗଲେ ଓଡ଼ିଶାରୁ ଆହୁରି ଅନେକ ଖେଳାଳି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିପାରିବେ। ସ୍ୱପ୍ନାରାଣୀଙ୍କ ସଫଳତା ସେହି ଦିଗରେ ଏକ ଉଜ୍ଜ୍ୱଳ ଉଦାହରଣ ବୋଲି କ୍ରୀଡ଼ାପ୍ରେମୀମାନେ ମତ ପ୍ରକାଶ କରିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982